CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

- Vol.- 46, Issue No. 189
- Thursday, 08 October 2026
- ଗୁରୁବାର, ୦୮ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ରେପୋ ରେଟ୍ ୫.୫୦ ପ୍ରତିଶତକୁ ବୃଦ୍ଧି
## ଏଣିକି ଗୃହ, ଯାନବାହନ କିସ୍ତି ବଢ଼ିବ

ମୁମ୍ବାଇ, ୭।୧୦: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବଢୁଥିବା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ପ୍ରମୁଖ ନୀତିଗତ ସୁଧ ହାର ରେପୋ ରେଟ୍‌କୁ ବୁଧବାର ପ୍ରାୟ ସାଢ଼େ ତିନି ବର୍ଷ ପରେ ୦.୨୫ ପ୍ରତିଶତ ବଢ଼ାଇ ୫.୫୦ ପ୍ରତିଶତ କରିଛି। ଏହା ସହିତ ଆର୍‌ବିଆଇ ଚଳିତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ଅଭିବୃଦ୍ଧି ହାରର ଅନୁମାନକୁ



୦.୪୦ ପ୍ରତିଶତ ବଢ଼ାଇ ୭.୧ ପ୍ରତିଶତ କରିଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ସୋମବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଦ୍ୱିମାସିକ ସମୀକ୍ଷା ବୈଠକରେ ମୁଦ୍ରାନୀତି କମିଟି (ଏମପିସି) ନେଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ବିଚାରକୁ ନେଇ ଏମପିସି ସର୍ବସମ୍ମତିକ୍ରମେ ରେପୋ ରେଟ୍‌କୁ ୦.୨୫ ପ୍ରତିଶତ ବଢ଼ାଇ ୫.୫୦ ପ୍ରତିଶତ କରିବାକୁ ନିଷ୍ପତ୍ତି ନେଇଛି। ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଆର୍ଥିକ ଅଭିବୃଦ୍ଧି ହାରର ଅନୁମାନକୁ ମଧ୍ୟ ବଢ଼ାଇ ୭.୧ ପ୍ରତିଶତ କରାଯାଇଛି, ଯାହା ପୂର୍ବରୁ ୬.୭ ପ୍ରତିଶତ ଥିଲା। ସେହିପରି ମୁଦ୍ରାସ୍ଫୀତିର ଅନୁମାନକୁ ୫ ପ୍ରତିଶତରୁ ବଢ଼ାଇ ୫.୧ ପ୍ରତିଶତ କରାଯାଇଛି। ସେ ଏହା ମଧ୍ୟ ସଙ୍କେତ ଦେଇଛନ୍ତି ଯେ, ଆଗାମୀ ଦିନରେ ନୀତିଗତ ସୁଧ ହାରରେ ଆଉ ହ୍ରାସର ସମ୍ଭାବନା ନାହିଁ। ଏଥିରେ ବୃଦ୍ଧି ହୋଇପାରେ କିମ୍ବା ଏହା ସ୍ଥିର ରହିପାରେ। ରେପୋ ରେଟ୍ ହେଉଛି ସେହି ସୁଧ ହାର, ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ନିଜର ତତ୍କାଳିକ ଆବଶ୍ୟକତା ପୂରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଠାରୁ ଋଣ ନିଅନ୍ତି। ଆର୍‌ବିଆଇ ରେପୋ ରେଟ୍ ବଢ଼ାଇବା ଫଳରେ ଗୃହ, ଯାନବାହନ ଏବଂ ବାଣିଜ୍ୟିକ ଋଣର ମାସିକ କିସ୍ତି ବଢ଼ିପାରେ। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୨୦୨୩ ପରେ ଏହା ପ୍ରଥମ ଥର, ଯେତେବେଳେ ନୀତିଗତ ସୁଧ ହାର ବୃଦ୍ଧି କରାଯାଇଛି।

### ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

# କଂଗ୍ରେସ ପକ୍ଷରୁ ଆଜି ‘ଓଡ଼ିଶା ବନ୍ଦ’

- ଜାରି ରହିବ ଜରୁରୀକାଳୀନ ସେବା
- ଆଇନଶୃଙ୍ଖଳା ରକ୍ଷା ଲାଗି ଜିଲ୍ଲାପାଳମାନଙ୍କୁ ଦାୟିତ୍ୱ
- ସରକାରୀ କର୍ମଚାରୀ ଆସିବେ ‘ସାଢ଼େ ନଅଟା ସୁଦ୍ଧା ଅଫିସ’

ଭୁବନେଶ୍ୱର,୭।୧୦: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ଓ ଏହାର ସମର୍ଥକ ଦଳ ପକ୍ଷରୁ ଅକ୍‌ଟୋବର ୮ ବାର ଘଣ୍ଟିଆ ବନ୍ଦ ଡ଼ାକରା ଦିଆଯାଇଛି। ବନ୍ଦ ପାଳନକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ କଂଗ୍ରେସ ନିବେଦନ କରିଛି। ବନ୍ଦ ନେଇ କଂଗ୍ରେସ କହିଛି, ଏ ବନ୍ଦ ଶାନ୍ତିପୂର୍ଣ୍ଣ ରହିବ। ମେଡିକାଲ, ଔଷଧ ଦୋକାନ ଓ ଆମ୍ବୁଲାନ୍ସ ଭଳି ଅତ୍ୟାବଶ୍ୟକ ସେବା, ବନ୍ଦରୁ ବାଦ ପଡ଼ିବେ। କିନ୍ତୁ ବସ୍, ଟ୍ରେନ୍ ଭଳି ଯାତାୟାତ ସେବାକୁ ରୋକାଯିବା ସହ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନ ଆଗରେ ପିକେଟିଂ କରାଯିବ। ବନ୍ଦକୁ ସଫଳ କରିବା ପାଇଁ ବସ୍, ଅଟୋ, ଟ୍ରକ୍ ଓ ଅନ୍ୟାନ୍ୟ ସାଧାରଣ/ବାଣିଜ୍ୟିକ ଯାତାୟାତ ବନ୍ଦ ରଖିବା ପାଇଁ କଂଗ୍ରେସ ଅନୁରୋଧ କରିଛି। କଂଗ୍ରେସ କହିଛି କୌଣସି ହସ୍ପିଟାଲ୍ କିମ୍ବା ଚିକିତ୍ସାସେବାକୁ ବନ୍ଦ କରାଯିବ ନାହିଁ। ଛାତ୍ର - ଛାତ୍ରୀ ମାନଙ୍କର ସମସ୍ତ ପ୍ରକାରର ପରୀକ୍ଷା ପାଇଁ କୌଣସି ବାଧା ରହିବ ନାହିଁ। ୧୦୨ ଓ ସମସ୍ତ ପ୍ରକାରର ଆମ୍ବୁଲାନ୍ସକୁ କୌଣସି ପରିସ୍ଥିତିରେ ଅଟକାଯିବ ନାହିଁ।



ରୋଗୀଙ୍କୁ ହସ୍ପିଟାଲ୍ ନେଉଥିବା ଯେକୌଣସି ଗାଡ଼ିକୁ ତୁରନ୍ତ ରାସ୍ତା ଦିଆଯିବ। ଅଗ୍ନିଶମ ବାହିନୀ, ଉଦ୍ଧାରକାରୀ ଦଳ ଓ ଜରୁରୀ ସେବାର ଯାନବାହନକୁ ସମ୍ପୂର୍ଣ୍ଣ ମୁକ୍ତ ରାସ୍ତା ଦିଆଯିବ। ଔଷଧ ଦୋକାନ, ଜନ ଔଷଧି କେନ୍ଦ୍ର ଓ ଜରୁରୀ ଚିକିତ୍ସା ସାମଗ୍ରୀର ଯୋଗାଣକୁ ବନ୍ଦରେ ସାମିଲ କରାଯିବ ନାହିଁ। ତେବେ ସୁରକ୍ଷା ଦୃଷ୍ଟିରୁ ରାଜ୍ୟରେ ଅଟୋ ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ନିଖିଳ ଉତ୍କଳ ଅଟୋ ଚାଳକ ସଂଘର ସାଧାରଣ ସମ୍ପାଦକ। ଅନ୍ୟପକ୍ଷରେ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜଧାନୀରେ ୧୮ ପ୍ଲାଟୁନ୍ ଫୋର୍ସ ସହ ୧୦୦ ଅଫିସରଙ୍କୁ ପ୍ରସ୍ତୁତ ରଖାଯାଇଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସମସ୍ତ ଜିଲାପାଳ ନିଜ ନିଜ ଜିଲ୍ଲାରେ ଆଇନଶୃଙ୍ଖଳା ରକ୍ଷା କରିବା ଉପରେ ଦୃଷ୍ଟି ରଖିବେ। ବନ୍ଦକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ଏବଂ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥିତିକୁ ନେଇ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏସଓପି ଜାରି କରାଯାଇଛି। ଲୋକସେବା ଭବନ ସମେତ ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ ଏବଂ ପ୍ରମୁଖ ବିଭାଗୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପାଇଁ ଏହି ନିର୍ଦ୍ଦେଶ ଲାଗୁ ହେବ। ନିର୍ଦ୍ଦେଶ ଅନୁସାରେ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ ଏବଂ ପ୍ରମୁଖ ବିଭାଗୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସକାଳ ୯ଟା ୩୦ ମିନିଟ୍ ସୁଦ୍ଧା ଅଫିସ୍‌ରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଛି। ସକାଳ ୧୦ଟା ୧୫ ମିନିଟ୍‌ରେ ଲୋକସେବା ଭବନର ସମ୍ମୁଖ ଗେଟ୍ ବନ୍ଦ କରାଯିବ।

### ଜନ୍ତରମନ୍ତର ଅଭିମୁଖେ ଶୋଭାଯାତ୍ରା
## ରାହୁଲ ଓ ପ୍ରିୟଙ୍କାଙ୍କ ସମେତ ‘ଇଣ୍ଡିଆ’ମେଣ୍ଟର ବହୁ ନେତା ଅଟକ

ନୂଆଦିଲ୍ଲୀ,୭।୧୦: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଆନ୍ଦୋଳନ କରିବାକୁ ଜନ୍ତର ମନ୍ତର ଯାଉଥିବା ବେଳେ ବୁଧବାର ପୋଲିସ ‘ଇଣ୍ଡିଆ’ ମେଣ୍ଟର ନେତାମାନଙ୍କୁ ଅଟକ ରଖିଛି। ଏହି ନେତାମାନଙ୍କ ମଧ୍ୟରେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାମିଲ ଥିଲେ। ପୋଲିସ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟାନ୍ୟ ନେତା ଓ କର୍ମୀମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ସେଠାରେ ପ୍ରସ୍ତୁତ ଥିବା ବସ୍‌ରେ ପୋଲିସ ସେମାନଙ୍କୁ ଚଢ଼ାଉଥିବାର ଦେଖିବାକୁ ମିଳିଥିଲା। ଏହା



ପୂର୍ବରୁ, ବିରୋଧୀ ଦଳର ନେତାମାନଙ୍କୁ ନିର୍ବାଚନ କମିଶନଙ୍କୁ ଭେଟିବାକୁ ଅନୁମତି ନ ମିଳିବା ପର୍ଯ୍ୟନ୍ତ ସେଠାରୁ ନ ହଟିବାକୁ ଜିଦ୍ ଧରି ପ୍ରିୟଙ୍କା ଗାନ୍ଧୀ ବିକ୍ଷୋଭକାରୀ ଓ ସୁରକ୍ଷାକର୍ମୀଙ୍କ ଭିଡ଼ ମଧ୍ୟରେ ରାସ୍ତା ଉପରେ ଶୋଇପଡ଼ିଥିଲେ। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଥିଲେ: ‘ଯେଉଁ ସାଂସଦମାନେ କେବଳ ନିର୍ବାଚନ କମିଶନରଙ୍କୁ ଭେଟିବାକୁ ଚାହୁଁଛନ୍ତି, ସେମାନଙ୍କ ସହ ଏଭଳି ବ୍ୟବହାର କରାଯାଉଛି।’ସୁରକ୍ଷାକର୍ମୀମାନେ ସାଂସଦମାନଙ୍କୁ ‘ମାଡ଼ ମାରିଥିବା’ ଅଭିଯୋଗ କରି ସେ କହିଥିଲେ: ‘ପୋଲିସ କର୍ମଚାରୀମାନେ ମୋ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ପହଞ୍ଚାଇଛନ୍ତି। ସେମାନେ ଆମକୁ ତଳେ ଫିଙ୍ଗି ଦେଇଛନ୍ତି। ବର୍ତ୍ତମାନ ଆମେ ଏଠାରୁ ହଟିବୁ ନାହିଁ। ସେମାନେ ନିଜ ଫୋର୍ସକୁ ଫେରାଇ ନିଅନ୍ତୁ। ମୁଁ ଏଠାରୁ ହଟିବି ନାହିଁ।’ କଂଗ୍ରେସ ସାଂସଦ ଇମ୍ରାନ ମାସୁଦ ସୁରକ୍ଷାକର୍ମୀଙ୍କ ବିରୁଦ୍ଧରେ ‘ଲାଠିଚାର୍ଜ’ କରିଥିବାର ଅଭିଯୋଗ ଆଣିଥିଲେ।

## ‘ବିଜେଡି ସମଦୂରତା ବଜାୟ ରଖିଛି’

ଭୁବନେଶ୍ୱର, ୭।୧୦: ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ସ୍ୱାର୍ଥ, ଅଧିକାର ଓ ହକ୍ ପାଇଁ ଦୃଢ଼ ଭାବେ ଠିଆ ହୋଇଆସିଛି। ଓଡ଼ିଶାବାସୀଙ୍କ ସ୍ୱାର୍ଥ ଯେତେବେଳେ ପ୍ରଭାବିତ ହୋଇଛି, ସେତେବେଳେ ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ନିରନ୍ତର ଭାବେ ସ୍ୱର ଉତ୍ତୋଳନ କରିବା ସହ ଲୋକମାନଙ୍କ ପାଇଁ ରାଜରାସ୍ତାରେ ଲଢେଇ କରିଛି ବୋଲି ବିଜେଡି ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ଆସନ୍ତାକାଲି ଡକାଯାଇଥିବା ବନ୍ଦକୁ ବିଜେଡି ନା ସମର୍ଥନ କରୁଛି, ନା ବିରୋଧ କରୁଛି ବୋଲି ସେ କହିଛନ୍ତି। ଆମର ଫୋକସ୍ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ। ବିଜେପି ଓ କଂଗ୍ରେସ ଉଭୟଙ୍କଠାରୁ ବିଜେଡି ସମଦୂରତା ବଜାୟ ରଖିଛି। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଆଧାର କରି ନିଜର ନିଷ୍ପତ୍ତି ନେଇ ଚାଲିବ ବୋଲି ଡ. ମହାନ୍ତି କହିଥିଲେ। ସେ କହିଛନ୍ତି ଯେ, ଏମ୍‌ଏମଡିଆର ସଂଶୋଧନ ଆଇନ୨୦୨୬କୁ ବିଜେଡି ଦୃଢ଼ ଭାବେ ବିରୋଧ କରିଛି। ଏସ୍‌ଆଇଆର୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କାର୍ଯ୍ୟାଳୟ ଅଭିମୁଖେ ରାଲିରେ ବିଜେଡି ରାଜ୍ୟସଭା ସାଂସଦମାନେ ଅଂଶଗ୍ରହଣ କରିଥିଲେ। ବିଜେଡି ଓଡ଼ିଶାବାସୀଙ୍କ ସହ ଠିଆ ହୋଇ ରାଜ୍ୟର ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ନିରନ୍ତର ଲଢ଼େଇ ଜାରି ରଖିବ।

## ୩ ଦିନ ବର୍ଷା, ବଜ୍ରପାତ ଆଶଙ୍କା

ଭୁବନେଶ୍ୱର,୭।୧୦: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଧୀରେଧୀରେ ରାଜ୍ୟରୁ ବିଦାୟ ନେଉଥିବା ବେଳେ ଆଗାମୀ କିଛି ଦିନ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବଜ୍ରପାତ, ଘଡ଼ଘଡ଼ି ସହ ବର୍ଷା ଏବଂ ଝଟକା ପବନର ଆଶଙ୍କା ରହିଛି। ଏଥିପାଇଁ ଭାରତୀୟ ପାଣିପାଗ ବିଭାଗ ଏକାଧିକ ଜିଲ୍ଲା ପାଇଁ ୟେଲୋ ସତର୍କତା ଜାରି କରିଛି।ଦକ୍ଷିଣ ଝାଡ଼ଖଣ୍ଡ ଉପରେ ଥିବା ଉପରି ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ଏବଂ ହରିୟାଣାରୁ ଉତ୍ତର ବଙ୍ଗୋପସାଗର ପର୍ଯ୍ୟନ୍ତ ଲମ୍ବିଥିବା ଟ୍ରଫ୍‌ଲାଇନ୍ ପ୍ରଭାବରେ ବାୟୁମଣ୍ଡଳରେ ଅସ୍ଥିରତା ବଢ଼ିଛି। ଏହାର ପ୍ରଭାବରେ କେତେକ ସ୍ଥାନରେ ଆଗାମୀ ୩ ଦିନ ପ୍ରବଳ ବେଗରେ ପବନ ସହ ବଜ୍ରପାତ ଓ ବର୍ଷା ହୋଇପାରେ। ଗତ କିଛି ଦିନ ଧରି ରାଜ୍ୟରେ ଦିନର ତାପମାତ୍ରା ବଢ଼ିଛି। ଉପକୂଳ ଅଞ୍ଚଳରେ ସ୍ୱାଭାବିକ ତାପମାତ୍ରାଠାରୁ ୩ରୁ ୪ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ୨ରୁ ୩ ଡିଗ୍ରୀ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୩୬.୭ ଡିଗ୍ରୀ ଏବଂ ଭୁବନେଶ୍ୱରରେ ୩୫.୪ ଡିଗ୍ରୀ ତାପମାତ୍ରା ରହିଥିଲା। ଗତ ୨୪ ଘଣ୍ଟାରେ କେତେକ ଉତ୍ତର ଓ କେନ୍ଦ୍ରୀୟ ଜିଲ୍ଲାରେ ସ୍ଥାନୀୟ ଭାବେ ହାଲୁକାରୁ ମଧ୍ୟମ ବର୍ଷା ହୋଇଛି। ସୁନ୍ଦରଗଡ଼ରେ ସର୍ବାଧିକ ୫ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ କାମାକ୍ଷାନଗର, ଅଲତୁମା ଓ କୋରେଇରେ ୩ ସେଣ୍ଟିମିଟର ଲେଖାଏଁ ବର୍ଷା ହୋଇଛି।

## ଏସ୍‌ଇବିସିଙ୍କ ପାଇଁ କମିସନ ଗଠନ

ଭୁବନେଶ୍ୱର,୭।୧୦: ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ବା ଏସ୍‌ଇବିସିଙ୍କ ପାଇଁ କମିସନ ଗଠନ କରିଛନ୍ତି ସରକାର। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହା ଗଠିତ ହୋଇଛି। ସ୍ୱାୟତ୍ତ ଶାସନ ସଂସ୍ଥା ଅଞ୍ଚଳରେ ସେମାନଙ୍କ ସଂଖ୍ୟାର ଅନୁପାତ, ରାଜନୈତିକ ପ୍ରତିନିଧିତ୍ୱ ଓ ରାଜନୈତିକ ଭାବେ ସେମାନେ କେତେ ପଛୁଆ, ସେ ସମ୍ପର୍କରେ ଅନୁଧ୍ୟାନ କରିବ କମିସନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କମିସନ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ରସାୟନିକ ବିଜ୍ଞାନରେ କାଗାନ୍ ଏବଂ କେନସୋଙ୍କୁ ନୋବେଲ

ଷ୍ଟକହୋମ୍ ୭।୧୦: ବୁଧବାର ଚଳିତବର୍ଷ ନୋବେଲ ପୁରସ୍କାର ପାଇଁ ରସାୟନ ବିଜ୍ଞାନରେ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଫ୍ରାନ୍ସର ହେନରି ବି. କାଗାନ୍ ଏବଂ ଜାପାନ କେନସୋ ସୋଆଇଙ୍କୁ ରସାୟନ ବିଜ୍ଞାନରେ ୨୦୨୬ ପାଇଁ ନୋବେଲ ପୁରସ୍କାର ପାଇବେ। ହେନରି କାଗାନ୍ ଏବଂ



କେନସୋ ସୋଆଇଙ୍କୁ ଅସମମିତ ଜୈବ ସଂଶ୍ଳେଷଣରେ ଅଣ-ରୈଖିକ ପ୍ରଭାବ ଏବଂ ସ୍ୱୟଂ-ଉତ୍‌ପ୍ରେରଣର ଆବିଷ୍କାର ପାଇଁ ରସାୟନ ବିଜ୍ଞାନରେ ଏହି ନୋବେଲ୍ ପୁରସ୍କାର ଉଦ୍ଦିଷ୍ଟ। ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସେସ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। କାଗାନ ଫ୍ରାନ୍ସର ଓରସେସ୍ଥିତ ପ୍ୟାରିସ-ସୁଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ସେହିପରି ସୋଆଇ ଜାପାନର ଟୋକିଓ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଅଛନ୍ତି।ବର୍ଷ ବର୍ଷ ଧରି ରସାୟନିକ ବିଜ୍ଞାନରେ ରହିଥିବା ରହସ୍ୟର ସମାଧାନ ଖୋଜିବାରେ ଏହି ଦୁଇ ବୈଜ୍ଞାନିକ ସଫଳ ହୋଇଛନ୍ତି। କିଛି ଅଣୁ ଦୁଇ ପ୍ରକାର ହୋଇଥାଆନ୍ତି। ଦୁଇଟି ପ୍ରାୟ ଏକ ପ୍ରକାର ଦେଖାଯାଆନ୍ତି, ଯାହାକୁ ମିରର୍ ଇମେଜ୍ ବା ଦର୍ପଣ ପ୍ରତିଛବି ବୋଲି କୁହାଯାଏ। କିନ୍ତୁ ଆମ ଶରୀରରେ ଏକ ପ୍ରକାର ଅଣୁ କାମ କରିଥାଏ, ଦ୍ୱିତୀୟଟି ନୁହେଁ। କାହିଁକି କେବଳ ଗୋଟିଏ ଅଣୁ କାମ କରେ ବୋଲି ବୈଜ୍ଞାନିକମାନେ ତାର ଉତ୍ତର ବର୍ଷ ବର୍ଷ ଧରି ଖୋଜୁଥିଲେ।

### ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ
## ନବରଙ୍ଗପୁର ଓ ନୂଆପଡ଼ାରେ ନୂଆ ଜିଲ୍ଲାପାଳ

ଭୁବନେଶ୍ୱର,୭।୧୦: ରାଜ୍ୟ ସରକାର ବୁଧବାର ଆଇଏଏସ୍ କ୍ୟାଡରରେ ସାମାନ୍ୟ ଅଦଳବଦଳ କରିଛନ୍ତି ଦୁଇଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ବଦଳି କରିଛନ୍ତି। ଏହାସହିତ ୭ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ମିଳିଛି। ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନବରଙ୍ଗପୁରର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁଙ୍କୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ନୂଆପଡ଼ାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟରତ ମଧୁସୂଦନ ଦାଶ ଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗର ସରକାରୀ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପସଚିବ ଭାବେ କାର୍ଯ୍ୟରତ ଅନ୍ୟା ଦାସଙ୍କୁ ନବରଙ୍ଗପୁରର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ନୂଆପଡ଼ା ପାଇଁ ମଧୁମିତାଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀମତୀ ଅଶ୍ୱିଙ୍କୁ ଭବାନୀପାଟଣାର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ, କସ୍ତୁରୀ ଶାହଙ୍କୁ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗର ଅଣ୍ଡର ସେକ୍ରଟାରୀ ଓ ପ୍ରଦୀପ କୁମାର ନାୟକଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ସରକାରୀ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି।

## ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୭।୧୦: ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟସୂଚୀ ଅନୁସାରେ ଅକ୍ଟୋବର ୯ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନ ଯାଞ୍ଚ ହେବ ଏବଂ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୦ରେ ପ୍ରାର୍ଥୀମାନେ ନାମ ପ୍ରତ୍ୟାହାର କରିପାରିବେ। ଏହାପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନିର୍ବାଚନ ପୂର୍ବରୁ ଅକ୍ଟୋବର ୧୪ରେ ‘କାହିଁକି ମୁଁ ପ୍ରାର୍ଥୀ ହେଲି’ ସଭା ହେବ। ଏଥିରେ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ସାମ୍ନାରେ ନିଜ ଲକ୍ଷ୍ୟ, ଚିନ୍ତାଧାରା ଓ କ୍ୟାମ୍ପସ ବିକାଶ ଯୋଜନା ରଖିବେ। ଅକ୍ଟୋବର ୧୫ରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହେବ। ଏହାପରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ। ଅକ୍ଟୋବର ୧୬ରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ।

### ॥ ଖୋର୍ଦ୍ଧାରେ ‘ସେବା ଜ୍ୟୋତି ଯାତ୍ରା’ରେ ମୁଖ୍ୟମନ୍ତ୍ରୀ ॥
# ବିକଶିତ ଓଡ଼ିଶା ଗଠନରେ ସମସ୍ତେ ହୁଅନ୍ତୁ ସାମିଲ

ଖୋର୍ଦ୍ଧା,୭।୧୦: ‘ବିକଶିତ ଭାରତ’ ସହ ‘ବିକଶିତ ଓଡ଼ିଶା’ ଗଠନ ପ୍ରକ୍ରିୟାରେ ସମସ୍ତ ନାଗରିକ ସାମିଲ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ପୂର୍ତ୍ତି ଅବସରରେ ଖୋର୍ଦ୍ଧାରେ ଆୟୋଜିତ ‘ସେବା ଜ୍ୟୋତି ଯାତ୍ରା’ରେ ଯୋଗଦେଇ ଏପରି ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମର ଆରମ୍ଭରେ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ସେବା ଜ୍ୟୋତି ପ୍ରଜ୍ୱଳନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଡବଲ୍ ଇଞ୍ଜିନ ସରକାରଙ୍କ ଶାସନରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ୨୦୦୧ ଅକ୍ଟୋବର ୭ରେ ଗୁଜରାଟରୁ ନରେନ୍ଦ୍ର ମୋଦୀଙ୍କ ପ୍ରଶାସନିକ ଓ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କର ଏହି ସଫଳ ଯାତ୍ରାକୁ ୨୫ ବର୍ଷ ପୂରଣ ହୋଇଛି। ‘ରାଷ୍ଟ୍ର ପ୍ରଥମ’



■ ଡବଲ୍ ଇଞ୍ଜିନ ସରକାରରେ ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି

ଏବଂ ‘ସବକା ସାଥ୍, ସବକା ବିକାଶ’ ମନ୍ତ୍ରକୁ ଆଧାର କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଦେଶ ଅଗ୍ରସର ହେଉଛି।ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି ମିଳିଛି। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଶିଳ୍ପ ବିକାଶ ସହ ନିବେଶ ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି କରାଯାଉଛି। ମେଟାଲ୍ ଶିଳ୍ପ ସମେତ ଡାଉନଷ୍ଟ୍ରିମ୍, କେମିକାଲ୍, ପେଟ୍ରୋକେମିକାଲ୍ସ, ଗ୍ରୀନ୍ ଏନର୍ଜି, ଆପାରେଲ୍, ପର୍ଯ୍ୟଟନ, ସେମିକଣ୍ଡକ୍ଟର ଓ ଆଇଟି ଭଳି କ୍ଷେତ୍ରରେ ନିବେଶର ପରିସର ବୃଦ୍ଧି ପାଉଛି। ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଶିଳ୍ପ ଓ ନିଯୁକ୍ତି ସୁଯୋଗ ପହଞ୍ଚାଇ ଯୁବପିଢ଼ି ଏବଂ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲା ପ୍ରଭାରୀ ପବିତ୍ର କୁମାର ଦାସ, ଜିଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ଭାଜପା ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିମୟୀ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ ସେବା ଜ୍ୟୋତି ଯାତ୍ରାରେ ସାମିଲ ହୋଇ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡଠାରେ ‘ସେବା ସଂକଳ୍ପ ଜ୍ୟୋତି ଛକ’ର ଉଦ୍‌ଘାଟନ କରିଥିଲେ।

CMYK



# ଦ୍ୱାଦଶୀ ଶ୍ରାଦ୍ଧ



ଦ୍ୱାଦଶୀ ଶ୍ରାଦ୍ଧ ହେଉଛି ପିତୃପକ୍ଷ ସମୟରେ ପୂର୍ବପୁରୁଷଙ୍କ ଆତ୍ମାର ମୋକ୍ଷ ଓ ପରମ ଶାନ୍ତି ପାଇଁ କରାଯାଉଥିବା ଏକ ଅତ୍ୟନ୍ତ ପବିତ୍ର ରୀତିନୀତି। ଯେଉଁ ପିତୃପୁରୁଷମାନେ ଶୁକ୍ଳ କିମ୍ବା କୃଷ୍ଣ ପକ୍ଷର ଦ୍ୱାଦଶୀ ତିଥିରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ଏହି ଶ୍ରାଦ୍ଧ କରାଯାଏ। ଏହା ବ୍ୟତୀତ, ଏହି ଦିନକୁ 'ସନ୍ନ୍ୟାସୀ ଶ୍ରାଦ୍ଧ' ମଧ୍ୟ କୁହାଯାଏ, ଯେଉଁଥିପାଇଁ ପରିବାରର କୌଣସି ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରି ମୃତ୍ୟୁବରଣ କରିଥିଲେ ସେମାନଙ୍କ ଶ୍ରାଦ୍ଧ ମଧ୍ୟ ଦ୍ୱାଦଶୀ ତିଥିରେ ହିଁ କରାଯାଏ।

ଓଡ଼ିଆ ପରମ୍ପରାରେ ଦ୍ୱାଦଶୀ ଶ୍ରାଦ୍ଧର ମୁଖ୍ୟ ବିଧି ଓ ରୀତିନୀତି ଓଡ଼ିଆ ଘରର ରୀତିମତେ ଶ୍ରାଦ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ନିଷ୍ଠା, ଶୁଦ୍ଧତା ଓ ନିରାହାର ରହି ସମ୍ପନ୍ନ କରାଯାଏ:

**ଦକ୍ଷିଣାଭିମୁଖୀ ସଙ୍କଳ୍ପ:** ଶ୍ରାଦ୍ଧ କରୁଥିବା ଘରର କର୍ତ୍ତା ଶୁଦ୍ଧ ଅରୁଆ ବସ୍ତ୍ର ପରିଧାନ କରି ଦକ୍ଷିଣ ଦିଗକୁ ମୁହଁ କରି ବସନ୍ତି। ହାତରେ କୁଶ ଘାସ, ଜଳ, ଗଙ୍ଗାଜଳ ଏବଂ କଳାତିଳ ଧରି ପିତୃପୁରୁଷଙ୍କ ନାମ ଓ ଗୋତ୍ର ସ୍ମରଣ କରି ସଙ୍କଳ୍ପ କରନ୍ତି।

**ତିଳ ତର୍ପଣ:** ତମ୍ବା ପାତ୍ରରେ ପବିତ୍ର ଜଳ, କଳାତିଳ ଓ କୁଶ ମିଶାଇ ଦୁଇ ହାତର ଅଞ୍ଜଳି ଦ୍ୱାରା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ ଅର୍ପଣ କରାଯାଏ, ଯାହା ପିତୃଲୋକଙ୍କୁ ତୃପ୍ତ କରିଥାଏ।







**ପିଣ୍ଡ ଦାନ:** ଅରୁଆ ଅନ୍ନ (ବା ଅଟା), ଗାଇ ଘିଅ, ମହୁ ଓ କଳାତିଳକୁ ମିଶାଇ ଗୋଲାକାର 'ପିଣ୍ଡ' ପ୍ରସ୍ତୁତ କରାଯାଏ। ଓଡ଼ିଆ ରୀତିରେ ଏହି ପିଣ୍ଡକୁ ପବିତ୍ର କଦଳୀ ପତ୍ର କିମ୍ବା ବରଗଛ ପତ୍ର ଉପରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଏ।

ସାତ୍ତ୍ୱିକ ଭୋଗ ଓ ବ୍ରାହ୍ମଣ ଭୋଜନ

ଏହି ଦିନ ପିତୃପୁରୁଷଙ୍କୁ ଲାଗି କରାଯାଉଥିବା ଏବଂ ବ୍ରାହ୍ମଣଙ୍କୁ ଦିଆଯାଉଥିବା **ଭୋଜନ ସମ୍ପୂର୍ଣ୍ଣ ସାତ୍ତ୍ୱିକ ହୋଇଥାଏ:**

**ନିଷେଧ ସାମଗ୍ରୀ:** ଶ୍ରାଦ୍ଧ ରୋଷେଇରେ ପିଆଜ, ରସୁଣ, ମସୁର ଡାଲି, କାଙ୍କଡ଼ ଓ ସାଧାରଣ ଲୁଣ (କେବଳ ସୈନ୍ଧବ ଲବଣ ବ୍ୟବହାର ହୁଏ) ସମ୍ପୂର୍ଣ୍ଣ ବାରଣ ହୋଇଥାଏ।

**ପାରମ୍ପରିକ ଖାଦ୍ୟ:** ଅରୁଆ ଅନ୍ନ, ଓଡ଼ିଆ ହବିଷ ଡାଲମା (ସାରୁ, କନ୍ଦମୂଳ, କଞ୍ଚାକଦଳୀ ପକାଇ ପ୍ରସ୍ତୁତ), ଶାଗ ଭଜା ଏବଂ ଗାଈ କ୍ଷୀରରେ ତିଆରି ସୁଆଦିଆ ପାୟସ (ଖିରି) ରନ୍ଧାଯାଏ।

**ପଞ୍ଚ ବଳି ରୀତି:** ବ୍ରାହ୍ମଣ ଭୋଜନ ପୂର୍ବରୁ ଗୋମାତା, ଶ୍ୱାନ (କୁକୁର), ପିମ୍ପୁଡ଼ି, ଦେବତା ଏବଂ ବିଶେଷ କରି କାଉ (ବାୟସ ଅନ୍ନ) ଙ୍କୁ ଶ୍ରାଦ୍ଧାନ୍ନ ଦିଆଯାଏ। ଓଡ଼ିଆ ବିଶ୍ୱାସ ଅନୁଯାୟୀ କାଉ ଅନ୍ନ ଗ୍ରହଣ କଲେ ଶ୍ରାଦ୍ଧ ସଫଳ ହୁଏ। ଏହାପରେ ଯୋଗ୍ୟ ବ୍ରାହ୍ମଣଙ୍କୁ ସାଦରେ ଭୋଜନ କରାଇ ଦକ୍ଷିଣା ଓ ବସ୍ତ୍ର ଦାନ କରାଯାଏ।

## ପ୍ରେମ ଓ ଭକ୍ତିର ଅନନ୍ୟ ପ୍ରତୀକ
# କୃଷ୍ଣ-ହ୍ଲାଦିନୀ ମୀରାବାଈ

ମର୍ତ୍ତ୍ୟର ମାନବୀ ହୋଇମଧ୍ୟ ମୀରାବାଈ ଥିଲେ ଦେବଅଂଶିନୀ ଏବଂ ସ୍ୱର୍ଗୀୟ ପ୍ରେମର ଅଧିକାରିଣୀ। ଶ୍ରୀକୃଷ୍ଣଙ୍କ ମୋହନ ମୂରଲୀ ତାନରେ ଯାହାଙ୍କ ଆତ୍ମା ସଦା ସ୍ପନ୍ଦିତ ହେଉଥିଲା, ସେ ଥିଲେ ପ୍ରଭୁପ୍ରେମ ପାଗଳିନୀ କୃଷ୍ଣମୟୀ ମୀରା। ଭଗବାନ ବିଷ୍ଣୁ ଯେପରି ସ୍ୱୀୟ ଶକ୍ତି ମା' ଲକ୍ଷ୍ମୀଙ୍କୁ ଲୀଳା ପାଇଁ ପ୍ରକଟ କରନ୍ତି, ଠିକ୍ ସେହିପରି ମୀରା ଥିଲେ ଭଗବାନଙ୍କ 'ହ୍ଲାଦିନୀ ଶକ୍ତି'ର ଅଂଶାବତାର। ସେ ଦେବୀ କି ମାନବୀ, ତାହା ସାଧାରଣ ଲୋକ ବୁଝିବା ପୂର୍ବରୁ ହିଁ ସେ ନିଜର ଭକ୍ତି ଓ ପ୍ରେମର କରିସ୍ମା ଦେଖାଇ ଲୋକଲୋଚନରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ବିପୁଳ ଐଶ୍ୱର୍ଯ୍ୟର ଅଧିକାରିଣୀ ତଥା ତେଜସ୍ୱୀ ଶିଶୋଦୀୟ ବଂଶର ଏହି ରାଜବଧୂ ଗୈରିକ ବସନ ପରିଧାନ କରି ସନ୍ନ୍ୟାସିନୀ ସାଜିଥିଲେ। ଶୈଶବରେ ମା'ଙ୍କର ଏକ ବାତ୍ସଲ୍ୟୋକ୍ତି ତାଙ୍କ କୋମଳ ମନକୁ କୃଷ୍ଣପ୍ରେମର ମନ୍ତ୍ରରେ ଦୀକ୍ଷିତ କରିଥିଲା। ପରବର୍ତ୍ତୀ ସମୟରେ ରାଜବଂଶର ଲୋକାଚାର ଓ ଭୌତିକ ରୀତିନୀତିର ପ୍ରାଚୀର ତାଙ୍କ ଜୀବନକୁ ଅନେକ କଷଟିରେ ପକାଇଥିଲା। ଦାରୁଣ ଦୁଃଖ, ନିର୍ଯାତନା ଓ ସଂଘର୍ଷର ଅଗ୍ନିରେ ପୋଡ଼ି ହୋଇ ମଧ୍ୟ ସେ ନିଜ ପ୍ରାଣେଶ୍ୱର ଶ୍ରୀକୃଷ୍ଣଙ୍କ ସ୍ନିଗ୍ଧଛବିକୁ ଅନ୍ତରରେ ସାକ୍ଷୀ ରଖି ଚିତୋର ତ୍ୟାଗ କରିବାକୁ ସଙ୍କଳ୍ପ କରିଥିଲେ। ମେୱାରର ଏହି ସାଧ୍ୱୀ ରାଜରାଣୀ କୃଷ୍ଣ ଅନୁରାଗରେ ରାଧାରାଣୀ ସାଜିଥିଲେ। କୁଳର ଗୌରବ ନଷ୍ଟ ହେଉଥିବା ଭାବି ରାଣା ତାଙ୍କୁ ବିଷପାତ୍ର ପଠାଇଥିଲେ ମଧ୍ୟ ପ୍ରେମ-ପାଗଳିନୀ ମୀରା ହସିହସି ସେହି ହଳାହଳକୁ ପିଇଯାଇଥିଲେ। ଉତ୍ତର-ପଶ୍ଚିମ ଭାରତର ଶତାଧିକ ନରନାରୀ ମୀରାଙ୍କ ସଂସ୍ପର୍ଶରେ ଆସି ଧନ୍ୟ ହୋଇଥିଲେ। ବୃନ୍ଦାବନର କୃଷ୍ଣ-ଚେତନାରେ କିଛି ବର୍ଷ ବିତାଇବା ପରେ ସେ ଦ୍ୱାରିକାଧାମରେ ଉପନୀତ ହୋଇଥିଲେ। ସେଠାରେ ଗିରିଧର ଗୋପାଳଙ୍କ ସାଧନା କରୁ କରୁ ଶ୍ରୀରଣଛୋଡଜୀଙ୍କ ଶ୍ରୀବିଗ୍ରହରେ ସେ ସଶରୀର ବିଲୀନ ହୋଇ ସାରୂପ୍ୟମୁକ୍ତି ଲାଭ କରିଥିଲେ। ମୀରାଙ୍କ ନେତ୍ରରୁ ନିସୃତ ଅଶ୍ରୁ ରାଜସ୍ଥାନର ଶୁଷ୍କ ମରୁଭୂମିକୁ ପ୍ରେମର ମାଟିରେ ରୂପାନ୍ତରିତ କରିଥିଲା ଏବଂ ତାଙ୍କ ପଦବ୍ରଜ ଭାରତର ନଦୀ-ବନ-ଗିରିକୁ ଶ୍ୟାମରଙ୍ଗରେ ରଙ୍ଗାୟିତ କରିଥିଲା। ମୀରାଙ୍କ ଆବିର୍ଭାବ ସେହି ସମୟରେ ହୋଇଥିଲା, ଯେତେବେଳେ ମୋଗଲ ଶକ୍ତିର ଲୁଣ୍ଠନ ଓ ମୃତ୍ୟୁର ତାଣ୍ଡବରେ ଭାରତବର୍ଷ ବିପର୍ଯ୍ୟସ୍ତ ଥିଲା। ପ୍ରସିଦ୍ଧ ଖାନୱା ଯୁଦ୍ଧରେ ବାବର ବିପକ୍ଷରେ ଲଢ଼ି ତାଙ୍କ ଶ୍ୱଶୁର ରାଣା ସାଙ୍ଗା ଓ ପତି ରାଜା ଭୋଜ ବୀରଗତି ପ୍ରାପ୍ତ ହୋଇଥିଲେ। ପତିଙ୍କ ମୃତ୍ୟୁ ପରେ 'ସତୀ' ହେବା ପାଇଁ ରକ୍ଷଣଶୀଳ ସମାଜର ଜୁଲମ୍ ସତ୍ତ୍ୱେ ସେ ଜଗତରେ ପ୍ରେମଭକ୍ତିର ଫଲ୍ଗୁ ଖେଳାଇଥିଲେ। କାନ୍ତାଭାବର ଅମୀୟ ସୃଜନ ଏବଂ ଭକ୍ତିର ନିର୍ଗୁଣ-ସଗୁଣ ପଦ୍ଧତି ଆଜି ବି ଲୋକମୁଖରେ ଜୀବନ୍ତ। ତାଙ୍କ ଅନନ୍ୟ ପ୍ରେମର ପ୍ରଖର ଧାରା ବିଗତ ପାଞ୍ଚ ଶତାବ୍ଦୀ ଧରି ଅଗଣିତ ନରନାରୀଙ୍କୁ ଆନ୍ଦୋଳିତ କରିଆସୁଛି ଏବଂ ଆଗାମୀ ସହସ୍ର ବର୍ଷ ପର୍ଯ୍ୟନ୍ତ ଏପରି ପ୍ଲାବିତ କରି ଚାଲିଥିବ।



***ଡ.ଅଭୟ କୁମାର ରାଉତ***
***ସୀତା ସରଣୀ, ଗୋବିନ୍ଦପୁର,***
***ଡେରାବିଶ, କେନ୍ଦ୍ରାପଡା***

# ଦଶହରା ଦର୍ଶନ ଓ ଭାରତୀୟ ନାରୀ



***ଦଶହରା ବା ବିଜୟାଦଶମୀ କେବଳ ଏକ ସାଧାରଣ ପର୍ବ ନୁହେଁ, ଏହା ଅସତ୍ୟ ଉପରେ ସତ୍ୟର, ଅନ୍ଧାର ଉପରେ ଆଲୋକର ଏବଂ ଆସୁରିକ ଶକ୍ତି ଉପରେ ଦିବ୍ୟ ଚେତନାର ଚରମ ବିଜୟର ଉତ୍ସବ। ଏହି ପବିତ୍ର ପର୍ବର ଦର୍ଶନ ସହିତ ଭାରତୀୟ ନାରୀର ଅନ୍ତଃସଲୀଳା ଶକ୍ତିର ଏକ ଗଭୀର ସମ୍ପର୍କ ରହିଛି। ଭାରତୀୟ ସଂସ୍କୃତିରେ ନାରୀ କେବଳ ପରିବାରର ଗଣ୍ଡି ଭିତରେ ସୀମିତ ନୁହେଁ, ସେ ହେଉଛନ୍ତି ଜଗତର ଆଦିଶକ୍ତିର ଜୀବନ୍ତ ପ୍ରତିରୂପ।***



ପ୍ରାଚୀନ ଆଗମ ଗ୍ରନ୍ଥର ଅମୃତ ବିଚାର ଅନୁଯାୟୀ 'ଯକ୍ଷଂ ବ୍ରହ୍ମା ସଚ୍ଚିଦାନନ୍ଦ ରୂପମ୍, ଶକ୍ତିଃ ସର୍ବସ୍ୟ ମାତା ଚ ସତୀ ।' ଶରତର ମନୋରମ ପରିବେଶ, କାଶତଣ୍ଡୀର ହସ ଏବଂ ମେଘମୁକ୍ତ ନୀଳ ଆକାଶର ବୁକୁ ଚିରି ଧରାପୃଷ୍ଠକୁ ଆସିଥାନ୍ତି ଜଗତଜନନୀ ମାଆ ଦୁର୍ଗା। ଦଶହରା ବା ବିଜୟାଦଶମୀ କେବଳ ଏକ ସାଧାରଣ ପର୍ବ ନୁହେଁ, ଏହା ଅସତ୍ୟ ଉପରେ ସତ୍ୟର, ଅନ୍ଧାର ଉପରେ ଆଲୋକର ଏବଂ ଆସୁରିକ ଶକ୍ତି ଉପରେ ଦିବ୍ୟ ଚେତନାର ଚରମ ବିଜୟର ଉତ୍ସବ। ଏହି ପବିତ୍ର ପର୍ବର ଦର୍ଶନ ସହିତ ଭାରତୀୟ ନାରୀର ଅନ୍ତଃସଲୀଳା ଶକ୍ତିର ଏକ ଗଭୀର ସମ୍ପର୍କ ରହିଛି। ଭାରତୀୟ ସଂସ୍କୃତିରେ ନାରୀ କେବଳ ପରିବାରର ଗଣ୍ଡି ଭିତରେ ସୀମିତ ନୁହେଁ, ସେ ହେଉଛନ୍ତି ଜଗତର ଆଦିଶକ୍ତିର ଜୀବନ୍ତ ପ୍ରତିରୂପ। ଭାରତୀୟ ଦଶହରା ଦର୍ଶନ ବିଶ୍ୱର ପ୍ରତ୍ୟେକ ନାରୀଙ୍କ ପାଇଁ ଏକ ଅମୂଲ୍ୟ ପ୍ରେରଣା ଓ ସାମାଜିକ ମୂଲ୍ୟବୋଧର ଏକ ଶିକ୍ଷଣୀୟ ଦର୍ପଣ ଅଟେ।

**ଦଶହରାର ମୂଳ ଦର୍ଶନ ଓ ମାନସିକ ବିକାରର ଅନ୍ତ**

ଦଶହରାର ମୂଳ ଲକ୍ଷ୍ୟ ହେଉଛି ଆମ ଅନ୍ତର ଭିତରେ ଲୁଚି ରହିଥିବା ଦଶଟି ପ୍ରମୁଖ ମାନସିକ ବିକାର ବା ଦୁର୍ଗୁଣ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଭୟ, ଘୃଣା, ଈର୍ଷା ଏବଂ ଅହଙ୍କାରର ପରିସମାପ୍ତି ଘଟାଇବା। ଜୀବନର ପ୍ରକୃତ ସଂଗ୍ରାମ କେବଳ ବାହାରର ଶତ୍ରୁ ସହିତ ନୁହେଁ, ବରଂ ନିଜ ଭିତରର ଦୁର୍ବଳତା ସହିତ ହୋଇଥାଏ ବୋଲି ଏହା ଶିକ୍ଷା ଦିଏ।

**ଶକ୍ତି ଏବଂ ମାନବିକତାର ଏକ ଅପୂର୍ବ ସମନ୍ୱୟ**

**ମାଆଙ୍କ ନଅଟି ରୂପ ଓ ଭାରତୀୟ ନାରୀର ଭୂମିକା**

ନବରାତ୍ରିରେ ପୂଜା ପାଉଥିବା ନଅଟି ଦିବ୍ୟ ରୂପ (ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ) ପ୍ରକୃତରେ ଜଣେ ଭାରତୀୟ ନାରୀର ଜୀବନ ସଂଘର୍ଷ, ସାହସ, କରୁଣା ଏବଂ ସିଦ୍ଧିର ପ୍ରତୀକ।

**ଶକ୍ତି ଓ ସମନ୍ୱୟ:** ଯେପରି ମାଆ ଦୁର୍ଗା ସମସ୍ତ ଦେବତାଙ୍କ ତେଜରୁ ସୃଷ୍ଟି ହୋଇ ସମଗ୍ର ବିଶ୍ୱର ରକ୍ଷା କରିଥିଲେ, ସେହିପରି ଜଣେ ନାରୀ ନିଜ ପରିବାର ଓ ସମାଜରେ ବିଭିନ୍ନ ବିପରୀତ ପରିସ୍ଥିତି ମଧ୍ୟରେ ସୁନ୍ଦର ସମନ୍ୱୟ ରକ୍ଷା କରିଥାଏ।

**କ୍ଷମା ଓ ସହନଶୀଳତା:** ମାଆ ଦୁର୍ଗାଙ୍କର ଯେପରି ଅସୁରମାନଙ୍କ ପ୍ରତି କଠୋରତା ଥିଲା, ସେହିପରି ଭକ୍ତଙ୍କ ପ୍ରତି ଅସୀମ କରୁଣା ଥିଲା। ସେହିପରି ଭାରତୀୟ ନାରୀ ନିଜର କୋମଳ ହୃଦୟରେ ସମସ୍ତଙ୍କୁ ଆଶ୍ରୟ ଦେଇ ସାମାଜିକ ଶାନ୍ତି ପ୍ରତିଷ୍ଠା କରେ।

**ନୀତିବୋଧ ଓ ସଂସ୍କାର:** ପିଲାମାନଙ୍କ ମନରେ ସଂସ୍କାର, ସତ୍ୟପଥ ଓ ଧର୍ମର ଭାବନା ଜାଗ୍ରତ କରିବାରେ ମାଆର ଭୂମିକା ହିଁ ସମାଜକୁ ଏକ ସୁସ୍ଥ ଦିଗ୍‌ଦର୍ଶନ ଦିଏ। ଆନ୍ତରିକ ଶକ୍ତିର ଜାଗରଣ ଓ ବିଶ୍ୱର ନାରୀ ସମାଜ ପ୍ରତି ଆହ୍ୱାନ ଦଶହରା ଆମକୁ ଶିକ୍ଷା ଦିଏ ଯେ ନାରୀ କେବଳ ଦୁର୍ବଳା ନୁହେଁ, ଆବଶ୍ୟକ ପଡ଼ିଲେ ସେ ମାଆ ଚଣ୍ଡୀ, କାଳୀ ବା ଦୁର୍ଗା ରୂପ ଧାରଣ କରି ସମସ୍ତ ଅନ୍ୟାୟ ଓ ଅଧର୍ମକୁ ନାଶ କରିପାରେ। ବିଶ୍ୱର ପ୍ରତ୍ୟେକ ନାରୀଙ୍କ ପାଇଁ ଦଶହରା ଦର୍ଶନର ଏହି ଅନ୍ତର୍ଗତ ବାର୍ତ୍ତା ରହିଛି:

**୧. ଆତ୍ମବିଶ୍ୱାସ ବଜାୟ ରଖନ୍ତୁ:** ଆପଣଙ୍କ ଭିତରେ ଲୁକ୍କାୟିତ ଶକ୍ତିକୁ ଚିହ୍ନନ୍ତୁ। ଜୀବନର ପ୍ରତ୍ୟେକ କଠିନ ପରିସ୍ଥିତିର ମୁକାବିଲା ଏକ ସାହସୀ ଯୋଦ୍ଧା ଭାବେ କରନ୍ତୁ।

**୨. ଜ୍ଞାନ ଓ ସଂସ୍କାରର ପ୍ରସାର କରନ୍ତୁ:** ଆପଣଙ୍କର ଚିନ୍ତାଧାରା ଆଗାମୀ ପିଢ଼ିକୁ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଓ ମାନବିକତାରେ ପରିପୂର୍ଣ୍ଣ ବିଶ୍ୱ ଦେବାରେ ସାହାଯ୍ୟ କରିବ।

**୩. ସ୍ୱୟଂପୂର୍ଣ୍ଣ ହୁଅନ୍ତୁ:** ନିଜର ପରିଚୟ ପାଇଁ କାହା ଉପରେ ନିର୍ଭର ନ କରି, ନିଜର କର୍ମ ଓ ସଚ୍ଚୋଟତା ବଳରେ ଏକ ନୂତନ ଇତିହାସ ରଚନା କରନ୍ତୁ।

**ମନୀଷୀଙ୍କ ଦୃଷ୍ଟିରେ ନାରୀ ଶକ୍ତି**

**ମହର୍ଷି ମନୁ:** 'ଯେଉଁଠାରେ ନାରୀମାନେ ପୂଜିତା ହୁଅନ୍ତି ଏବଂ ସମ୍ମାନିତା ହୁଅନ୍ତି, ସେଠାରେ ଦେବତାମାନେ ବାସ କରନ୍ତି ଏବଂ ସେହି ସମାଜରେ ସୁଖ-ଶାନ୍ତିର ବର୍ଷା ହୁଏ।'

**ମହାତ୍ମା ଗାନ୍ଧୀ:** 'ନାରୀ ହେଉଛି ସାହସ, କରୁଣା ଏବଂ ପ୍ରେମର ଏକ ଅଫୁରନ୍ତ ଉତ୍ସ; ତାଙ୍କର ସହନଶୀଳତା ବିନା ଏ ସଂସାରର କଳ୍ପନା ମଧ୍ୟ ଅସମ୍ଭବ।'

ଦଶହରା ଦର୍ଶନ ଏବଂ ଭାରତୀୟ ନାରୀର ସ୍ୱରୂପ ଉଭୟେ ସତ୍ୟ, ନ୍ୟାୟ, ଶକ୍ତି ଏବଂ ମାନବିକତାର ଜ୍ୟୋତିରେ ଉଦ୍ଭାସିତ। ଆଜିର ଆଧୁନିକ ବିଶ୍ୱରେ ମାଆ ଦୁର୍ଗାଙ୍କ ଆଦର୍ଶ ଏବଂ ଭାରତୀୟ ନାରୀର ଦାର୍ଶନିକ ଦୃଷ୍ଟିକୋଣ ସମଗ୍ର ପୃଥିବୀକୁ ଏକ ସୁସ୍ଥ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭବିଷ୍ୟତ ଦେଇପାରିବ। ଆସନ୍ତୁ, ଏହି ଦଶହରାରେ ଆମ ଭିତରର ସମସ୍ତ ଅଜ୍ଞାନ ଓ ଅହଂକାରକୁ ବିନାଶ କରି ଏକ ସୁନ୍ଦର ପୃଥିବୀ ଗଠନ କରିବା।



**ମନୋଜ କୁମାର ଶତପଥି**
**ମୋ- ୯୯୩୮୫୫୯୫୬୮**

# ପୂଜା ପଞ୍ଚଭୂତ ଉପରେ ଆଧାରିତ

ସନାତନ ସଂସ୍କୃତି ଅନୁଯାୟୀ ବିଭିନ୍ନ ପୂଜା ପଞ୍ଚଭୂତ ଉପରେ ଆଧାରିତ। ତାହା ହେଉଛି କ୍ଷିତ୍, ଅପ୍, ତେଜ, ମରୁତ୍ ଏବଂ ବ୍ୟୋମ୍। ମନୁଷ୍ୟ ପ୍ରଥମେ ମାଟିକୁ ପୂଜାକଲା। କାରଣ ଏହି ମାଟି ତାକୁ ରହିବା ପାଇଁ ଆଶ୍ରୟ ଦେଲା ଏବଂ ସେହିମାଟିରୁ ଉତ୍ପାଦିତ ଶସ୍ୟ ଖାଇ ସେ ବଞ୍ଚିଲା। ସେହିପରି ଜଳ ବା ଅପ୍‌କୁ ଜୀବନ ବୋଲି କହିଲା। ସେ ଜାଣିଥିଲା ଜଳ ବିନା ଜୀବନ ଅସମ୍ଭବ। ତେଣୁ ଭିନ୍ନ ଭିନ୍ନ ଜଳାଶୟ ବା ନଦୀକୂଳରେ ଗଢିଉଠିଲା ଜନବସତି। ପରବର୍ତ୍ତୀ ସମୟରେ କେତେକ ନଦୀ ତୀର୍ଥକ୍ଷେତ୍ର ରୂପେ ପରିଗଣିତ ହେଲେ। ତେଜର ମୂର୍ତ୍ତିମନ୍ତ ରୂପ ସୂର୍ଯ୍ୟଙ୍କୁ ଈଶ୍ୱର ଭାବେ ଗ୍ରହଣ କଲା। ଏହାପରେ ପବନ ବା ମରୁତ ଏବଂ ଆକାଶ ବା ବ୍ୟୋମ୍ ?କୁ ମଧ୍ୟ ନିଜର ପୂଜ୍ୟରେ ସ୍ୱୀକୃତି ଦେଲା। ସମୟର ଧାରାରେ ଏହି ପଞ୍ଚଭୂତ ଯାହା ସହ ସମ୍ପର୍କିତ ସେମାନଙ୍କୁ ମଧ୍ୟ ଈଶ୍ୱରୀୟ ସତ୍ତାର ଅଂଶ ବା ଈଶ୍ୱର ଭାବେ ଗ୍ରହଣ କଲା। ଫଳରେ ବୃକ୍ଷକୁ ବୃକ୍ଷଦେବତା ଏବଂ ଶିଳା, ଧାତୁ ଆଦିକୁ ପୂଜା କରିବା ଆରମ୍ଭ କଲା। ଏହି ମହାପଞ୍ଚଭୂତମାନଙ୍କ ଧର୍ମଗତ ସ୍ୱଭାବ ହେଲା ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧ। ପୁନଃ ସେଗୁଡ଼ିକୁ ପଞ୍ଚଇନ୍ଦ୍ରୀୟ ଅର୍ଥାତ୍ କର୍ଣ୍ଣ, ଚର୍ମ, ଚକ୍ଷୁ, ଜିହ୍ୱା ଓ ନାସାଦ୍ୱାରା ଗୃହିତ କରିଥିଲା। ଘଟ ଜଳରେ ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀର ପବିତ୍ର ଭାବଧାରାକୁ ସମ୍ମିଶ୍ରଣ କରାଯାଇଥାଏ। ଗୋଟିଏ ଘଟ ମଧ୍ୟରେ ଅର୍ଥାତ ବିନ୍ଦୁ ମଧ୍ୟରେ ସିନ୍ଧୁର ପରିକଳ୍ପନା ହୋଇଥାଏ। ସେହିପରି ବିଘ୍ନ ବିନାଶକ ଗଣନାୟକ, ଜଳର ଦେବତା ବରୁଣ, ଇନ୍ଦ୍ର ଏବଂ ଦଶଦିଗପାଳ, ସୂର୍ଯ୍ୟଙ୍କ ସହ ନବଗ୍ରହ ଏବଂ ଗ୍ରାମଦେବତୀଙ୍କୁ ଆବାହନ କରି ଘଟରେ ସ୍ଥାପନା କରାଯାଇ ପୂଜା କରାଯାଏ। ଅନ୍ୟ ପକ୍ଷରେ ଘଟ ମୁଖରେ ଶିବ, କଣ୍ଠରେ ବିଷ୍ଣୁ, ତଳ ଭାଗରେ ବ୍ରହ୍ମା, ମଧ୍ୟଭାଗରେ ଅଷ୍ଟାଦଶ ମାତୃଗଣ, କୁକ୍ଷୀରେ ସପ୍ତସାଗର, ସପ୍ତଦ୍ୱୀପ ପୃଥିବୀ ଏବଂ ଉଦରରେ ସମସ୍ତ ତୀର୍ଥକୁ ସ୍ମରଣ କରି ପୂଜା କରାଯାଇଥାଏ।

ମାତା ଦୁର୍ଗାଙ୍କ ଶରଣାଗତ ହୋଇ ତାଙ୍କୁ ମା' ଜ୍ୟୋତିର୍ଗମୟ ଭାବେ ଉପାସନା କଲେ ଜୀବନର ସକଳ ବାଧାବିଘ୍ନ ଦୂର ହୋଇଥାଏ। ଏହା ହେଉଛି ଏକ ଅତ୍ୟନ୍ତ ପବିତ୍ର ବୈଦିକ ପ୍ରାର୍ଥନା। ଏହା ବୃହଦାରଣ୍ୟକ ଉପନିଷଦରୁ ନିଆଯାଇଛି।

**ଅସତୋ ମା ସଦ୍‌ଗମୟ ।**
**ତମସୋ ମା ଜ୍ୟୋତିର୍ଗମୟ ।**
**ମୃତ୍ୟୋର୍ମା ଅମୃତଂ ଗମୟ ।**
**ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ**



ଅସତୋ ମା ସଦ୍‌ଗମୟ ଅର୍ଥାତ୍ ମତେ ଅସତ୍ୟ ଅଜ୍ଞାନ ପଥରୁ ସତ୍ୟର ଜ୍ଞାନର ଆଲୋକ ଆଡ଼କୁ ନେଇଯାଅ। ତମସୋ ମା ଜ୍ୟୋତିର୍ଗମୟ ଅର୍ଥାତ୍ ମତେ ଅନ୍ଧକାରରୁ ଜ୍ୟୋତି ବା ଆଲୋକ ଆଡ଼କୁ ନେଇଯାଅ। ମୃତ୍ୟୋର୍ମା ଅମୃତଂ ଗମୟ ଅର୍ଥାତ୍ ମତେ ମୃତ୍ୟୁରୁ ଅମରତ୍ୱ ଆଡ଼କୁ ବା ମୋକ୍ଷ ଆଡ଼କୁ ନେଇଯାଅ। ଏହି ମନ୍ତ୍ର ମାଧ୍ୟମରେ ମନୁଷ୍ୟ ନିଜ ଜୀବନରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂର କରି ଜ୍ଞାନରୂପକ ଆଲୋକ ପ୍ରାପ୍ତି ପାଇଁ ମାତା ଶ୍ରୀଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରିବା ଆବଶ୍ୟକ।

# କେନାଲ ସଫା ହେଉନି କି ପାଣି ମାଡୁନି

## ତଦନ୍ତ ପୂର୍ବକ କାର୍ଯାନୁଷ୍ଠାନ ନେବାକୁ ଚାଷୀକୁଳର ଦାବି



ପିପିଲି (ନିପ୍ର) ପୁରୀଜିଲ୍ଲା ଜଳସମ୍ପଦ ଡିଭିଜନ ଅନ୍ତର୍ଗତ ସାକ୍ଷୀଗୋପାଳ ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଯାଉ ଥିବା ରୂପଦେଇପୁର ଓ କୁମାରେଶ୍ୱର ସେକ୍ସନ ଅଞ୍ଚଳରେ ବିଭିନ୍ନ ବ୍ରାଞ୍ଚ କେନାଲ ଓ ଶାଖା କେନାଲ ଦୀର୍ଘ ଦିନ ଧରି ସଫା ହୋଇ ନାହିଁ। ଫଳରେ କେନାଲର ମଧ୍ୟମ ଭାଗ ଓ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁ ନଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ କେନାଲ ପାଣି ଓ କେନାଲ ସଫା କାର୍ଯ୍ୟ ନେଇ ଅଭିଯୋଗ ଆଣି ଥିବା ବେଳେ ରୂପଦେଇପୁର ସେକ୍ସନ ଅଫିସରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଞ୍ଚଳକୁ ନ ଆସି ପୁରୀ ଜିଲ୍ଲା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସର୍ବଦା ରହିବା ଯୋଗୁଁ ଚାଷୀ ମାନେ କନିଷ୍ଠ ଯନ୍ତ୍ରୀଙ୍କୁ ଦେଖିବାକୁ ପାଉ ନାହାନ୍ତି ଆପତ୍ତି କିପରି କରିବେ ବୋଲି ପ୍ରଶ୍ନ କରିଛନ୍ତି । ପିପିଲି ବ୍ଲକ ଅଧୀନ ସରସ୍ୱତୀପୁର, ରୂପଦେଇପୁର ଏବଂ ଯସୁଆପୁର ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବ୍ରାଞ୍ଚ କେନାଲ ଓ ଶାଖା କେନାଲ ସଫା କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ପ୍ରକାଶ ପାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି କେନାଲ ସଫା ନ ହେବା ଦ୍ୱାରା କେନାଲ ମଧ୍ୟରେ ଜଙ୍ଗଲୀ ଘାସ ଓ କନିସିରି ମାଡି ଯିବାରୁ ପାଣି ନିଷ୍କାସନରେ ସମସ୍ୟା ଦେଖା ଦେଇଛ। କିଛି ଅଞ୍ଚଳର ଚାଷୀ କେନାଲ ପାଣି ଓ କେନାଲ ସଫା ନିଜେ କରୁ ଥିବା ସୂଚନା ମିଳି ଅଛି।ଏଠାରେ ପ୍ରଶ୍ନ ଉଠୁଛି ଯେ କେନାଲ ସଫା ବାବଦରେ ହୋଇ ଥିବା ଟେଣ୍ଡର ଅର୍ଥ କେଉଁ ଠାରେ ଅଟକି ବାଟ ମାରଣା ହୋଇଛି ତାହା ତଦନ୍ତ ସାପେକ୍ଷ । ଏଭଳି ସମସ୍ୟା ଭିତରେ ରୂପଦେଇପୁର ସେକ୍ସନ ଅଫିସର ଦାୟିତ୍ୱ ନେଇ ଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଚାଷୀମହଲର ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁ ଥିବା ନେଇ ସୂଚନା ମିଳିଛି। ଏଦିଗରେ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦୃଷ୍ଟି ଦେଇ ଉପୁଜିଥିବା ସମସ୍ୟାର ସମାଧାନ ପୂର୍ବକ ରୂପଦେଇପୁର ସେକ୍ସନ ଅଫିସ ଦାୟିତ୍ୱ ନେଇଥିବା କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟକଳାପ ତଦନ୍ତ କରାନ୍ତୁ। ତାହା ନୋହିଲେ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି କରିବାକୁ ଚାଷୀକୁଳର ଦାବି ଜୋର୍ ଧରିବା ସମ୍ଭାବନା ରହିଛି।

## ରାଜକିଆରୀ ଛକରେ ହାଇମାକ୍ସ ଲାଇଟ ଅଚଳ

କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ବ୍ଲକର ସିଧାମୂଳା ପଞ୍ଚାୟତ ଅଧୀନ ଜନଗହଳିପୂର୍ଣ୍ଣ ରାଜକିଆରୀ ଛକରେ ଅବସ୍ଥିତ ହାଇମାକ୍ସ ଲାଇଟ ପୋଷ୍ଟଟି ଦୀର୍ଘ ମାସ ଧରି ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ସଞ୍ଜ ନଇଁଲେ ଉକ୍ତ ଛକଟି ଅନ୍ଧାରରେ ରହୁଛି। ଉକ୍ତ ଛକ ଦେଇ ୪୮ ନଂ ରାଜ୍ୟ ରାଜପଥ ଯାଇଥିବାରୁ ରାତି ତମାମ ଦୂରଗାମୀ ଯାତ୍ରୀବାହି ବସଗୁଡିକ ରାଜକିଆରୀ ଛକ ଦେଇ ଯାତାୟାତ କରୁଥିବାରୁ ବସ୍ ଯୋଗେ ଯାତ୍ରା କରିବା ନିମନ୍ତେ ଜନସାଧାରଣ ଉକ୍ତ ଛକରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥାନ୍ତି। ମାତ୍ର ସଞ୍ଜରୁ ରାତି ତମାମ ଛକଟି ଅନ୍ଧକାରାଚ୍ଛନ୍ନ ହୋଇ ପଡୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଚଳ ଅବସ୍ଥାରେ ପଡି ରହିଥିବା ହାଇମାକ୍ସ ଲାଇଟଟି କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଓ ସିଧାମୂଳା ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ‘ସେବା ଜ୍ୟୋତି’ ପଦଯାତ୍ରା

ନୟାଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ନୟାଗଡ଼ ଷ୍ଟାଡିୟମଠାରେ ସେବା ସଂକଳ୍ପ ଅଭିଯାନ -୨୦୨୬ ଅନ୍ତର୍ଗତ ଏକ ସେବା ଜ୍ୟୋତି ପଦଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଧାୟକ, ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବ୍ଲକ ଅଧ୍ୟକ୍ଷ,ନୟାଗଡ଼ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ଜନଜାତି ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତ୍ରିନାଥ ମଲ୍ଲିକ, ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ବିଶିଷ୍ଟ ସମାଜ ସେବୀ ରାଘବ ମଲ୍ଲିକ, ତାପସ ରଞ୍ଜନ ମାର୍ଥା, ସୁରଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସକାଳ ୯ ଘଟିକା ସମୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ ‘ବନ୍ଦେ ମାତରଂ’ ଗାନ କରାଯାଇଥିଲା। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦେଶର ପ୍ରଗତି ଏବଂ ସେବା ମନୋଭାବ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହା ପରେ ଆଭାସୀ ମାଧ୍ୟମରେ ମାନନୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଉପସ୍ଥିତ ସମସ୍ତ ନାଗରିକ “ବିକଶିତ ଭାରତ ୨୦୪୭” ନିର୍ମାଣ ପାଇଁ ସାମୂହିକ ସଂକଳ୍ପ ପାଠ କରିଥିଲେ। ସଂକଳ୍ପ ଗ୍ରହଣ ପରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିଥିମାନଙ୍କ ଦ୍ୱାରା ‘ସେବା ଜ୍ୟୋତି’ ପ୍ରଜ୍ୱଳିତ କରାଯାଇଥିଲା।

## ସୁସ୍ଥ ଶିଶୁ, ସୁସ୍ଥ ପରିବାର, ସମୃଦ୍ଧ ଓଡ଼ିଶା ପାଇଁ ସଚେତନତା



ପୁରୀ (ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଥିଲା। ଜିଲ୍ଲା ପ୍ରଶାସନ, ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ରହିବା ପାଇଁ ପୋଷଣ ଯୁକ୍ତ ଉପଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ପୂର୍ବରୁ ପ୍ରତି ପରିବାର ବାଡ଼ି ବଗିଚାରେ ବିବିଧ ପନିପରିବା, ଶାଗ,ମୁଗ ଇତ୍ୟାଦି ଚାଷ କରାଯାଉଥିଲା। ଏହା କିଚେନ ଗାର୍ଡନ ଭାବେ ଆମ ରୋଷଶାଳାକୁ ସମୃଦ୍ଧ କରୁଥିଲା। ଏହି ବଗିଚାରେ ହେଉଥିବା ସତେଜ ପନିପରିବା ଖାଇ ସମସ୍ତେ ସୁସ୍ଥ ଓ ନିରୋଗ ରହୁଥିଲେ। ସମୟ ବଦଳିବା ସହ ଖାଦ୍ୟ ଗ୍ରହଣର ତରିକା ବଦଳିଛି। ଆଜିକାଲିର ପିଲାମାନେ ଆମ ପାରମ୍ପରିକ ଖାଦ୍ୟ ଯାହା ପୁଷ୍ଟିକର ଓ ସ୍ୱାସ୍ଥ୍ୟ ପ୍ରଦ ତାକୁ ପସନ୍ଦ କରୁ ନାହାନ୍ତି। ଜଙ୍କ ଫୁଡ ଖାଇବା ଦ୍ୱାରା ଅସୁସ୍ଥ ହେଉଛନ୍ତି। ଆମେ ସମସ୍ତେ ଏ ସମ୍ପର୍କରେ ସଚେତନ ହେବା ଓ ସମସ୍ତଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। ପିଲାବେଳୁ ପିଲାର ଉତ୍ତମ ପୁଷ୍ଟି ଓ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ସଚେତନ ହେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଡା ସୂର୍ଯ୍ୟ ନାରାୟଣ ମିଶ୍ର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ,ଜିଲ୍ଲା ଟ୍ରେଜେରୀର ସହକାରୀ ଟ୍ରେଜେରୀ ଅଧିକାରୀ ଡ ରଶ୍ମି ସେନାପତି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଆମ ପାରମ୍ପରିକ ଖାଦ୍ୟ ରେ ଯେଉଁ ପୁଷ୍ଟି ଓ ଶକ୍ତି ରହିଛି ତାହା ଅନ୍ୟ କେଉଁଠାରେ ମିଳିବ ନାହିଁ।

## ଓଡ଼ିଶା ବନ୍ଦ ସଫଳ ପାଇଁ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ପୁରୀ(ନିପ୍ର): ଇଣ୍ଡିଆ ମେଣ୍ଟ ୪ ଦଫା ଦାବିକୁ ନେଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସିଂହ ଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାକାରୀମାନେ ଏମ ଏମ ଜି ଆର ଆଇନ ପ୍ରତ୍ୟାହୃତ, ଓଡ଼ିଶାର ଖଣି ଗୁଡ଼ିକର ସୁରକ୍ଷା, ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି, ଓଡ଼ିଶାର ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ଆଜି ସ୍ଲୋଗାନ ଦିଆଯାଇଥିଲା।

## ପିଚୁକୁଳିରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବୋଲଗଡ଼,(ନିପ୍ର): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଚୁକୁଳି ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର ସେଠୀଙ୍କ ଆବାହକତ୍ୱରେ ବୁଧବାରଦିନ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ଗୋଷ୍ଠୀଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବଳ ଛୁଆଲସିଂହ,ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ପଞ୍ଚସଖା ଶିକ୍ଷା ସଂସଦର ସଭାପତି ସମ୍ୟକାନ୍ତ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ରମୋହନ ମାଝୀ, ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ପୃଷ୍ଟି,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭିମନ୍ୟୁ ସବୁଦ୍ଧି ଓ ଉପସଭାପତି ଝିଲି ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ତଥା କ୍ରୀଡା ଶିକ୍ଷକ ମାନସ କୁମାର ବେହେରା ମଞ୍ଚ ପରିଚାଳନା କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବୋଲଗଡ଼ ବ୍ଲକର ୪ଟି ଜୋନରୁ ୧୩୦ଜଣ ଛାତ୍ରଛାତ୍ରୀମାନେ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୪୦ ଜଣ କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଅଛନ୍ତି ।

## ତରଭା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ତରଭା,(ନିପ୍ର): ଆସନ୍ତାକାଲି ଓଡିଶା ବନ୍ଦ ଡାକରା ଦେଇଛି କଂଗ୍ରେସ ପାର୍ଟି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ଶ୍ରୀ ନାଗ ଏମଏମଡ଼ିଆର ଆଇନକୁ ରଦ୍ଦ କରିବା, ଓଡିଶାର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଭାରତର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ବନ୍ୟା ବିପନ୍ନନଙ୍କୁ ତୁରନ୍ତ ସହାୟତା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ଝାଙ୍କର ଏହି ଚାରୋଟି ଦାବିର ଯଥାର୍ଥତା ପ୍ରତିପାଦନ କରିଥିଲେ।ଏଥିରେ ଜିଲ୍ଲା ସମ୍ପାଦକ ମକୁନ୍ଦ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ଶିବ କୁମାର ଅଗ୍ରୱାଲ,ରାମକୃଷ୍ଣ ସାହୁ,ଇନ୍ଦ୍ରଜିତ ନାଗ,ସୁରୁସିଂ ସୁନା,କିଙ୍ଗକଂଗ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବାରିଗୋଳ ପଞ୍ଚାୟତରେ ବିଜେଡିର ଜନସଂପର୍କ ପଦଯାତ୍ରା

ସାଲେପୁର,(ନିପ୍ର): ବାରିଗୋଳ ପଞ୍ଚାୟତରେ ବିଜେଡିର ଜନସଂପର୍କ ପଦଯାତ୍ରା ବାରିଗୋଳ ପଞ୍ଚାୟତ ବିଜେଡି ସଭାପତି ଅବଦୁଲ ଫରିଦ୍ ଖାଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପଞ୍ଚାୟତର ବିଭିନ୍ନ କାମ ପରିକ୍ରମା କରିବା ସହ ଏହି ସବୁ ଅଞ୍ଚଳରେ ଥିବା ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରାଯିବା ସହିତ ବିଜେଡି ସବୁବେଳେ ସବୁ ସମୟରେ ଜନସାଧାରଣଙ୍କ ସୁଖ ଦୁଃଖରେ ସାମିଲ ହୋଇ ଆସୁଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ପ୍ରଥମେ ବୋଦାମୁଣ୍ଡାଇ ବଜାରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜନସଂପର୍କ ପଦଯାତ୍ରାରେ ସାମିଲ ହୋଇ ବାରିଗୋଳ ପଞ୍ଚାୟତର ବିଭିନ୍ନ ୱାର୍ଡରେ ପହଞ୍ଚି ସିଧାସଳଖ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଇବ୍ରାର ମହମ୍ମଦ, ପରମାନନ୍ଦ ପଲେଇ, ପ୍ରଭାସିନୀ ସାହୁ, ମଂଜୁଳତା ସାମଲ, ସ୍ୱର୍ଣ୍ଣଲତା ବେହେରାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏହି ଜନସଂପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ।

## ସୂଚନା ଅଧିକାର ଆଇନ୍ ସଚେତନତା ଅଭିଯାନ

ସାଲେପୁର(ନିପ୍ର): ଓଡ଼ିଶା ସୂଚନା ଅଧିକାର ତରଫରୁ ସୂଚନା ଅଧିକାର ଆଇନ୍ ସଂପର୍କରେ ସପ୍ତାହେ ବ୍ୟାପୀ ସଚେତନତା ଅଭିଯାନ ଚାଲିଥିବାବେଳେ ଏହି ପରିପ୍ରେକ୍ଷୀରେ ଆଜି ସାଲେପୁର ବ୍ଲକ୍ ସମ୍ମୁଖରେ ଦୁର୍ନୀତି ବିରୋଧୀ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତିକୁ ରୋକିବାକୁ ହେଲେ ପ୍ରତ୍ୟେକ ନାଗରିକ ସଚେତନ ହେବା ସହ ସୂଚନା ଅଧିକାର ଆଇନ୍ ମାଧ୍ୟମରେ ତଥ୍ୟ ମାଗି ଦୁର୍ନୀତିର ପର୍ଦ୍ଦାଫାସ କରିବାପାଇଁ ସୂଚନା ଅଧିକାର କର୍ମୀମାନେ ଲୋକମାନଙ୍କୁ ସଚେତନ କରାଇଥିଲେ। ବିଶେଷ କରି ଏହି ପରିପ୍ରେକ୍ଷୀରେ ସୂଚନା କର୍ମୀମାନେ ସାଲେପୁର ବ୍ଲକ୍‌ରେ ସୂଚନା ଅଧିକାର ଆଇନ୍ ସୁଚାରୁ ଭାବେ କାର୍ଯ୍ୟକାରୀ ହେଉନାହିଁ। ଯଦି କୌଣସି ବ୍ୟକ୍ତି ସୂଚନା ଅଧିକାର ଆଇନ୍ ବଳରେ କୌଣସି ସୂଚନା ମାଗୁଛନ୍ତି, ତେବେ ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ତଥ୍ୟ ପ୍ରଦାନ କରାଯାଉନଥିବା ସେ ଅଭିଯୋଗ କରିଛନ୍ତି।

## ଛାତ୍ର ସଂସଦ ନିର୍ବାଚନ ନେଇ ଚଳଚଞ୍ଚଳ କଲେଜ ପରିସର

ନିମାପଡ଼ା, (ନି.ପ୍ର.): ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ଥିବାରୁ ନିମାପଡ଼ା କଲେଜ ପରିସର ଚଳଚଞ୍ଚଳ ହୋଇଛି । ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାର୍ଗ ଦର୍ଶିକା ଜାରି କରାଯାଇଥିବା ଅଧ୍ୟକ୍ଷଙ୍କ ସୂତ୍ରରୁ ପ୍ରକାଶ। ବୁଧବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବା ବେଳେ ୯ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ଓ ଯାଞ୍ଚ ପରେ ୧୦ ତାରିଖ ଦିନ ଚୂଡ଼ାନ୍ତ ତାଲିକା ଘୋଷଣା କରାଯିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଥିଲା। ୧୫ ତାରିଖ ଦିନ ନିର୍ବାଚନ ପାଇଁ କଲେଜ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି। ମଙ୍ଗଳବାର ଦିନ ଅନେକ ଛାତ୍ରଛାତ୍ରୀ କଲେଜ ପରିସରରେ ଏକତ୍ରିତ ହୋଇ କେଉଁ ପଦବୀ ପାଇଁ କିଏ ପ୍ରାର୍ଥୀ ହେବ ସେଥିନେଇ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନେଉଥିବା ଦେଖା ଯାଇଥିଲା। ଛାତ୍ରମାନେ ନିଜ ନିଜ ମଧ୍ୟରେ ଆଲୋଚନା ଜାରି ରଖିଥିବା ବେଳେ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇ ଗଣତନ୍ତ୍ର ଅଧିକାର ଜାହିର ପାଇଁ ଏହା ଏକ ସୁଯୋଗ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଛାତ୍ରମାନଙ୍କୁ ନିଜସ୍ୱ ଛାତ୍ର ସଂଗଠନ (ଛାତ୍ର ୟୁନିଅନ୍, ଅଖିଳ ଭାରତ ଛାତ୍ର ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଇତ୍ୟାଦି) ମାଧ୍ୟମରେ ସାମିଲ କରି ଲଢ଼ିବା ପାଇଁ ବୈଠକମାନ ଆୟୋଜନ କରିଥିବା ଲକ୍ଷ୍ୟ କରାଯାଇଛି। ବିଭିନ୍ନ ହଷ୍ଟେଲ ମଧ୍ୟରେ ବୈଠକ ମାନ ଚାଲିଥିବା ସୂଚନା ମିଳିଛି। ବିଜୁ ଜନତା ଦଳ ସହ ବିଭିନ୍ନ ରାଜନୈତିକ ଦଳ ମିଶି ମିଳିତ ପ୍ରାର୍ଥୀ ଦେବା ପାଇଁ ମସୁଧା ଚଳାଇ ଥିବା ବେଳେ ବିଜେପି ସମର୍ଥିତ ଛାତ୍ରମାନେ ଏକାକୀ ଲଢ଼ିବେ ବୋଲି କଲେଜ ପରିସରରେ ଆଲୋଚନା ଚାଲିଥିଲା।

## ବିଜେଡି ଯୁବନେତାଙ୍କ ମାତୃ ବିୟୋଗ



କାକଟପୁର(ନିପ୍ର): କାକଟପୁର ବ୍ଲକ ଅଧିନସ୍ଥ ନୀଳକଣ୍ଠପୁର ଗ୍ରାମର ଧର୍ମପରାୟଣା ମହିଳା ତଥା ପୁରୀଜିଲ୍ଲା ବିଜେଡି ଉପସଭାପତି ବିଶ୍ୱଜିତ ଦାଶଙ୍କ ମାତୃଦେବୀ ଏବଂ ପୂର୍ବତନ କାକଟପୁର ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଗତ ମୁରଲୀଧର ଦାଶଙ୍କ ଧର୍ମପତ୍ନୀ ପ୍ରମିଳା ଦାଶଙ୍କ ଆଜି ସକାଳ ୭ଟା ସମୟରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ।

## ଶାନ୍ତିପୂର୍ଣ୍ଣ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି

ନିଆଳି,(ନିପ୍ର): ନିଆଳିରେ ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ଦୁର୍ଗାପୂଜା ଉତ୍ସବ ପାଳନ ପାଇଁ ଆଜି ନିଆଳି ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଶାନ୍ତି କମିଟି ବୈଠକରେ ନିଷ୍ପତି ହୋଇଛି। ଶୋଭାଯାତ୍ରା କାଳରେ ସର୍ବାଧିକ ୪ଟି ସାଉଣ୍ଡ ବକ୍ସ ବ୍ୟବହାର କରିବା ସହ ଆତସବାସୀ ଓ ଡିଜେ ବ୍ୟବହାରକୁ ସଂପୂର୍ଣ୍ଣ ନିଷିଧ କରାଯିବାକୁ ନିଷ୍ପତି ନିଆଯାଇଥିଲା। ନିର୍ଦ୍ଧାରିତ ଶବ୍ଦ ଆଧାରରେ ସାଉଣ୍ଡବକ୍ସର ଶବ୍ଦ ନିୟନ୍ତ୍ରିତ ରହିବା ସହ ପୂଜା ଓ ଭସାଣୀ ସମୟରେ ନିଶାଦ୍ରବ୍ୟ ବ୍ୟବହାରକୁ ସଂପୂର୍ଣ୍ଣ ବାରଣ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ରାତ୍ର ୧୦ ଟା ପର୍ଯ୍ୟନ୍ତ ସାଉଣ୍ଡବକ୍ସ ବାଜି ପାରିବ,ଶୋଭାଯାତ୍ରା କାଳରେ କମିଟି ସଦସ୍ୟମାନଙ୍କ ପରିଚୟ ବ୍ୟବହାର ପାଇଁ ନିଷ୍ପତି ନିଆଯିବା ସହ କମିଟି କର୍ମକର୍ତ୍ତାଙ୍କ ନାମ ପୂର୍ବରୁ ପ୍ରଶାସନ ନିକଟରେ ପଞ୍ଜୀକୃତ କରାଯିବାକୁ ଅନୁରୂପ ନିଷ୍ପତି ନିଆଯାଇଥିଲା। ଏଣେ ଦୁର୍ଗାପୂଜାପାଇଁ ସମସ୍ତ ପୂଜାମଣ୍ଡପରେ ସାଜସଜ୍ଜାର ମୂର୍ତ୍ତି ତିଆରି କାର୍ଯ୍ୟ ଚୁଡାନ୍ତ ପାଇଁ ଜୋର୍‌ସୋର ପ୍ରସ୍ତୁତି ଚାଲିଥିବା ଜଣାଯାଇଛି। ଏହି ଶାନ୍ତି କମିଟି ବୈଠକରେ ସ୍ଥାନୀୟ ତହସିଲଦାର ତାରେଣୀ ରଂଜନ ରାୟ, ବିଡିଓ ଅକ୍ଷୟ କୁମାର ପରିଡା ଓ ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସହ ନିଆଳି ବଜାର କମିଟିର ସଭାପତି,ସଂପାଦକ, ପୂଜାକମିଟିର ସଭାପତି,ସଂପାଦକଙ୍କ ସମେତ ସଦସ୍ୟ ଓ ସ୍ଥାନୀୟ ବହୁ ମୁରବୀ ପ୍ରମୁଖ ଯୋଗଦେଇଥିଲେ।

## ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

କାଶୀନଗର (ନିପ୍ର): କାଶୀନଗର ପଞ୍ଚାୟତ ସମିତି ସମ୍ମିଳନୀ ପ୍ରକୋଷ୍ଠ ମଧ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଉତ୍ସହବ ପାଳନ ଉଦେଶ୍ୟରେ ସାରା ରାଜ୍ୟରେ ପାଳିତ ହେଉଥିବା ସେବା ସଂକଳ୍ପ ଅଭିଯୋଗ-୨୦୨୬ ଆନୁକୂଲ୍ୟରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅଧକ୍ଷା ବାଲା ସାଇମ୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପୃଥିବୀ ରାଜ ମଣ୍ଡଳ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯେଉଁ ସବୁ ଜନ ହିତାକାଂକ୍ଷୀ ଯୋଜନା ସବୁ କାର୍ଯ୍ୟକାରୀ ହେଉଛି ତାହା ତୃଣମୂଳ ସ୍ତରର ପ୍ରତ୍ୟେକ ଲୋକ ଜାଣିବା ସହ ସେମାନଙ୍କ ନିକଟରେ ପହଞ୍ଚେଇବା ଉଦ୍ଦେଶ୍ୟରେ ଏହି ସେବା ସେତୁ ଅଭିଯାନ ଯାହାକି ପ୍ରଶାସନରେ କାର୍ଯ୍ୟରତ ବିଭଗୀୟ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ସାମନ୍ୱୟ ରକ୍ଷା କରିବା ସହ ଗୋଟେ ସେତୁ ଭଳି କାର୍ଯ୍ୟ କରି ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଏସ ଡ଼ି ସି ଅଧକ୍ଷ କାମଦେବ ପଟ୍ଟନାୟକ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବାର ସୁତି ଯୋଜନା ଯାହାକି ସମସ୍ତ ବର୍ଗର ଲୋକଙ୍କୁ ସୁହେଇଲା ଭଳି ହୋଇଛି ଏବଂ ସେ ସବୁ ଯୋଜନା ଠିକ ଭାବେ କାର୍ଯକାରୀ ହେଲେ ବହୁ ଗରୀବ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି। ଗଜପତି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପାଳ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇ ସେବା ପକ୍ଷ ଉଦେଶ୍ୟରେ ଯ୍ୟଥା ସମ୍ଭବ ବୃକ୍ଷ ରୋପଣ କରିବା ସକାଶେ ଗୁରୁତ୍ୱ ଦେଇଥିଲେ।

## ଗଡକୁଜଙ୍ଗରେ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ




ପାରାଦୀପ(ନିପ୍ର): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଢ଼ିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗଡକୁଜଙ୍ଗରେ ଏକ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ହୋଇଥିବା ଗ୍ରାମ ବିକାଶର ପ୍ରାଥମିକତାକୁ ଆଧାର କରି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନର ସହଯୋଗରେ ଏହି ଅତ୍ୟାଧୁନିକ ସମୁଦାୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଦୀର୍ଘଦିନ ଧରି ଗଡକୁଜଙ୍ଗବାସୀଙ୍କ ପାଇଁ ସାମୂହିକ ଭାବେ ଏକାଠି ହେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ସ୍ଥାନର ଅଭାବ ରହିଥିଲା। ନୂତନ ସମୁଦାୟ କେନ୍ଦ୍ର ଏହି ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ସହ ଗ୍ରାମବାସୀଙ୍କ ପାଇଁ ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ଉତ୍ସବ ଓ ବିଭିନ୍ନ ସାମୂହିକ ଆୟୋଜନ ପାଇଁ ଏକ ସୁବିଧାଜନକ ଓ କେନ୍ଦ୍ରୀୟ ସ୍ଥାନ ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ, ପାରାଦୀପର ଉପସଭାପତି ମନୋଜ ସିଂହ, ଜେଏସଡବ୍ଲୁ ଫାଉଣ୍ଡେସନର ସିଓ ରିତେଶ ସିହ୍ନା, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ, ଜେଏସଡବ୍ଲୁ ଫାଉଣ୍ଡେସନ ଓଡ଼ିଶାର ଜିଏମ ପ୍ରଶାନ୍ତ ବିଶ୍ୱାଳ ଏବଂ ସିଏସଆର ହେଡ୍ ଅଭିଜିତ ମହାନ୍ତିଙ୍କ ସମେତ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗଡକୁଜଙ୍ଗ ପକ୍ଷରୁ ଗ୍ରାମ ପଞ୍ଚାୟତର ସରପଞ୍ଚ କବିତା ଦାସ, କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟର ପରିଚାଳକ ରାଜେନ୍ଦ୍ର ବେହେରାଙ୍କ ସମେତ ସମୁଦାୟ ନେତୃବୃନ୍ଦ ଯଦୁନାଥ ଖଟୁଆ, ପ୍ରଶାନ୍ତ ଦାସ ଓ ନଳିନୀକାନ୍ତ ବେହେରା ଏବଂ ଅନ୍ୟାନ୍ୟ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିକଶିତ ଭାରତ ସଙ୍କଳ୍ପ ସଭା

ଭଦ୍ରକ(ନିପ୍ର): ସେବା ସଙ୍କଳ୍ପ ଅଭିଯାନ’ ଅନ୍ତର୍ଗତ ଭଦ୍ରକର ନୂଆ ବସ୍‌ଷ୍ଟାଣ୍ଡରୁ ଐତିହାସିକ ଗାନ୍ଧୀ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ‘ସେବା ଜ୍ୟୋତି ଯାତ୍ରା ଓ ବିକଶିତ ଭାରତ ସଙ୍କଳ୍ପ ସଭା’ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ସହ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଉପସ୍ଥିତ ରହି ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଦେଶର ବିକାଶ ଓ ଜନସେବା ପ୍ରତି ଅଟଳ ସଙ୍କଳ୍ପର ଗୌରବମୟ ଯାତ୍ରା ବୋଲି କହିଥିଲେ। ତାଙ୍କ ନେତୃତ୍ୱରେ ଯୁବଶକ୍ତି, ନାରୀ, କୃଷକ ଓ ଦେଶର ବିକାଶକୁ ମିଳିଛି ନୂଆ ଗତି ଓ ନୂଆ ଦିଗ ବୋଲି ବିଧାୟକ କହିଥିଲେ।

# ଘରବାରି ପଟ୍ଟା ଦାବିରେ ଆସିକା ତହସିଲ ଘେରାଉ

## ମାସକ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ




ଆସିକା, (ନିପ୍ର): ଆସିକା ପୌରପରିଷଦ ଅନ୍ତର୍ଗତ ଲାଲାଶାସନ ଓ ଲଛମନପଲ୍ଲୀ ରାଜସ୍ୱ ମୌଜାର ବାସିନ୍ଦାଙ୍କୁ ଘରବାରି ପଟ୍ଟା ପ୍ରଦାନ ଦାବିରେ ଆନ୍ଦୋଳନ ତୀବ୍ର ହୋଇଛି। ବୁଧବାର ଶତାଧିକ ମହିଳା ଓ ପୁରୁଷ ବାଲୁଙ୍କେଶ୍ୱର ମନ୍ଦିର ପରିସରରୁ ପ୍ରତିବାଦ ଶୋଭାଯାତ୍ରା ବାହାର କରି ନଗର ପରିକ୍ରମା କରିଥିଲେ। ପରେ ଆସିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପଟ୍ଟା ପ୍ରଦାନ ଦାବି କରିଥିଲେ। ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଯାୟୀ, ଲଛମନପଲ୍ଲୀ ଓ ଲାଲାଶାସନ ଅଞ୍ଚଳର ଲୋକେ ଦୀର୍ଘ ଶହ ଶହ ବର୍ଷ ଧରି ଗ୍ରାମକଣ୍ଠ ପରମ୍ବୋକ ଜମିରେ ବସବାସ କରିଆସୁଛନ୍ତି। ଆସିକା ସହରର ଭୂ-ବନ୍ଦୋବସ୍ତ କରି ରାଜସ୍ୱ ପଟ୍ଟା ପ୍ରଦାନ ପାଇଁ ୨୦୧୭ ମସିହାରୁ ସରକାରୀ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏଯାଏଁ ପଟ୍ଟା ପ୍ରଦାନ ହୋଇନାହିଁ। ୨୦୨୩ ମସିହାରେ ବନ୍ଦୋବସ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୨୦୨୫ ଜାନୁଆରୀରେ ଘରକୁ ଘର ସର୍ଭେ କାର୍ଯ୍ୟ ମଧ ସମ୍ପନ୍ନ ହୋଇଥିଲା। ସର୍ଭେ ସମ୍ପର୍କିତ ନଥିପତ୍ର ଗଞ୍ଜାମ ଜିଲ୍ଲାପାଳ ଓ ଆସିକା ତହସିଲ କାର୍ଯ୍ୟାଳୟରେ ଦାଖଲ ହୋଇଥିବା ସତ୍ତ୍ୱେ ପଟ୍ଟା ପ୍ରଦାନରେ ଅଗ୍ରଗତି ନହେବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଆନ୍ଦୋଳନକାରୀମାନେ ଭଞ୍ଜନଗର ଉପଜିଲ୍ଲାପାଳ ଓ ଆସିକା ତହସିଲଦାରଙ୍କ ଜରିଆରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଏକ ମାସ ମଧ୍ୟରେ ଘରବାରି ପଟ୍ଟା ପ୍ରଦାନ ନହେଲେ ନଭେମ୍ବର ୨ରେ ଶାନ୍ତିପୂର୍ଣ୍ଣ ଧାରଣା ଓ ବିକ୍ଷୋଭ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ବିକ୍ଷୋଭରେ ଉପେନ୍ଦ୍ରନାଥ ମିଶ୍ର, ପ୍ରସନ୍ନ କୁମାର ତ୍ରିପାଠୀ, ଶିବ ପ୍ରସାଦ ଶତପଥୀ, ପ୍ରକାଶ ଚନ୍ଦ୍ର ପଣ୍ଡା, ୱାର୍ଡ ମେମ୍ବର ରାଘବ ସିଅ, ସଞ୍ଜୁକ୍ତା କୁମାରୀ ଶତପଥୀ, କୈଳାସ ପ୍ରଧାନ, ସୁବାଷ ଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ତ୍ରିପାଠୀ, ଟୁକୁ ତ୍ରିପାଠୀଙ୍କ ସମେତ ଲାଲାଶାସନ ଓ ଲଛମନପଲ୍ଲୀର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

ତିଥି :(ତ୍ରୟୋଦଶୀ) : (ପୂର୍ବାଫା ସିଂହ )

ଅମୃତ ବେଳା: ଦିବା ଘ ୭।୧୮ ମଧ୍ୟେ ଘ ୧।୪୨ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟ ବିଭୁତି ଓ ଯୋଗକୁ
ଜାଣେ ଅବିଚଳିତ ଭକ୍ତି ଯୋଗରେ ଯୁକ୍ତ ହୋଇଯାଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରାଥମିକତା ଦେବା ଜରୁରୀ

ୟୁରୋପୀୟ ଦେଶ ଫ୍ରାନ୍ସରେ ଶିକ୍ଷା ଭିତ୍ତିଭୂମିରେ ଦୁର୍ବଳତା ନେଇ ବଡ଼ଧରଣର ବିକ୍ଷୋଭ ଓ ଅଶାନ୍ତିକର ସ୍ଥିତି ଉପୁଜିବା, ସେଥିରେ ଦେଶରେ ବର୍ତ୍ତମାନ ଯୁବପିଢ଼ି ଏବଂ ଛାତ୍ରସମାଜ ରାଜରାସ୍ତାକୁ ଓହ୍ଲାଇ ଏକ ପ୍ରଚଣ୍ଡ ଆନ୍ଦୋଳନ ଆରମ୍ଭ କରିବା ସଂପୃକ୍ତ ଦେଶରେ ପ୍ରଶାସନିକ ଦୁର୍ବଳତାକୁ ଇଙ୍ଗିତ କରେ,ଏହା ନିଃସନ୍ଦେହ। ଦେଶରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିରେ ଦୁର୍ବଳତା ବିଶେଷ କରି ଆବଶ୍ୟକ ଶିକ୍ଷକଙ୍କ ଅଭାବ ଏବଂ ୨୦୨୭ ପାଇଁ ପ୍ରସ୍ତାବିତ ବଜେଟ୍ କାଟ୍ ବିରୋଧରେ ଅସନ୍ତୋଷ ତେଜିବା ସ୍ୱାଭାବିକ । ଯାହା ମନେ ହୁଏ ସରକାରୀକଳ ଏବାବଦରେ ନିଃସ୍ପୃହ ଅଛନ୍ତି। 'ଜେନ୍-ଜେଡ୍' ବର୍ଗର ହାଇସ୍କୁଲ୍ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ବ୍ୟାପକ ଭାବରେ ବିକ୍ଷୋଭର ନେତୃତ୍ୱ ନେଉଥିବା ଲକ୍ଷ୍ୟଣୀୟ। ଆନ୍ଦୋଳନକାରୀଙ୍କ ମୁଖ୍ୟ ଅଭିଯୋଗଗୁଡ଼ିକ ହେଉଛି ଛାତ୍ରଛାତ୍ରୀମାନେ କମ୍ ସଂଖ୍ୟକ ଛାତ୍ରବିଶିଷ୍ଟ ଶ୍ରେଣୀଗୃହ, ଉନ୍ନତ ଭିତ୍ତିଭୂମି ଏବଂ ଶିକ୍ଷକଙ୍କ ଅଭାବ ଯୋଗୁଁ ହେଉଥିବା ପାଠପଢ଼ା କ୍ଷତିରୁ ମୁକ୍ତି ଲୋଡ଼ା, ଏପରି ଦାବି ଜାରି ରଖିଛନ୍ତି।

ଆନ୍ଦୋଳନର ପ୍ରଭାବ କାରଣରୁ ପ୍ୟାରିସ୍, ମାର୍ସେଲ୍, ଲିୟନ୍ ଏବଂ ଅନ୍ୟାନ୍ୟ ସହରରେ ଶହ ଶହ ହାଇସ୍କୁଲ୍ ଅବରୋଧ କିମ୍ବା ବନ୍ଦ ହୋଇଯାଇଛି ଏବଂ ଶିକ୍ଷାଦାନ ପ୍ରକ୍ରିୟା ଅନ୍‌ଲାଇନ୍ ମାଧ୍ୟମରେ ଚାଲିଛି। କିଛି ସ୍ଥାନରେ ବିକ୍ଷୋଭ ହିଂସାତ୍ମକ ରୂପ ନେବା, ଉପଦ୍ରବକାରୀମାନେ ନିଆଁ ଲଗାଇବା ଓ ବିଭିନ୍ନ ଜିନିଷ ଭଙ୍ଗାରୁଜା କରିବା ଅଶୋଭନୀୟ, କାରଣ ନଷ୍ଟ ହେଉଥିବା ସାମଗ୍ରୀ ରାଷ୍ଟ୍ରର। ଏହାକୁ ରୋକିବାକୁ ପୋଲିସ୍ ଲୁହବୁହା ଗ୍ୟାସ୍ ଓ ସ୍ମୋକ୍ ଗ୍ରେନେଡ୍ ପ୍ରୟୋଗ କରିବା, ହଜାର ହଜାର ଲୋକଙ୍କୁ ଗିରଫ କରିବା ଭଳି ଘଟଣା ଯାଏଁ ସ୍ଥିତି ପ୍ରଲମ୍ବିତ ହେଉଛି । ଗଣମାଧ୍ୟମ ଅନୁଯାୟୀ ଏହି ଆନ୍ଦୋଳନକୁ ଉଗ୍ର ରୂପ ଦେବା ପାଇଁ ଉଗ୍ର-ବାମପନ୍ଥୀ ରାଜନୈତିକ ଗୋଷ୍ଠୀ ଏହା ପଛରେ ରହୁଥିବା ସରକାରୀ ଭାବରେ କୁହାଯାଉଛି, ତେବେ ଏହା କେତେ ଦୂର ସତ ତାହା ନିରପେକ୍ଷ ତଦନ୍ତ ବିନା ଜଣାପଡିବ ନାହିଁ।ଜାତୀୟ ଶିକ୍ଷା ମନ୍ତ୍ରୀ ଏଡୁଆର୍ଡ ଗେଫ୍ରେ ବିବୃତି ରଖିଛନ୍ତି ' ଆମର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଆମ ପାଇଁ ସର୍ବୋଚ୍ଚ ପ୍ରାଥମିକତା। ଆରମ୍ଭରୁ ହିଁ ମୁଁ ଆଲୋଚନା ପାଇଁ ଆହ୍ୱାନ ଦେଇଆସିଛି, ଅବରୋଧକୁ ଉତ୍ସାହିତ କରିବା ପାଇଁ ନୁହେଁ।'ଅବଶ୍ୟ ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ପ୍ରଧାନମନ୍ତ୍ରୀ ତୁରନ୍ତ ଏକ ଜରୁରୀକାଳୀନ ବୈଠକ ଡାକି ସ୍ଥିତିର ସମୀକ୍ଷା ପୂର୍ବକ ଆନ୍ଦୋଳନକୁ ଶାନ୍ତ କରିବା ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଯଦିଓ ଦେଇଛନ୍ତି ତେବେ ଆଗାମୀ ଦିନରେ ଏହି ବିବାଦ କିଭଳି ମୋଡ଼ ନେବ ତାହା ଉପରେ କହିହେବ ନାହିଁ। ଅହିଂସ ଆନ୍ଦୋଳନ ତଥା ସରକାରଙ୍କ ସହ ଆନ୍ଦୋଳନକାରୀମାନେ ଯଦି ଆଲୋଚନା ପୂର୍ବକ ସମସ୍ୟା ସଂପର୍କରେ ଗୁରୁତ୍ୱ ଦେବେ ତେବେ ସମାଧାନ ସ୍ଥିର ତଥା ସଅଳ ହୋଇପାରିବ।

ଯଥାର୍ଥ ଦାବି ଉଠାଇବା ଜେନ-ଜି ବର୍ଗଙ୍କ ପକ୍ଷେ ଯେଭଳି ସାଧାରଣ ସରକାରୀ ସ୍ତରରେ ଶିକ୍ଷା ଭିତ୍ତିଭୂମିକୁ ନ ସଜାଡ଼ି ନୀରବତା ଅବଲମ୍ବନ ଶୋଭନୀୟ ନୁହେଁ, ଆତ୍ମରକ୍ଷା ବା ଗାଦି ସୁରକ୍ଷା ଅପେକ୍ଷା ଜେନ-ଜି ବା ଜନତାଙ୍କ ଉପଯୁକ୍ତ ଦାବି ପୂରଣ ପ୍ରତି ସଂପୃକ୍ତ ସରକାର ପ୍ରାଥମିକତା ଦେବା ସର୍ବାଦୌ ଜରୁରୀ।

# ଛାତ୍ର ସଂସଦ ନିର୍ବାଚନ : ନେତୃତ୍ୱର ପାଠ କି ରାଜନୀତିର ପ୍ରବେଶଦ୍ୱାର ?

**ଡ. ଏଚ୍. ପାର୍ଥସାରଥୀ ପାତ୍ର**

**ନିର୍ବାଚନ ନିଶ୍ଚିତ ଭାବରେ ଗଣତାନ୍ତ୍ରିକ ଚେତନାର ଏକ ଅଂଶ। ଏହା ଛାତ୍ରଙ୍କୁ ମତଦାନ, ମତଭେଦ, ନେତୃତ୍ୱ, ଦାୟିତ୍ୱ ଓ ଜନମତର ମୂଲ୍ୟ ବୁଝାଇପାରେ। ଜଣେ ଛାତ୍ର ନିଜ ସହପାଠୀଙ୍କ ସମସ୍ୟା ଉଠାଇବା, ପ୍ରଶାସନ ସହ ଆଲୋଚନା କରିବା ଓ ସାମୂହିକ ସ୍ୱାର୍ଥ ପାଇଁ କାମ କରିବା ଶିଖିପାରେ। ଏହି ଦୃଷ୍ଟିରୁ ଛାତ୍ର ସଂସଦର ଏକ ଶିକ୍ଷାମୂଳକ ମୂଲ୍ୟ ଅଛି। କିନ୍ତୁ ପ୍ରଶ୍ନ ହେଉଛି,ଏହି ନେତୃତ୍ୱ ଶିଖିବା ପାଇଁ ନିର୍ବାଚନ ହିଁ କଣ ଏକମାତ୍ର ମାଧ୍ୟମ ?**

ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ମନ୍ଦିର। ଏଠାରେ ଛାତ୍ରଛାତ୍ରୀ ଆସନ୍ତି ଜ୍ଞାନ ଆହରଣ କରିବାକୁ, ଦକ୍ଷତା ବିକାଶ କରିବାକୁ, ନିଜ ଭବିଷ୍ୟତ ଗଢ଼ିବାକୁ ଏବଂ ଦେଶର ଭଲ ନାଗରିକ ହେବାକୁ। କିନ୍ତୁ ଯେତେବେଳେ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ହୁଏ, ସେତେବେଳେ ଏକ ମୌଳିକ ପ୍ରଶ୍ନ ଉଠେ-ପାଠ ପଢ଼ିବା ସମୟରେ ଜଣେ ଛାତ୍ରଙ୍କୁ ନେତା ହେବା କେତେ ଆବଶ୍ୟକ ?

ନିର୍ବାଚନ ନିଶ୍ଚିତ ଭାବରେ ଗଣତାନ୍ତ୍ରିକ ଚେତନାର ଏକ ଅଂଶ। ଏହା ଛାତ୍ରଙ୍କୁ ମତଦାନ, ମତଭେଦ, ନେତୃତ୍ୱ, ଦାୟିତ୍ୱ ଓ ଜନମତର ମୂଲ୍ୟ ବୁଝାଇପାରେ। ଜଣେ ଛାତ୍ର ନିଜ ସହପାଠୀଙ୍କ ସମସ୍ୟା ଉଠାଇବା, ପ୍ରଶାସନ ସହ ଆଲୋଚନା କରିବା ଓ ସାମୂହିକ ସ୍ୱାର୍ଥ ପାଇଁ କାମ କରିବା ଶିଖିପାରେ। ଏହି ଦୃଷ୍ଟିରୁ ଛାତ୍ର ସଂସଦର ଏକ ଶିକ୍ଷାମୂଳକ ମୂଲ୍ୟ ଅଛି।

କିନ୍ତୁ ପ୍ରଶ୍ନ ହେଉଛି,ଏହି ନେତୃତ୍ୱ ଶିଖିବା ପାଇଁ ନିର୍ବାଚନ ହିଁ କଣ ଏକମାତ୍ର ମାଧ୍ୟମ ?

ନେତୃତ୍ୱ ଶିଖାଇବା ପାଇଁ ଡିବେଟ୍ କ୍ଲବ୍, ଯୁବ ସଂସଦ, ମଡେଲ୍ ପାର୍ଲାମେଣ୍ଟ, ସାମାଜିକ ସେବା, ଏନଏସଏସ, ଏନସିସି, ରୋଟାରୀ/ଯୁବ କ୍ଲବ୍, ଷ୍ଟାର୍ଟଅପ୍ କ୍ଲବ୍, ଛାତ୍ର ପ୍ରକଳ୍ପ ଏବଂ ବିଭିନ୍ନ ଏକାଡେମିକ୍ କମିଟି ମାଧ୍ୟମରେ ମଧ୍ୟ ନେତୃତ୍ୱ ଗୁଣ ବିକଶିତ କରାଯାଇପାରେ। ତେବେ ନିର୍ବାଚନକୁ ଏତେ ଗୁରୁତ୍ୱ କାହିଁକି ?



ଆଉ ଏକ ଗଭୀର ପ୍ରଶ୍ନ-ଜଣେ ଭଲ ଛାତ୍ର ହେବା ଓ ଜଣେ ଭଲ ନେତା ହେବା କ'ଣ ଏକା ଜିନିଷ ? ଜଣେ ଛାତ୍ର ଅତ୍ୟନ୍ତ ଭଲ ଭାବରେ ପାଠ ପଢ଼ିପାରନ୍ତି, ଗବେଷଣା କରିପାରନ୍ତି, ନୂଆ ଉଦ୍ଭାବନ କରିପାରନ୍ତି, ଚାକିରି ପାଇପାରନ୍ତି କିମ୍ବା ଉଦ୍ୟୋଗୀ ହୋଇପାରନ୍ତି। ସେ ଯଦି ଛାତ୍ର ସଂସଦରେ ନ ଥାନ୍ତି, ତେବେ କଣ ତାଙ୍କ ନେତୃତ୍ୱ କ୍ଷମତା ନାହିଁ ? ଅନ୍ୟପକ୍ଷେ, ନିର୍ବାଚନ ଜିତିଥିବା ପ୍ରତ୍ୟେକ ଛାତ୍ର କ'ଣ ଭବିଷ୍ୟତରେ ଜଣେ ଭଲ ନେତା ହୋଇଯିବେ ?

ନିର୍ବାଚନ ଜିତିବା ଓ ନେତୃତ୍ୱ ଦେବା-ଏ ଦୁଇଟି କଣ ସମାନ ?

ଆଜିର ଛାତ୍ର ସମାଜ ଆଗାମୀ ଦିନର ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ବୈଜ୍ଞାନିକ, ଉଦ୍ୟୋଗୀ, ପ୍ରଶାସକ ଓ ନାଗରିକ। ତେଣୁ ଶିକ୍ଷାନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ-ତାଙ୍କୁ ଜ୍ଞାନ, ଦକ୍ଷତା, ଚରିତ୍ର ଓ ଦାୟିତ୍ୱବୋଧରେ ସମୃଦ୍ଧ କରିବା।

ଏଠାରେ ଆଉ ଏକ ଶାଣିତ ପ୍ରଶ୍ନ ଉଠେ—ଯଦି ନେତୃତ୍ୱ ଏତେ ଜରୁରୀ, ତେବେ ସରକାର ଏହାକୁ ଏକ ସଂଗଠିତ ଶିକ୍ଷା ବିଷୟ ଭାବେ କାହିଁକି ପଢ଼ାଉନାହାନ୍ତି ?

ଯେପରି ଆମେ ଇଞ୍ଜିନିୟରିଂ, ମେଡିକାଲ, ଆଇନ, ପ୍ରଶାସନ, ବାଣିଜ୍ୟ ଓ ବିଜ୍ଞାନ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷା ଦେଉଛୁ, ସେପରି ଲିଡରସିପ୍, ପବ୍ଲିକ ଆଡମିନିଷ୍ଟ୍ରେସନ, ସାମ୍ବିଧାନିକ ଅଧ୍ୟୟନ, ରାଜନୈତିକ ଯୋଗାଯୋଗ,ଏଥିକ୍ସ ଓ ଗର୍ଭର୍ଣ୍ଣାନସର ଭଳି ବିଷୟକୁ ଅଧିକ ବ୍ୟବସ୍ଥିତ ଭାବେ କାହିଁକି ଶିକ୍ଷାର ଅଂଶ କରାଯାଉନାହିଁ ?

ଯଦି ଛାତ୍ର ନେତୃତ୍ୱର ଉଦ୍ଦେଶ୍ୟ ଗଣତନ୍ତ୍ରର ପ୍ରଶିକ୍ଷଣ, ତେବେ ଏହା କେବଳ ନିର୍ବାଚନ ଦିନରେ ସୀମିତ ନ ରହି ଦୈନନ୍ଦିନ ଶିକ୍ଷାର ଅଂଶ ହେବା ଉଚିତ। ଆଉ ଏକ ଚିନ୍ତାର ବିଷୟ ହେଉଛି-ଛାତ୍ର ରାଜନୀତି କେତେବେଳେ ଛାତ୍ର ସ୍ୱାର୍ଥରୁ ଦଳୀୟ ରାଜନୀତି ଆଡ଼କୁ ଗତି କରେ ? ଯଦି ଛାତ୍ର ସଂସଦ ନିର୍ବାଚନରେ ବାହ୍ୟ ରାଜନୈତିକ ପ୍ରଭାବ, ଗୋଷ୍ଠୀବାଦ, ଧନବଳ କିମ୍ବା ଶକ୍ତି ପ୍ରଦର୍ଶନ ପ୍ରବେଶ କରେ, ତେବେ ତାହା ଗଣତନ୍ତ୍ରର ପ୍ରଶିକ୍ଷଣ ରହେ ନାହିଁ; ତାହା ହୋଇଯାଏ ବୟସ ପୂର୍ବରୁ ରାଜନୈତିକ ଶକ୍ତି ପ୍ରଦର୍ଶନର ଅଭ୍ୟାସ।

ତେବେ ଛାତ୍ର ସଂସଦ ଦରକାର ନାହିଁ କି ? ନିଶ୍ଚିତ ଭାବରେ ଏପରି କହିବା ଠିକ୍ ନୁହେଁ। ଛାତ୍ରମାନଙ୍କ ସ୍ୱର ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚିବା ଦରକାର। କ୍ୟାମ୍ପସର ସମସ୍ୟା, ଶିକ୍ଷାର ଗୁଣବତ୍ତା, ଲାଇବ୍ରେରୀ, ଲ୍ୟାବ୍, ହଷ୍ଟେଲ୍, ପରିବହନ, ଛାତ୍ର କଲ୍ୟାଣ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଛାତ୍ରଙ୍କ ଅଂଶଗ୍ରହଣ ଗଣତାନ୍ତ୍ରିକ ଶିକ୍ଷାର ଏକ ଭଲ ମାଧ୍ୟମ ହୋଇପାରେ।

କିନ୍ତୁ ଏହାର ଗଠନ ଓ ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଦରକାର।

ଛାତ୍ର ସଂସଦ ହେଉ-ଛାତ୍ରଙ୍କ ସ୍ୱର, ଦଳୀୟ ରାଜନୀତିର ପ୍ରଶିକ୍ଷଣ ନୁହେଁ।

ନିର୍ବାଚନ ହେଉ-ଦାୟିତ୍ୱ ଶିଖିବାର ମାଧ୍ୟମ, ଶକ୍ତି ଦେଖାଇବାର ମଞ୍ଚ ନୁହେଁ।

ନେତୃତ୍ୱ ହେଉ-ସେବାର ପର୍ଯ୍ୟାୟ, ପଦର ଗର୍ବ ନୁହେଁ।

ସମାଜ ପାଇଁ ଛାତ୍ର ନେତୃତ୍ୱ ନିଶ୍ଚିତ ଭାବରେ ଆବଶ୍ୟକ। କାରଣ ଆଜିର ଛାତ୍ର ହିଁ ଆସନ୍ତାକାଲିର ସମାଜ ଓ ଦେଶକୁ ନେତୃତ୍ୱ ଦେବ। କିନ୍ତୁ ନେତୃତ୍ୱର ଅର୍ଥ କେବଳ ମାଇକ୍ ଧରି ଭାଷଣ ଦେବା ନୁହେଁ; ଅନ୍ୟାୟ ବିରୋଧରେ ଠିଆ ହେବା, ଦାୟିତ୍ୱ ନେବା, ନିଜ ଭୁଲ ସ୍ୱୀକାର କରିବା, ଅନ୍ୟର ମତକୁ ସମ୍ମାନ କରିବା ଏବଂ ସମାଜ ପାଇଁ କାମ କରିବା ହେଉଛି ପ୍ରକୃତ ନେତୃତ୍ୱ।

ଶେଷରେ ଆମକୁ ନିଜକୁ ପଚାରିବାକୁ ପଡ଼ିବ—

ଆମେ ଛାତ୍ରଙ୍କୁ ନେତା ବନାଇବାକୁ ଚାହୁଁଛୁ, ନା ଭଲ ନାଗରିକ ?

ନିର୍ବାଚନ ଜିତିବା ଆମର ଲକ୍ଷ୍ୟ, ନା ଚରିତ୍ର ଗଢ଼ିବା ?

ଛାତ୍ର ସଂସଦ ଗଣତନ୍ତ୍ରର ପ୍ରଥମ ପାଠଶାଳା ହେବ, ନା ଦଳୀୟ ରାଜନୀତିର ପ୍ରଥମ ପ୍ରବେଶଦ୍ୱାର ?

ଉତ୍ତରଟି ଆମର ଶିକ୍ଷା ବ୍ୟବସ୍ଥା, ଅଭିଭାବକ, ଶିକ୍ଷକ, ସରକାର ଓ ସମଗ୍ର ସମାଜକୁ ମିଶି ଦେବାକୁ ପଡ଼ିବ।କାରଣ ଦେଶକୁ କେବଳ ନେତା ଦରକାର ନାହିଁ; ଦେଶକୁ ଦରକାର ଜ୍ଞାନୀ, ଦାୟିତ୍ୱବାନ୍, ନୈତିକ ଓ ସମାଜ ପ୍ରତି ସମ୍ବେଦନଶୀଳ ନେତା।

ଏବଂ ସେହି ନେତୃତ୍ୱର ପ୍ରଥମ ପାଠ ନିର୍ବାଚନରୁ ନୁହେଁ—ଚରିତ୍ରରୁ ଆରମ୍ଭ ହେବା ଉଚିତ।

ବିଶାଖାପାଟଣା , ମୋ-୯୮୬୧୦୧୨୪୧୧

# ଶିକ୍ଷା ଖୋଲେ: ସମ୍ଭାବନାର ନୂଆ ଦ୍ୱାର

**ଅଲତାଫ୍ ମିର୍**

ସବୁବେଳେ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ପାଠ୍ୟପୁସ୍ତକ କିମ୍ବା ଶ୍ରେଣୀଗୃହରୁ ମିଳି ନଥାଏ। ବେଳେବେଳେ ଏମିତି କିଛି ବ୍ୟକ୍ତିବିଶେଷଙ୍କ ଜୀବନୀରୁ ଶିକ୍ଷାର ମୂଲ୍ୟବୋଧ ଜଣାପଡ଼ିଥାଏ, ଯେଉଁମାନେ ଅତି କଠିନ ପରିସ୍ଥିତିରେ ମଧ୍ୟ ନିଜକୁ ସମୟର ଦାସ ନ ଭାବି ନିଜ ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ସଂଘର୍ଷ କରିଥାନ୍ତି। ଖୁସବୁ ମିରଜା ହେଉଛନ୍ତି ଜଣେ ସେହିଭଳି ବ୍ୟକ୍ତିତ୍ୱ ଯାହାଙ୍କ ଜୀବନ ଯାତ୍ରା ଉତ୍ତର ପ୍ରଦେଶର ଆମ୍ରୋହା ସହରରୁ ଆରମ୍ଭ ହୋଇ ଭାରତର ମହାକାଶ କାର୍ଯ୍ୟକ୍ରମରେ ଭାଗନେବା ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ। ଯେଉଁ ପରିବାର ଝିଅମାନଙ୍କୁ ଆତ୍ମବିଶ୍ୱାସ, ଜ୍ଞାନ ଏବଂ ଉଦ୍ଦେଶ୍ୟବୋଧ ସହିତ ବଢ଼ାଇବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଖୁସବୁ ମିରଜାଙ୍କ କାହାଣୀ ବିଶେଷ ଭାବରେ ପ୍ରାସଙ୍ଗିକ। ଖୁସବୁ ଆମ୍ରୋହାର ମହଲ୍ଲା ଚାଗୋରୀରେ ବଢ଼ିଛନ୍ତି ଏବଂ ୧୯୮୫ ମସିହାରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା ଯେତେବେଳେ ତାଙ୍କୁ ମାତ୍ର ସାତ ବର୍ଷ ହୋଇଥିଲା। ତାଙ୍କ ମାଆ ଫରହାତ ମିରଜା ଦୁର୍ବଳ ଆର୍ଥିକ ପରିସ୍ଥିତିରେ ତିନି ପିଲାଙ୍କୁ ପାଳନ କରିବାକୁ ବାଧ ହୋଇଥିଲେ। ଏଭଳି ପରିସ୍ଥିତିରେ ପାଠପଢ଼ା ଜାରି ରଖିବା ଅନେକଙ୍କ ପାଇଁ ଅସମ୍ଭବ ହୋଇଥାଏ। କିନ୍ତୁ କୌଣସି ସହଜ ରୋଜଗାରର ପନ୍ଥା ନଥିଲେ ମଧ୍ୟ ଫରହାତ ନିଜର ଆର୍ଥିକ ଓ ପାରିବାରିକ ସମସ୍ୟାକୁ ତାଙ୍କ ପିଲାମାନଙ୍କ ପାଠପଢ଼ାରେ କଣ୍ଟା ସାଜିବାକୁ ଦେଇନଥିଲେ। ଏଥିରୁ ପ୍ରମାଣ ଯେ ଅନେକ ସମୟରେ ମହିଳା ସଶକ୍ତିକରଣ କୌଣସି କାର୍ଯ୍ୟସ୍ଥଳରେ ଯୋଗଦେବାର ବହୁ ଆଗରୁ ଆରମ୍ଭ ହୋଇଥାଏ। ଏହା ଘରେ ଆରମ୍ଭ ହୋଇଥାଏ ଯେତେବେଳେ ପିତାମାତା ବିଶ୍ୱାସ ରଖନ୍ତି ଯେ କଷ୍ଟକର ପରିସ୍ଥିତି ଥିଲେ ମଧ୍ୟ ଝିଅଙ୍କ ଶିକ୍ଷାରେ ନିବେଶ କରିବା ଉଚିତ। ଯଦିଓ ପରିବାର ଲୋକ ଜାଣିନଥାନ୍ତି ଯେ ଶିକ୍ଷା ଶେଷରେ ଜଣେ ପିଲାକୁ ନେଇ କେଉଁଠି ପହଞ୍ଚାଇବ, କିନ୍ତୁ ଶିକ୍ଷାରୁ ସମ୍ପୂର୍ଣ୍ଣ ବଞ୍ଚିତ କରିବା ଅର୍ଥ ପିଲା ନିଜ ଦକ୍ଷତା ବିଷୟରେ ଜାଣିବା ପୂର୍ବରୁ ସୁଯୋଗର ସବୁ ଦ୍ୱାର ବନ୍ଦ କରିଦେବା।

ଶିକ୍ଷାର ଗୁରୁତ୍ୱ ନିଯୁକ୍ତି ଠାରୁ ମଧ ବହୁ ଉର୍ଦ୍ଧ୍ୱରେ। ଜଣେ ଭଲ ଶିକ୍ଷିତ ବ୍ୟକ୍ତି ନିଜ ଚତୁଃପାର୍ଶ୍ୱର ପରିସ୍ଥିତିକୁ ବୁଝିବା, ଅବିଶ୍ୱସନୀୟ ତଥ୍ୟ ସମ୍ବନ୍ଧରେ ପ୍ରଶ୍ନ କରିବା ଏବଂ ପ୍ରକୃତ ଜ୍ଞାନ ଏବଂ ଭାବନାତ୍ମକ ଦାବି ମଧ୍ୟରେ ପାର୍ଥକ୍ୟ ଚିହ୍ନଟ କରିବାରେ ଅଧିକ ସକ୍ଷମ ହୋଇଥାନ୍ତି। ଆଜିର ସୋସିଆଲ୍ ମିଡିଆ ଯୁଗରେ ଏହି ପାର୍ଥକ୍ୟକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ। ଆଜିର ଯୁବକମାନେ ଶିକ୍ଷା ଓ ଗଠନମୂଳକ ତଥ୍ୟ ବ୍ୟତୀତ ସୋସିଆଲ୍ ମିଡିଆରେ ଭୁଲ୍ ତଥ୍ୟ, ଷଡ଼ଯନ୍ତ୍ର ସମ୍ବନ୍ଧୀୟ ଧାରଣା, ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ଉଗ୍ରତା କିମ୍ବା ହିଂସାକୁ ପ୍ରୋତ୍ସାହନ ଦେଉଥିବା ବିଷୟବସ୍ତୁଗୁଡ଼ିକ ମଧ ପାଇଥାନ୍ତି। ଏଥିପାଇଁ ଅନେକ ସମୟରେ ଯୁବକମାନେ ନିରାଶା, ଅସୁରକ୍ଷିତତା କିମ୍ବା ଏକୁଟିଆପଣ ଅନୁଭବ କରିଥାନ୍ତି। କେବଳ ଯୁବକମାନଙ୍କୁ କ'ଣ ନ ଦେଖିବା ଉଚିତ, ତାହା ଜଣାଇବା ପର୍ଯ୍ୟାପ୍ତ ନୁହେଁ। ସେମାନଙ୍କୁ ତଥ୍ୟକୁ ସ୍ୱାଧୀନ ଭାବରେ ଯାଞ୍ଚ କରିବା ପାଇଁ ଶିକ୍ଷା, ଆତ୍ମବିଶ୍ୱାସ ଏବଂ ସମାଲୋଚନାତ୍ମକ ଚିନ୍ତାଧାରାର ଦକ୍ଷତା ଆବଶ୍ୟକ।

ଜଣେ ଯୁବ ମୁସଲିମ୍ ମହିଳା ନିଜ ଧର୍ମ ଏବଂ ପରମ୍ପରା ସହିତ ଗଭୀର ଭାବରେ ସଂଯୁକ୍ତ ରହି ଇଞ୍ଜିନିୟର, ବୈଜ୍ଞାନିକ, ଶିକ୍ଷକ, ଉଦ୍ୟୋଗୀ, ଡାକ୍ତର କିମ୍ବା ସିଭିଲ୍ ସର୍ଭାଣ୍ଟ ଭାବରେ ଉତ୍କର୍ଷ ହୋଇପାରିବେ। ପିତାମାତା ମଧ୍ୟ ଏ କଥା ବୁଝିବା ଦରକାର ଯେ ପ୍ରତ୍ୟେକ ପିଲା ବୈଜ୍ଞାନିକ ହେବେ ନାହିଁ, କି ଶିକ୍ଷାଗତ ସଫଳତା ମାପିବା ପାଇଁ ଏହା ଏକମାତ୍ର ମାନଦଣ୍ଡ ନୁହେଁ। ପ୍ରକୃତ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ସେମାନଙ୍କର ଦକ୍ଷତା ବିଷୟରେ ଜାଣିବା ଏବଂ ତାକୁ ଦାୟିତ୍ୱ ସହକାରେ ବ୍ୟବହାର କରିବା ପାଇଁ ଆବଶ୍ୟକୀୟ ଜ୍ଞାନ, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ବିକାଶ କରିବାରେ ସାହାଯ୍ୟ କରିବା। ଖୁସବୁ ମିରଜାଙ୍କ ଜୀବନ ଯାତ୍ରା କେବଳ ମହାକାଶ ଗବେଷଣା ସଂସ୍ଥା ସହ ଯୋଡ଼ି ହେବାର ଏକ କାହାଣୀ ନୁହେଁ; ବରଂ ପ୍ରତିକୂଳ ପରିସ୍ଥିତିକୁ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ନ ଦେବାର ଏକ ଦୃଷ୍ଟାନ୍ତ ଯାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ। ଖୁସବୁ ମିରଜାଙ୍କ ଏହି ଯାତ୍ରା ଆରମ୍ଭ ହୋଇଥିଲା ତାଙ୍କ ମାଆଙ୍କ ଠାରୁ ଯିଏ କଷ୍ଟକର ପରିସ୍ଥିତି ସତ୍ତ୍ୱେ ନିଜ ପିଲାମାନଙ୍କ ଶିକ୍ଷା ଜାରି ରଖିଥିଲେ। ଏହି ଯାତ୍ରା ଶିକ୍ଷାଗତ ସୁଯୋଗ ଏବଂ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଗକୁ ବଢ଼ିଥିଲା ଏବଂ ଶେଷରେ ଅନ୍ୟ ଯୁବକମାନଙ୍କ ପାଇଁ ଏକ ଉଦାହରଣରେ ପରିଣତ ହୋଇଥିଲା। ମୁସଲିମ୍ ପରିବାର ଝିଅମାନଙ୍କୁ ପଢ଼ିବାର ସୁଯୋଗ ଦିଅନ୍ତୁ, ସେମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ପ୍ରୋତ୍ସାହିତ କରନ୍ତୁ, ସେମାନଙ୍କୁ ବୃତ୍ତିଗତ କୌଶଳ ଏବଂ ସମାଲୋଚନାମୂଳକ ଚିନ୍ତାଧାରାର ବିକାଶ କରିବାରେ ସାହାଯ୍ୟ କରନ୍ତୁ, ସେମାନଙ୍କୁ ସମାଜ ଏବଂ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ମହିଳାମାନଙ୍କର ଉଦାହରଣ ଦିଅନ୍ତୁ। ପ୍ରତ୍ୟେକ ପିଲା ଚନ୍ଦ୍ର ପୃଷ୍ଠରେ ପହଞ୍ଚିବ ନାହିଁ। କିନ୍ତୁ ଶିକ୍ଷା ପ୍ରତ୍ୟେକ ପିଲାକୁ ତାର ସ୍ଥାନୀୟ ପରିସ୍ଥିତିକୁ ସାମ୍ନାକରି ଉର୍ଦ୍ଧ୍ୱକୁ ଉଠିବାରେ ସାହାଯ୍ୟ କରିବ। ଯୁବପିଢ଼ି ନିଜ ଭବିଷ୍ୟତକୁ କିପରି ଦେଖୁଛନ୍ତି, ସେହି ଦୃଷ୍ଟିକୋଣର ପରିବର୍ତ୍ତନରୁ ହିଁ ପ୍ରକୃତ ସଶକ୍ତିକରଣର ଆରମ୍ଭ ହୁଏ।

ପିଏଚ୍.ଡି ଛାତ୍ରୀ, ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ

# ସମସ୍ତ ବଙ୍ଗାଳି ବାଂଲାଦେଶୀ ନୁହେଁ, ଭାରତୀୟ ବଙ୍ଗାଳି

**ଚନ୍ଦନ କୁମାର ମାଇତି**

**'ଭାରତୀୟ ନାଗରିକ ଭାରତର ସମସ୍ତ ସ୍ଥାନରେ ରହିପାରିବେ' ଏବଂ ସେହିଠାରେ ସମସ୍ତ ସୁବିଧା ଉପଭୋଗ କରିପାରିବେ। କିନ୍ତୁ ବିଭିନ୍ନ ସମୟରେ ଦେଖିବାକୁ ମିଳେ ଯେ ବଙ୍ଗଳା ସମ୍ପ୍ରଦାୟ ବା ବଙ୍ଗଳା ଭାଷୀ ଲୋକଙ୍କୁ ବାଂଲାଦେଶୀ କୁହାଯାଏ। ଲୋକଙ୍କ କହିବା କଥା ବଙ୍ଗାଳି ଲୋକ କେବଳ ବାଙ୍ଗଲାଦେଶରେ ରୁହନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ ବା ରାଜନୈତିକ କିଛି କାରଣ ରହିଥାଇ ପରେ ।**

**ଓଡିଶାରେ କିଛି ଜିଲ୍ଲାରେ ଯେଉଁ ବଙ୍ଗଳା ଲୋକମାନେ ବହୁତ ପୂର୍ବରୁ ରହିଆସୁଛନ୍ତି ସେମାନଙ୍କୁ ମଧ କୁହାଯାଉଛି। ଏହା ମୁଖ୍ୟତଃ ସମୁଦ୍ର ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ରହୁଥିବା ଲୋକମାନେ ଏଥିରେ ପ୍ରଭାବିତ ହେଇଆସୁଛନ୍ତି ।**

ପ୍ରାଚୀନ କାଳରୁ ଭାରତରେ ମୁଖ୍ୟତଃ ବିଭିନ୍ନ ସମ୍ପ୍ରଦାୟ ଏବଂ ଭାଷା ଭାଷୀ ଲୋକ ରହୁଛନ୍ତି। ସେହିପରି ବଙ୍ଗଳା ଏକ ଭାଷା ଓ ତାହାର ଏକ ପ୍ରଦେଶ ମଧ ରହିଅଛି । ଭାରତରେ ବଙ୍ଗଳା ଭାଷା ବୋଲୁଥିବା ଲୋକ ମୁଖ୍ୟତ ପଶ୍ଚିମବଙ୍ଗରୁ ହୋଇଥାନ୍ତା। କିନ୍ତୁ ପ୍ରାଚୀନ କାଳରୁ ବିଭିନ୍ନ କାରଣ ହେତୁ ବଙ୍ଗଳା ଭାଷୀ ଲୋକ ଭାରତର କୋଣ ଅନୁକୋଣରେ ଦେଖିବାକୁ ମିଳନ୍ତି । ବହୁତ ପୂର୍ବରୁ ଅର୍ଥାତ୍ ଇଂରେଜ ଶାସନ ସମୟ କାଳରୁ ଭାରତର ରାଜଧାନୀ କଲିକତା ଥିବା ସମୟରେ ପଶ୍ଚିମବଙ୍ଗ ଲୋକମାନେ ଦେଶର ବିଭିନ୍ନ ସ୍ଥାନକୁ ଯାଇ ବେପାର ବାଣିଜ୍ୟ କରୁଥିଲେ। ଫଳରେ ସମୟ କ୍ରମେ ବହୁତ ରାଜ୍ୟରେ ବଙ୍ଗାଳି ଲୋକମାନେ ଜୀବନ ଯାପନ କରିଆସିବାର ଦେଖିବାକୁ ମିଳେ । ସେହିପରି ଭାବରେ ଅନ୍ୟ ରାଜ୍ୟର ଲୋକମାନେ ମଧ ପଶ୍ଚିମ ବଙ୍ଗରେ ରହିଆସୁଛନ୍ତି, ଏହିଟା ଏକ ସ୍ୱାଭାବିକ କଥା। ଭାରତର ନାଗରିକ ହିସାବରେ ଆଇନଗତ ଅଧିକାର ଅଛି 'ଭାରତୀୟ ନାଗରିକ ଭାରତର ସମସ୍ତ ସ୍ଥାନରେ ରହିପାରିବେ' ଏବଂ ସେହିଠାରେ ସମସ୍ତ ସୁବିଧା ଉପଭୋଗ କରିପାରିବେ। କିନ୍ତୁ ବିଭିନ୍ନ ସମୟରେ ଦେଖିବାକୁ ମିଳେ ଯେ ବଙ୍ଗଳା ସମ୍ପ୍ରଦାୟ ବା ବଙ୍ଗଳା ଭାଷୀ ଲୋକଙ୍କୁ ବାଂଲାଦେଶୀ କୁହାଯାଏ। ଲୋକଙ୍କ କହିବା କଥା ବଙ୍ଗାଳି ଲୋକ କେବଳ ବାଙ୍ଗଲାଦେଶରେ ରୁହନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ ବା ରାଜନୈତିକ କିଛି କାରଣ ରହିଥାଇ ପରେ ।

ଓଡିଶାରେ କିଛି ଜିଲ୍ଲା ମାନଙ୍କରେ ଯେଉଁ ବଙ୍ଗଳା ଲୋକମାନେ ବହୁତ ପୂର୍ବରୁ ରହିଆସୁଛନ୍ତି ସେମାନଙ୍କୁ ମଧ କୁହାଯାଉଛି। ଏହା ମୁଖ୍ୟତଃ ସମୁଦ୍ର ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ରହୁଥିବା ଲୋକମାନେ ଏଥିରେ ପ୍ରଭାବିତ ହେଇଆସୁଛନ୍ତି । ସରକାର ଏହା ପ୍ରତି ମଧ ଧ୍ୟାନ ଦେବା ଆବଶ୍ୟକ ଅଛି କେଉଁମାନେ ଅବୈଧ ଭାବରେ ଭାରତରେ ପ୍ରବେଶ କରୁଛନ୍ତି ଏବଂ ସେମାନଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଯଥାଶୀଘ୍ର ନିଆଯିବ ଦରକାର। ଯେଉଁ ମାନେ ଅବୈଧ ଭାବରେ ରହିଆସୁଛନ୍ତି ସେହିଠାରେ ଏସଆଇଆରକୁ କଡ଼ା କଡ଼ି ଭାବରେ ଲାଗୁକରି ଯଥାଶୀଘ୍ର ଭାରତରୁ ବିତାଡିତ କରାଯିବା ଆବଶ୍ୟକ ରହିଛି । ବହୁତ ପୂର୍ବରୁ ପାଖାପାଖି ଶହେ ବର୍ଷ ବା ଭାରତ ସ୍ୱାଧୀନ ହେବା ପୂର୍ବରୁ ଓଡିଶାର କିଛି ସାହୁକାର ଏବଂ ରାଜାମାନେ ଶ୍ରମିକ ଭାବରେ ପଶ୍ଚିମବଙ୍ଗରୁ ବହୁତ ଲୋକଙ୍କୁ ଶ୍ରମିକ ଭାବରେ ଆଣୁଥିଲେ । ସେହି ସମୟରେ ଶ୍ରମିକମାନଙ୍କୁ ରହିବା ପାଇଁ ରାଜା ବା ଜମିଦାରମାନେ ଚାଷ କରିବାକୁ କିଛି ଜାଗା ମଧ ଦେଉଥିଲେ । ଫଳରେ ପଶ୍ଚିମ ବଙ୍ଗରୁ ଆସୁଥିବ ଶ୍ରମିକମାନେ ଧୀରେ ଧୀରେ ଜମି ଅଧିଗ୍ରହଣ କରି ରହି ଆସୁଅଛନ୍ତି। ସେହିପରି ଭାବରେ କିଛି କିଛି ବଙ୍ଗାଳି ଲୋକ ଓଡିଶା ଆସିବାକୁ ଲାଗିଲେ ଏବଂ ପରବର୍ତ୍ତୀ ସମୟରେ ସ୍ଥାୟୀ ଭାବରେ ରହିଗଲେ। ପରେ ପରେ ବଙ୍ଗାଳି ଲୋକ ଜୀବନଯାପାନ କରିବା ପାଇଁ ବିଭିନ୍ନ ଉପାୟ ଯେମିତିକି ଚାଷ କରିବା ଏବଂ ସମୁଦ୍ରର ମାଛ ଧରିବା କାମ କରିବାକୁ ଲାଗିଯାଇଥିଲେ। ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ରାଜା ମଧ ବିଭିନ୍ନ ସମୟରେ ପଶ୍ଚିମ ବଙ୍ଗ ମେଦିନୀପୁର, କଣ୍ଟେଇ ଆଦି ସ୍ଥାନମାନକରୁ ଲୋକଙ୍କୁ ଆଣି ଚାଷ କାମ ଆଦିରେ ନିୟୋଜିତ କରିବାର ଦେଖାଯାଏ। ସେହି ଲୋକମାନେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସ୍ଥିତ ଧାମରା, ବଳିମୁଣ୍ଡା, ତାଳଚୁଆ, ଡାଙ୍ଗମାଣ, ଗୁପ୍ତି, ଜୁନୁସନଗର ଇତ୍ୟାଦି ସ୍ଥାନମାନଙ୍କରେ ଏବେ ମଧ ରହିଆସୁଛନ୍ତି। ବର୍ତ୍ତମାନ ବିବାଦର ବିଷୟ ଯେ ବଙ୍ଗଳା କହୁଥିବା ଏବଂ ବଙ୍ଗାଳି ଲୋକମାନଙ୍କୁ ବାଂଲାଦେଶୀର ଆରୋପ ଲଗାଯାଉଛି। ଏହା ହେଉଛି ଦେଶର ଅବସ୍ଥା ଏବଂ ଲୋକଙ୍କ ମାନସିକତା । ବିଭିନ୍ନ ସମୟରେ ସାଧାରଣ ଲୋକଟି ଜିଲ୍ଲା ବାହାରକୁ ଯାଇ ନିଜର ନାମ ବା ପରିଚୟ ରଖିଲା ସମୟରେ ବଙ୍ଗାଳି ଦେଖିଲେ ତାଙ୍କୁ ବାଂଲାଦେଶୀ ବୋଲି କୁହାଯାଉଛି। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ରାଜନଗର ଯେଉଁ ବଙ୍ଗାଳି ଲୋକ ରହୁଛନ୍ତି ସେମାନେ ବହୁତ ପୂର୍ବରୁ ଅର୍ଥାତ୍ ଭାରତ ସ୍ୱାଧୀନ ହେବା ପୂର୍ବରୁ ସ୍ଥାୟୀ ଭାବରେ ରହିଆସୁଛନ୍ତି। ସମୟ ସମୟରେ ସରକାରଙ୍କ ଦୁର୍ବଳତା ଏବଂ ପ୍ରଶାସନର ଦୁର୍ଭାଗ୍ୟରେ ରାଜନଗର ସ୍ଥିତ ବିଭିନ୍ନ ସ୍ଥାନରେ ବାଂଲାଦେଶୀ ପ୍ରବେଶ କରିବାରେ ଦେଖାଯାଇଛି। ଏହାର କାରଣ ନୁହେଁ ଯେ ସମସ୍ତେ ବାଂଲାଦେଶୀ। ଯାହା ଦ୍ୱାରା ସାଧାରଣ ସ୍ଥାୟୀ ବଙ୍ଗାଳି ଲୋକଟି ହଇରାଣ ହେଉଛନ୍ତି । ଯଦି ଏହା ଉପରେ ସରକାର ନଜର ନ ଦେବେ ଆଗକୁ ସ୍ଥାୟୀ ଜନସାଧାରଣ ବହୁତ ହଇରାଣ ହେବେ। ମୁଖ୍ୟତଃ ରାଜନଗର ସ୍ଥିତ ତାଳଚୁଆ, ଗୁପ୍ତି, ଈଶ୍ୱରପୁର, ପେଣ୍ଠ ଆଦି ସ୍ଥାନ ମାନଙ୍କରେ ମତ୍ସ୍ୟଜୀବୀମାନେ ରହିଆସୁଛନ୍ତି। ଏମାନେ ପୂରା ବଙ୍ଗାଳି ବା ପୂରା ଓଡ଼ିଆ ନୁହନ୍ତି। ଏକ ପ୍ରକାର ମିଶ୍ରଣ ଭାଷା କହୁଥିବା ଲୋକ ଏବଂ ଏହି ପ୍ରକାର ଭାଷାଭାଷୀ ବାଲେଶ୍ୱର, ମେଦିନୀପୁର ଓ କାଁଥି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମାନଙ୍କରେ ଦେଖିବାକୁ ମିଳିଥାଏ । ଏମାନେ ଏକ ପ୍ରକାର ଓଡ଼ିଆ ଲୋକ ବୋଲି ଆମେ କହିପାରିବ । କାରଣ ମେଦିନୀପୁର ଓ କାଁଥି ଅଞ୍ଚଳ ଗୁଡିକ ପୂର୍ବରୁ ଓଡିଶାର ଅଂଶ ଥିଲା ବୋଲି କୁହାଯାଏ। ଅର୍ଥାତ୍ ଏହି ସ୍ଥାନ ମାନଙ୍କରୁ ଆସିଥିବା ଲୋକ ମାନଙ୍କୁ ଆମେ ଓଡ଼ିଆ ହିଁ କହିପାରିବା। ବହୁତ ବର୍ଷ ପୂର୍ବରୁ ବା ଏକ ଦଶନ୍ଧି ବର୍ଷ ପୂର୍ବରୁ ତାଳଚୁଆ ଓ ଧାମରା ଲୋକମାନେ ପଶ୍ଚିମ ବଙ୍ଗ ସାଧାରଣ ନିର୍ବାଚନରେ ନିଜର ମତ ଦାନ କରୁଥିଲେ। ବର୍ତ୍ତମାନ ସମୟରେ ନିଜର ପରିଚୟ ପାତ୍ର ସଂଶୋଧନ କରି ଓଡିଶା ନିର୍ବାଚନରେ ନିଜର ମୋତେ ଦାନ କରୁଛନ୍ତି। ଅର୍ଥାତ୍ ଏଥିରୁ ପ୍ରମାଣ ମିଳେ ଯେ ସମୁଦ୍ର ଉପକୂଳବର୍ତ୍ତୀ ଯଥା ରାଜନଗର ବଙ୍ଗାଳି ଲୋକମାନେ କେଉଁଠି ନା କେଉଁଠି ଭାରତୀୟ । ଏହା ମଧ ସତ୍ୟତା ରହିଛି ଯେ ସ୍ଥାୟୀ ବଙ୍ଗାଳି ଲୋକମାନଙ୍କ ମଧ୍ୟରେ ବାଂଲାଦେଶୀ ଅନୁପ୍ରବେଶକରି ଛଦ୍ମବେଶୀ ଭାବରେ ପଶ୍ରୟ ନେଉଛନ୍ତି। ପ୍ରମୁଖ ବିଷୟ ହେଉଛି ଅନୁପ୍ରବେଶକରି, ରୋହିଙ୍ଗା ବାଂଲାଦେଶୀ ଠାରୁ ସାଧାରଣ ଲୋକଙ୍କୁ ସୁରକ୍ଷା କରିବା ଏବଂ ବାଙ୍ଗଲାଦେଶୀମାନଙ୍କୁ ବିତାଡିତ କରିବା ପ୍ରଶାସନ ଓ ସରକାରଙ୍କ ଦାୟିତ୍ୱ ରହିଛି। ଯେଉଁ ଯେଉଁ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କର ପ୍ରାଦୁର୍ଭାବ ରହିଛି ସେହି ସ୍ଥାନ ଗୁଡିକରେ ଏସଆଇଆର କଡ଼ା କଡ଼ି ଲାଗୁ କରିବାର ଆବଶ୍ୟକ ରହିଛି। ଓଡିଶା ନିଜର ଏକ ଭାଷା ଓ ସଂସ୍କୃତି ପରିପୂର୍ଣ୍ଣ ରାଜ୍ୟ ଯାହା ସାରା ବିଶ୍ୱକୁ ନିଜର ମାର୍ଗଦର୍ଶନ କରିଥାଏ। ଓଡିଶାର ପାର୍ଶ୍ୱବର୍ତ୍ତୀ ରାଜ୍ୟ ମାନଙ୍କରୁ ଆସି ଓଡିଶାରେ ବସବାସ କରୁଥିବା ଲୋକ ମଧ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଆପଣେଇ ନେଇଛନ୍ତି। ଏହାର ଉଦ୍ଧାର ଓଡିଶାର ସୀମା ଅନ୍ୟ ରାଜ୍ୟ ଗୁଡିକ ସହିତ ସଂଯୁକ୍ତ ହେଇରହିଛି । ଫଳରେ ଅନ୍ୟ ରାଜ୍ୟ ଲୋକ ଓଡିଶାରେ ଏବଂ ଓଡ଼ିଆ ଲୋକ ଅନ୍ୟ ରାଜ୍ୟ ମାନଙ୍କର ଦେଖିବାକୁ ମିଳେ। ସେହି ସ୍ଥାନ ଗୁଡିକରେ ଏକ ପ୍ରକାର ମିଶ୍ରଣ ଭାଷା ଦେଖାଯିବ ସହିତ ପାର୍ଶ୍ୱ ରାଜ୍ୟର ସଂସ୍କୃତି ମଧ ପ୍ରତିଫଳିତ ହୁଏ । ଆଉ ଏକ ଉଦାହରଣ ଗଞ୍ଜାମ ଜିଲ୍ଲାକୁ ଲକ୍ଷ୍ୟ କରିବା ଯଦି ସେହି ଜିଲ୍ଲାକୁ ଲାଗିକରି ଆନ୍ଧ୍ର ପ୍ରଦେଶ ରହିଛି । ଫଳରେ ଗଞ୍ଜାମରେ ମଧ ତେଲୁଗୁ ଭାଷୀ ଲୋକ ଦେଖାଯାଆନ୍ତି। ସେହିପରି ଭାବରେ ମୟୂରଭଞ୍ଜ, ଝାରସୁଗୁଡା, ବଲାଙ୍ଗୀର, ବରଗଡ଼ ଆଦି ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳମାନଙ୍କରେ ହୀନ୍ଦି ଭାଷୀ ଲୋକ ଦେଖାଯାନ୍ତି । କାରଣ ଝାଡ଼ଖଣ୍ଡ ଏବଂ ଛତିଶଗଡ ଓଡିଶାର ସୀମା ସହିତ ଲାଗିକି ରହିଛି । ସେହିପରି ପଶ୍ଚିମ ବଙ୍ଗକୁ ବାଲେଶ୍ୱର ଜିଲ୍ଲା ସଂଯୋଜଗ କରିଛି। ଫଳରେ ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଯେମିତିକି ଦିଘା ପାଖରୁ ଆରମ୍ଭ କରି ପାରାଦ୍ୱୀପ ପର୍ଯ୍ୟନ୍ତ ବଙ୍ଗାଳା ଲୋକମାନେ ବସବାସ କରୁଥିବାର ଦେଖାଯାଏ। ମୁଖ୍ୟତଃ ସମୁଦ୍ର ପାଖାପାଖି ଅଞ୍ଚଳରେ ରହିବାର ଉଦ୍ଦେଶ୍ୟ ମତ୍ସ୍ୟଜୀବୀ ଏବଂ କୃଷି କାର୍ଯ୍ୟ। ଲକ୍ଷ୍ୟ କରାଯାଏ ଏମାନଙ୍କର ଜୀବିକା ସମୁଦ୍ରରୁ ମାଛ ଧରିବ, ଗୋପାଳନ ଓ କୃଷି ଇତ୍ୟାଦି କାର୍ଯ୍ୟରେ ନିର୍ଭରଶୀଳ । ଭାରତରେ ବଙ୍ଗାଳି ଲୋକଙ୍କ ଭୂମିକା କହିଲେ ହଜାର ହଜାର ପୃଷ୍ଠା ଆବଶ୍ୟକ ।

ଏକ ସମୟରେ ଭାରତ ଅର୍ଥନୈତିକ ମେରୁଦଣ୍ଡ ପଶ୍ଚିମ ବଙ୍ଗ ଥିଲା। ବର୍ତ୍ତମାନ ସମୟରେ ଓଡ଼ିଶାର ଅର୍ଥନୀତିରେ ବଙ୍ଗାଳି ମତ୍ସ୍ୟଜୀବୀ ଓ କୃଷକମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ତେଣୁ ଓଡ଼ିଶାରେ ରହୁଥିବା ବଙ୍ଗାଳି ସମ୍ପ୍ରଦାୟ ଲୋକଙ୍କୁ ବାଂଲାଦେଶୀ କହି ଅପମାନିତ କରିବା କିମ୍ବା ଲଜ୍ଜିତ କରିବ ଏହା ଏକ ନିନ୍ଦନୀୟ ବିଷୟ ହେଇପଡ଼ିଛି । ତେଣୁ ବଙ୍ଗାଳି ଲୋକଙ୍କୁ ଯଦି ଏହିପରି ଆଗକୁ ବାଂଲାଦେଶୀ କୁହାଯିବ ତେବେ ଓଡ଼ିଶା ଓ ଭାରତ ପାଇଁ ଦୁର୍ଭାଗ୍ୟର ବିଷୟ।

କେନ୍ଦ୍ରାପଡ଼ା, ରାଜନଗର

ମୋ : ୭୬୦୯୦୨୮୭୦୫

## ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି

ଭବାନୀପାଟଣା, ୭।୧୦ (ନିପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ତନ୍ମୟ କୁମାର ଦରୱାନ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ,ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୨୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ଟି ସାମୂହିକ ଅଭିଯୋଗ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୫ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା।

## ବାଙ୍କୀ ମହୋତ୍ସବ-୨୦୨୬ ପାଇଁ ପ୍ରଶାସନିକ ପ୍ରସ୍ତୁତି

ବାଙ୍କୀ,୭।୧୦ (ନିପ୍ର):ବାଙ୍କୀ ମହୋତ୍ସବ-୨୦୨୬ ଆୟୋଜନକୁ ସୁଚାରୁ ଓ ସଫଳ କରିବା ନିମନ୍ତେ ଡମପଡ଼ା ବ୍ଲକ ସଭାଗୃହରେ ପ୍ରଶାସନିକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବାଙ୍କୀ ଉପଜିଲ୍ଲାପାଳ ମନୋସ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବାଙ୍କୀ ବିଧାୟକ ତଥା ମହୋତ୍ସବ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ମହୋତ୍ସବର ସଫଳ ଆୟୋଜନ ପାଇଁ ସମସ୍ତ ସରକାରୀ ବିଭାଗର ସହଯୋଗ କାମନା କରିଥିଲେ। ମହୋତ୍ସବର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ସରସସୁନ୍ଦର କରିବା ନେଇ ମତାମତ ରଖିଥିଲେ। ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ମହୋତ୍ସବର ଇତିହାସ ଓ ପୂର୍ବବର୍ଷଗୁଡ଼ିକର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ମହୋତ୍ସବ ପଡ଼ିଆରେ ଷ୍ଟଲ୍ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇ ପ୍ରତି ଷ୍ଟଲ୍ ପାଇଁ ୬ ହଜାର ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ପଡ଼ିଆରେ ୫ ଦିନ ଧରି ପ୍ରାଥମିକ ଚିକିତ୍ସାକେନ୍ଦ୍ର ଖୋଲିବା, ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଔଷଧ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ବରଗଡ଼ ଜିଲ୍ଲା ଲେଖିକା ପରିଷଦ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ବରଗଡ,୭।୧୦ (ନିପ୍ର): ବରଗଡ଼ ଜିଲ୍ଲା ଲେଖିକା ପରିଷଦ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ତଥା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାନେତ୍ରୀ କବିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବରଗଡ଼ର ସମସ୍ତ ଲେଖକ ଓ ଲେଖିକାମାନଙ୍କୁ ଏକତାର ସୂତ୍ରରେ ଯୋଡିବା ପାଇଁ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତିପ୍ରଦାନ କରିଥିଲେ । ଏଥି ସହ ଲେଖିକାମାନଙ୍କର ଦୀର୍ଘ ବର୍ଷର ନିବଚ୍ଛିନ୍ନ ସାହିତ୍ୟ ସାଧନା ତଥା ଜିଲ୍ଲାରେ ପରିଷଦର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିବାରୁ ସେ ଭୂୟସୀ ପ୍ରଶଂସା କରିଥିଲେ ।ଏହି ସମାରୋହରେ କେନ୍ଦୁଝର ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ନରେନ୍ଦ୍ର ପଧାନ ମୁଖ୍ୟବକ୍ତା,ସରସରା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଶିକ୍ଷା ବିଭାଗ ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟରେ ସନାତନ ଧର୍ମ ଶୀର୍ଷକ ଉପରେ ସାରଗର୍ଭକ ଆଲୋଚନା ରଖିଥିଲେ। ବରଗଡ଼ ଜିଲ୍ଲା ଲେଖିକା ପରିଷଦର ଉପଦେଷ୍ଟା ବୀଣାପାଣି ଆଚାର୍ଯ୍ୟ,ସୁନ୍ଦରଗଡ଼ ଫାର୍ମାସିଟିକାଲ ମହାବିଦ୍ୟାଳୟର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ତଥା ଅତାବିରା ଆଞ୍ଚଳିକ ଭଜନ ଗାୟିକା ଝରଣା ମେହେର ସମ୍ମାନିତ ଅତିଥି ଭାବେ ଯୋଗ ନିଜନିଜର ବକ୍ତବ୍ୟ ରଖିଥିଲେ। ସମାରୋହରେ ପରିଷଦର ସମ୍ପାଦିକା ତପସ୍ୱିନୀ ମହାପାତ୍ର ସ୍ୱାଗତ ଭାଷଣ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପ-ସଭାନେତ୍ରୀ ଅନୁସୂୟା ଦେବତା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାମ୍ବାଦିକତା ତଥା ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବରଗଡ଼ର ବରିଷ୍ଠ ସାମ୍ବାଦିକ ଶଙ୍କର ବଲ୍ଲଭ ମିଶ୍ର,ସୁରେନ୍ଦ୍ର ହୋତା, ପ୍ରସନ୍ନ ମିଶ୍ର,ଅଶୋକ କୁମାର ମିଶ୍ର ଓ ପ୍ରଦୀପ୍ତଭାନୁ ମହାନ୍ତିଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ବୃନ୍ଦାବତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

### ରାଧାମୋହନ ସଭାପତି,ଚାନ୍ଦମଣି ସମ୍ପାଦକ ଭାବେ ନିର୍ବାଚିତ

ରାଉରକେଲା,୭।୧୦ (ନିପ୍ର): ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୦୨୬-୨୯ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଏହି ନିର୍ବାଚନରେ ସଭାପତି ଭାବେ ରାଧାମୋହନ ନାୟକ, ଉପସଭାପତି ଭାବେ ବଳବୀର ସିଂହ ଓ ସୁରେନ୍ଦ୍ର କୁମାର ରାଉତ, ସାଧାରଣ ସମ୍ପାଦକ ଭାବେ ଚାନ୍ଦମଣି ବେହୁରା,ସହ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ଭାବେ ବିବେକାନନ୍ଦ ସାହୁ ଓ ରତିନ୍ଦ୍ରନାଥ ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସମସ୍ତ ପଦବୀ ପାଇଁ ଗୋପନ ବାଲାଟ ମାଧ୍ୟମରେ ନିର୍ବାଚନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ମାସ ୧୩ ତାରିଖରେ ନିଜ ନିଜ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ କାର୍ଯ୍ୟକାରୀ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ। ସେହି ସଦସ୍ୟ ମାନଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୧ ଜଣ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଥିଲେ। ସେହିପରି ୩ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପତ୍ର ଦାଖଲ ହୋଇନଥିବାରୁ ତାହା ଖାଲି ରହିଛି । କାର୍ଯ୍ୟକାରୀ କମିଟିରୁ ସର୍ବଶ୍ରୀ ଧନଞ୍ଜୟ ଦାଶ, ପ୍ରମୋଦ କୁମାର ମହାନ୍ତି, ସୁରେନ୍ଦ୍ର କୁମାର ରାଉତ, ବିବେକାନନ୍ଦ ସାହୁ, ଚାନ୍ଦମଣି ବେହୁରା, ନାରାୟଣ ଚନ୍ଦ୍ର ସାମଲ, ବିପ୍ରଚରଣ ସେଠୀ, ଶାନ୍ତନୁ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ପ୍ରେମାନନ୍ଦ ସାମଲ, ଲତିକା ପଟ୍ଟନାୟକ,କୁମାରେଶ ପାଣି, ବଳବୀର ସିଂହ, ବିକ୍ରମ ପ୍ରଧାନ, ସଚ୍ଚିଦାନନ୍ଦ ମିଶ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଜଗନ୍ନାଥ ସାହୁ, ରତିନ୍ଦ୍ରନାଥ ପ୍ରଧାନ, ବିକାଶ କୁମାର ରାଉତରାୟ, ଅକ୍ଷୟ କୁମାର ନାୟକ,ଅଭୟ କୁମାର ଦାସ, ରାଧାମୋହନ ନାୟକ, ଦୀପକ କୁମାର ଦାସ, ବସନ୍ତ କୁମାର ଜେନା ପ୍ରମୁଖ ୨୪ଜଣ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନକୁ ପ୍ରାକ୍ତନ ସଭାପତି ଇଂ ଅଭୟ କୁମାର ଦାସ ପରିଚାଳନା କରିଥିବାବେଳେ ଅମରେନ୍ଦ୍ର ରାଉତ ଓ କପିଳେଶ୍ୱର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ଚୁଡ଼ଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ବିଧାୟକଙ୍କ ଗସ୍ତ

## ବିପଦସଙ୍କୁଳ ପୁରୁଣା କୋଠା ଭାଙ୍ଗିବା ସହ ନୂତନ ଶ୍ରେଣୀଗୃହ, ଶୌଚାଳୟ, କମ୍ପ୍ୟୁଟର ଓ ଡୁଆଲ୍ ବେଞ୍ଚ ଯୋଗାଣ ଦାବି

ପାରଳାଖେମୁଣ୍ଡି,୭।୧୦ (ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଚୁଡ଼ଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଅଚାନକ ଗସ୍ତ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ମୌଳିକ ଭିତ୍ତିଭୂମିର ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି। ଗସ୍ତ ସମୟରେ ବିଧାୟକ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ପାଠପଢ଼ା, ବିଦ୍ୟାଳୟର ସୁବିଧା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ଶିକ୍ଷା ପରିବେଶକୁ ଅଧିକ ସୁଦୃଢ଼ କରିବା ସହ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ସହଯୋଗ କରିବାକୁ ବିଧାୟକ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ବିପଦସଙ୍କୁଳ କୋଠା ଭାଙ୍ଗିବାକୁ ଦାବି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୂଲଚନା ନାୟକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଲିଖିତ ଭାବେ ଅନୁରୋଧ ଜଣାଇଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଏକ



ପୁରୁଣା ଓ ବିପଦସଙ୍କୁଳ କୋଠାକୁ ସୁରକ୍ଷା ଦୃଷ୍ଟିରୁ ଯାଞ୍ଚ କରି ନିୟମାନୁସାରେ ଭାଙ୍ଗିବା ପାଇଁ ପ୍ରଧାନଶିକ୍ଷୟିତ୍ରୀ ଦାବି କରିଛନ୍ତି।

ଅତିରିକ୍ତ ଶ୍ରେଣୀଗୃହର ଆବଶ୍ୟକତା ବର୍ତ୍ତମାନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ଶ୍ରେଣୀଗୃହର ଅଭାବ ରହିଥିବାରୁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ମଧ ଅନୁରୋଧ କରାଯାଇଛି। ବିଶେଷକରି ୨୦୨୪ ମସିହାରୁ ୧୦୦ ଜଣ ଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ଯୋଡ଼ାଯାଇଥିବାରୁ ବିଦ୍ୟାଳୟରେ ଅତିରିକ୍ତ କୋଠା ଓ ଅନ୍ୟାନ୍ୟ ସୁବିଧାର ଆବଶ୍ୟକତା ଆହୁରି ବଢ଼ିଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ଶୌଚାଳୟ ଓ ଡିଜିଟାଲ ଶିକ୍ଷା ଉପରେ ଗୁରୁତ୍ୱ ବିଦ୍ୟାଳୟର ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କ ପାଇଁ ପୃଥକ ଶୌଚାଳୟ ସୁବିଧା ସହ ଛାତ୍ରମାନଙ୍କ ପାଇଁ ଅତିରିକ୍ତ ଶୌଚାଳୟ ନିର୍ମାଣ କରିବାକୁ ଦାବି ହୋଇଛି।

ଏଥିସହ ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଡିଜିଟାଲ ଶିକ୍ଷା, ଏଆଇ ଓ ଇ-ଲର୍ଣ୍ଣିଂକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ବିଦ୍ୟାଳୟରେ ଅଧିକ ସଂଖ୍ୟକ କମ୍ପ୍ୟୁଟର ସିଷ୍ଟମ ଯୋଗାଇବାକୁ ମଧ ଅନୁରୋଧ କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଡୁଆଲ୍ ବେଞ୍ଚ ଦାବି ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ, ସୁବିଧାଜନକ ଓ ଶୃଙ୍ଖଳିତ ବସିବା ବ୍ୟବସ୍ଥା ପାଇଁ ଆବଶ୍ୟକ ସ୍ଥାନରେ ଡୁଆଲ୍ ବେଞ୍ଚ/ଡେସ୍କ ଯୋଗାଇବାକୁ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀ ଅନୁରୋଧ କରିଛନ୍ତି। ବିଦ୍ୟାଳୟର ସୁରକ୍ଷା, ଭିତ୍ତିଭୂମି ଓ ଶିକ୍ଷା ପରିବେଶର ଉନ୍ନତି ପାଇଁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆବଶ୍ୟକ ସମନ୍ୱୟ କରି ଉକ୍ତ କାର୍ଯ୍ୟଗୁଡ଼ିକର ମଞ୍ଜୁରୀ ଓ କାର୍ଯ୍ୟାନ୍ୱୟନରେ ସହଯୋଗ କରିବାକୁ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ବିଦ୍ୟାଳୟ ପରିଦର୍ଶନ ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀ ସଂଯୁକ୍ତା ଦଳାଇ, ଅ. ଉଷାରାଣୀ, ବି. ମନିମାଳା, ଟି. ଶ୍ୟାମା ରାଓ, ଭି. ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକଙ୍କ ଏହି ଅଚାନକ ଗସ୍ତ ଫଳରେ ବିଦ୍ୟାଳୟର ଦୀର୍ଘଦିନର ଭିତ୍ତିଭୂମି ସମସ୍ୟାଗୁଡ଼ିକର ସମାଧାନ ନେଇ ଆଶା ସୃଷ୍ଟି ହୋଇଛି।

# ଝରୀଗାଁରେ ନକଲି ଡାକ୍ତର କ୍ଲିନିକରେ ଚାଲିଛି ରୋଗୀଦେଖା

## ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ମାଲମାଲ କ୍ଲିନିକ୍: ପଶ୍ଚିମବଙ୍ଗର ଅଧାପାଠୁଆ ଓଡ଼ିଶାରେ ସାଜିଛନ୍ତି ଡାକ୍ତର !

ନବରଙ୍ଗପୁର/ଝରୀଗାଁ ୭।୧୦ (ନିପ୍ର) :ରାଜ୍ୟ ସରକାର ମେଡିକାଲ ଗୁଡ଼ିକର ଉନ୍ନତି ପାଇଁ ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ମେଡିକାଲରେ ଡାକ୍ତର ଅଭାବ କାରଣରୁ ରୋଗୀ ସେବା ବ୍ୟାହତ ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଚି ଝରୀଗାଁ ଗ୍ରାମରେ। ଝରୀଗାଁରେ ସରକାରୀ ମେଡ଼ିସିଲ ଅଛି ସତ କିନ୍ତୁ ସରକାରୀ କର୍ମଚାରି ଅଭାବ।

ଏହାର ସୁଯୋଗ ନେଇ ନକଲି ଡାକ୍ତର ବା କ୍ୱାକ ଝରୀଗାଁ ଗ୍ରାମର ମେଡିକାଲରୁ କିଛି ଦୂରରେ ଝରୀଗାଁଠାରୁ ଉମରକୋଟ ଯିବା ରାସ୍ତାରେ କ୍ଲିନିକ ଖୋଲି ଲୋକଙ୍କୁ ଚିକିତ୍ସା କରୁଛି। ଏବେ ଝରୀଗାଁ ତଥା ଗାଁଗହଳିରେ ଲୋକଙ୍କ ଭରସା ପାଲଟିଛି କ୍ୱାକ୍‌ଙ୍କ ଚିକିତ୍ସା। ଗାଁଗାଁରେ ନିଜକୁ ଡାକ୍ତର ପରିଚୟ ଦେଇ ନିଜ ନିଜର କ୍ଲିନିକ କରି ବସିଥିବା ବେଳେ



କେହି ବି ମେଡିକାଲ ପାଠପଢ଼ି ନାହାନ୍ତି। ଏହିଭଳି କ୍ୱାକ୍ ବା ନକଲି ଡାକ୍ତର ବର୍ତ୍ତମାନ ଅଞ୍ଚଳରେ କାୟା ବିସ୍ତାର କରିବାରେ ଲାଗିଛନ୍ତି। 'ସବୁ ଜାଣି ଅଜଣା ସାଜୁଛନ୍ତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ': ଗାଁକୁ ଗାଁ ବୁଲି ନକଲି ଡାକ୍ତର ବା କ୍ୱାକ୍ ବ୍ୟବସାୟୀମାନେ ରୋଗୀଙ୍କୁ ଡାକ୍ତରଙ୍କ ଭଳି ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ଅଣ୍ଡାକାଶଠାରୁ ଆରମ୍ଭ କରି ଝାଡ଼ା, ମ୍ୟାଲେରିଆ ହେଉ କିମ୍ବା କୌଣସି ବଡ଼ ଧରଣର ରୋଗ ହେଉ।

ରୋଗୀଙ୍କୁ ସତମିଛ କହି ବିଭିନ୍ନ ପ୍ରକାରର ଔଷଧ ଦେଇ ଶୋଷଣ କରିବାରେ ଲାଗି ପଡ଼ିଛନ୍ତି ଏହି କ୍ୱାକ୍ ଡାକ୍ତର।ଖାଲି ଝରୀଗାଁ ନାହିଁ ଝରୀଗାଁ ବ୍ଲକର ଗାଁ ଗହଳିରେ କିଛି ସରକାରୀ କର୍ମଚାରୀ ମଧ ନକଲି ଡାକ୍ତର ସାଜି ଚିକିତ୍ସା କରୁଥିବା ସାଧାରଣରେ ଆଲୋଚନା ହେଉଛି।ଏଠିପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ହେବା ଆବଶ୍ୟକ ଅଛି।

# କୃଷ୍ଣପ୍ରସାଦ ରାସ୍ତା ପାର୍ଶ୍ୱରେ ବନୀକରଣ ଶୂନ

କୃଷ୍ଣପ୍ରସାଦ,୭।୧୦ (ନିପ୍ର); ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ତିନି ପାର୍ଶ୍ୱରେ ଚିଲିକା ହ୍ରଦ ଏବଂ ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଦ୍ୱାରା ଘେରି ରହିଛି। ଏହି ଦ୍ୱୀପାଞ୍ଚଳରେ ପରିବେଶର ସନ୍ତୁଳନ ରକ୍ଷା ସହ ବୃକ୍ଷରୋପଣର ଗୁରୁତ୍ୱ ଅଧିକ ଥିବା ସତ୍ତ୍ୱେ ବ୍ଲକ ଅଞ୍ଚଳର ଅନେକ ରାସ୍ତାପାର୍ଶ୍ୱ ଏବେ ବି ବୃକ୍ଷବିହୀନ ହୋଇ ମୁକୁଳା ପଡ଼ିଛି। ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ନିମନ୍ତେ ସରକାରଙ୍କ ପକ୍ଷରୁ ବନ ବିଭାଗ ଜରିଆରେ ପ୍ରତିବର୍ଷ ବୃକ୍ଷରୋପଣ ଓ ବନୀକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇ ପରିବେଶକୁ ସବୁଜ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ କୃଷ୍ଣପ୍ରସାଦ ବ୍ଲକର ଅନେକ ରାସ୍ତାପାର୍ଶ୍ୱରେ ଆଜି ବି ବୃକ୍ଷର ଅଭାବ ଦେଖାଦେଉଛି। ରାସ୍ତାପାର୍ଶ୍ୱରେ ଗଛ ନଥିବା ଯୋଗୁଁ ଗ୍ରୀଷ୍ମ ଋତୁରେ ଯାତାୟାତ କରୁଥିବା ଲୋକମାନେ ଛାଇରୁ ବଞ୍ଚିତ ହେଉଥିବା



ବେଳେ ଅନ୍ୟପକ୍ଷରେ ଅଞ୍ଚଳର ସବୁଜିମା ମଧ୍ୟ ପ୍ରଭାବିତ ହେଉଛି। ବିଶେଷକରି ଚିଲିକା ଓ ସମୁଦ୍ର ଦ୍ୱାରା ଘେରା ଏହି ଅଞ୍ଚଳରେ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରାଗଲେ ପରିବେଶ ସନ୍ତୁଳନ ରକ୍ଷା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇପାରିବ ବୋଲି ପରିବେଶବିତ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାର ବନୀକରଣ ପାଇଁ ଅର୍ଥ ବ୍ୟୟ କରୁଥିବା ବେଳେ ମୁକୁଳା ପଡ଼ିଥିବା ରାସ୍ତାପାର୍ଶ୍ୱଗୁଡ଼ିକୁ ଚିହ୍ନଟ କରି ସେଠାରେ ଯୋଜନାବଦ୍ଧ ଭାବେ ଚାରାରୋପଣ କରିବା ଆବଶ୍ୟକ ବୋଲି ଦାବି ହେଉଛି। ଏଥିସହ ରୋପଣ କରାଯାଉଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନିଶ୍ଚିତ କରିବାକୁ ମଧ୍ୟ ଦାବି ହୋଇଛି। କୃଷ୍ଣପ୍ରସାଦ ବ୍ଲକର ବୃକ୍ଷବିହୀନ ରାସ୍ତାପାର୍ଶ୍ୱଗୁଡ଼ିକରେ ବ୍ୟାପକ ବନିକରଣ କରିବା ସହ ଏହାର ରକ୍ଷଣାବେକ୍ଷଣ ଦିଗରେ ବନ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ପରିବେଶବିତ, ବୁଦ୍ଧିଜୀବୀ ଓ ସ୍ଥାନୀୟ ମହଲରେ ଦାବି ଜୋରଦାର ହୋଇଛି।

# ପୋଖରୀରେ ଗାଧୋଇବା ବେଳେ ବୁଡିଯାଇ ୨ ନାବାଳିକା ମୃତ

କଲ୍ୟାଣସିଂହପୁର ,୭।୧୦ (ନିପ୍ର): ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ପୂଜାରୀଗୁଡା ପଞ୍ଚାୟତର ବଡ଼ ନାୟକ ଗୁଡା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମରିଥିବାରୁ ଗ୍ରାମର ଦୁଇ ଛାତ୍ରୀ ବିଦ୍ୟାଳୟକୁ ଯାଇ ଫେରି ଆସିଥିଲେ ନିଜ ଘରକୁ। ଗ୍ରାମର ଉପର ମୁଣ୍ଡରେ ଥିବା ପୋଖରୀକୁ ଗାଧୋଇ ବାକୁ ଯାଇଥିଲେ। ଗ୍ରାମର ଶିରି ତିଆକର ଝିଅ କାମି ତିଆକା (୧୨)ବର୍ଷ ଓ ମିଶ୍ର କାଡ୍ରାକାର ଝିଅ ନିଲୁ କାଡ୍ରାକା(୧୪) ବର୍ଷ । ଗାଧୋଇବା ବେଳେ ଗଭୀର ପାଣିରେ ପଡି ଯାଇଥିଲେ । ଜଣେ ଜଣକୁ ଉଦ୍ଧାର କରିବାକୁ ଯାଇ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ଦେଖି ପାଣିରୁ ଉଭୟଙ୍କୁ ବାହାର କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ଓ ରାଜସ୍ୱ ବିଭାଗକୁ ଜଣାଇଥିବାରୁ ଦୁଇ ବିଭାଗର ଅଧିକାରୀ ପହଁଚି ଘଟଣା ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ନାବାଳିକା ଝିଅମାନେ ଜଣେ ମାଝୀଗୁଡା ଓ ଅନ୍ୟଜଣେ ବଡ଼ ନାୟକ ଗୁଡା ବିଦ୍ୟାଳୟରେ ପଢୁଥିଲେ। ଘଟଣା ଘଟିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗୁଡ଼ଗୁଡ଼ା ଗାଁରେ ବେଆଇନ ମଦ ବିକ୍ରିକୁ ବିରୋଧ

## କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ସୋନପୁର,୭।୧୦ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗୁଡ଼ଗୁଡ଼ା ଗ୍ରାମରେ ବେଆଇନ ମଦ ବିକ୍ରି ଏବଂ ଏହାକୁ କେନ୍ଦ୍ର କରି ବଢୁଥିବା ଅଶାନ୍ତିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବେଆଇନ କାରବାର ଉପରେ ତୁରନ୍ତ ରୋକ ଲଗାଇବା ଦାବିରେ ଗ୍ରାମର ମହିଳା, ପୁରୁଷ ତଥା ଭଦ୍ରବ୍ୟକ୍ତିମାନେ ଏକଜୁଟ ହୋଇ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଗାଁରେ ସମସ୍ତଙ୍କ ସହମତି କ୍ରମେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଗାଁରେ ଏକ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିଥିଲା। ମାତ୍ର ବର୍ତ୍ତମାନ ଗାଁର ଶିବାନନ୍ଦ ମିର୍ଦ୍ଧାଙ୍କ ସମେତ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପୁଣିଥରେ ଖୁଲମଖୁଲା ଚୋରା ମଦ ବେପାର ଆରମ୍ଭ କରିଛନ୍ତି। ଏହାଦ୍ୱାରା ଗାଁର ଶାନ୍ତି ଶୃଙ୍ଖଳା ବ୍ୟାହତ ହେବା ସହ ପରିବେଶ ଉପରେ କୁପ୍ରଭାବ ପଡୁଛି। ଅବାଧ ମଦ ବିକ୍ରି ଯୋଗୁଁ ଯୁବପିଢ଼ି ଓ ଛାତ୍ରଛାତ୍ରୀ ବିପଥଗାମୀ ହେଉଥିବା ବେଳେ ମଦ୍ୟପଙ୍କ ଉତ୍ପାତରେ ମହିଳା



ତଥା ସାଧାରଣ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଦ୍ୟପାନ କରି କେତେକ ଲୋକ ଗାଁରେ ଗାଳିଗୁଲଜ ଓ ଅଶାନ୍ତି ସୃଷ୍ଟି କରୁଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଗ୍ରାମର ସଭାପତି, ଭଦ୍ରବ୍ୟକ୍ତି ଏବଂ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଏହି ବେଆଇନ ମଦ ବିକ୍ରିକୁ ବାରଣ କରାଯାଇଥିଲେ ସୁଦ୍ଧା ମଦ ବେପାରୀମାନେ କାହାରି କଥାକୁ ଭ୍ରୂକ୍ଷେପ କରୁନାହାନ୍ତି। ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଗାଁରେ କୌଣସି ବଡ଼ ଧରଣର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ତୁରନ୍ତ ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୁଡ଼ଗୁଡ଼ା ଗାଁରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏହି ଦାବିପତ୍ରର ନକଲ ଆରକ୍ଷୀ ଅଧୀକ୍ଷକ, ବିଡିଓ ଏବଂ ଥାନା ଅଧିକାରୀଙ୍କୁ ମଧ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନିଆନଗଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସେବା ସଂକଳ୍ପ ଅଭିଯାନରେ ପଥପ୍ରାନ୍ତ ନାଟକ

ଭବାନୀପାଟଣା,୭।୧୦ (ନିପ୍ର): ସ୍ଥାନୀୟ ଟାଉନ ହଲଠାରେ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ନିକଟରେ ସରକାରୀ ସେବା ଓ କଲ୍ୟାଣକାରୀ ଯୋଜନାର ସୁଫଳ ପହଞ୍ଚାଇବା, ଜନ ସହଭାଗିତା ବଢ଼ାଇବା ଓ ସେବାକୁ ସାମୂହିକ ଆନ୍ଦୋଳନର ରୂପ ଦେବାକୁ ଜିଲ୍ଲାରେ ଗତ ୧୭ ସେପ୍ଟେମ୍ବରରୁ ବିଭିନ୍ନ ସେବା ସଂକଳ୍ପ ଅଭିଯାନ ୨୦୨୬ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଛି।ଏହି ପରିପେକ୍ଷୀରେ ଗତ ୨୮ ସେପ୍ଟେମ୍ବର ୨୦୨୬ ରୁ ୬ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସ୍ଥାନୀୟ କଳାକାର ଓ ସାଂସ୍କୃତିକ ଦଳ ଗୁଡ଼ିକ ଅଂଶଗ୍ରହଣ କରି ଜିଲ୍ଲାର ୧୩ ଟି ବ୍ଲକ୍ ର ସମସ୍ତ ଗ୍ରାମ ପଞ୍ଚାୟତ ସ୍ତରରେ ଜନ କଲ୍ୟାଣକାରୀ ଯୋଜନାର ସଫଳତାକୁ ପ୍ରତିଫଳିତ କରୁଥିବା ୩୦୭ ଟି ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱରରୁ ଆସିଥିବା ଏକ ପଥପ୍ରାନ୍ତ ନାଟକ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳ ମଧ୍ୟରେ ଉନ୍ନତିମୂଳକ ଯୋଜନା ଓ ବିକାଶକୁ ପ୍ରଦର୍ଶନ କରିଥିଲେ। ସ୍ୱଚ୍ଛ ଭାରତ,ବିଦେଶ ନିବେଶ, ଡିଜିଟାଲ ଶିକ୍ଷା,ସୋଲାର ଶକ୍ତି,ଆୟୁଷ୍ମାନ ଭାରତ, ଗ୍ରାମୀଣ ବିଜୁଳି, ଗମନାଗମନ, ସଡ଼କ,ଜଳ ସେଚନ,କୃଷି, ଅପରେସନ ସିନ୍ଦୂର, ଇଣ୍ଟରନେଟ ବ୍ୟବହାର ଓ ଯୋଗାଯୋଗ, ଡିବିଟି, ୟୁପିଆଇ,ପ୍ରତିରକ୍ଷା ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଦେଇ ନାଟକ ପ୍ରଦର୍ଶନ କରିଥିଲେ।

# ଲ୍ୟାମ୍ପରେ ପୂର୍ବତନ ଏମ୍‌ଡିଙ୍କ ୧କୋଟି ଦୁର୍ନୀତି ଘଟଣା !

## କାଗଜପତ୍ର ପ୍ରଦାନ କରି ନ ଥିବାରୁ କାର୍ଯ୍ୟରେ ଅଚଳାବସ୍ଥା, ଋଣଗ୍ରସ୍ତ ଚାଷୀ ହରଡ଼ଘଣାରେ

ରାୟଗଡ଼ା/କଲ୍ୟାଣସିଂହପୁର,୭।୧୦ (ନିପ୍ର): ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ଲ୍ୟାମ୍ପରେ ପୂର୍ବତନ ଏମଡି ଟି ପ୍ରସାଦ କୋଟିଏ ଟଙ୍କାରୁ ଅଧିକ ଟଙ୍କା ଦୁର୍ନୀତି କରିବା ଘଟଣାରେ ଲ୍ୟାମ୍ପ ଅଚଳା ଅବସ୍ଥା ହୋଇ ପଡିଛି। ପୂର୍ବତନ ଏମଡି ଶ୍ରୀ ତ୍ରିପାଠୀ ଲ୍ୟାମ୍ପରେ ଚାଷୀ,ମୃତ ବ୍ୟକ୍ତି, ନିଜ ପରିବାର, ବନ୍ଧୁଙ୍କ ନାମରେ ଲକ୍ଷଲକ୍ଷ ଟଙ୍କା ଅଜାଣତରେ ହଡ଼ପ କରିବା ଘଟଣାରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଡିଆରସିଏସ ଜନ୍ମଜୟ ମହାପାତ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାରେ ପଦାକୁ ଆସିବା ପରେ ନିଲମ୍ବିତ କରାଯାଇଥିଲା। ପରେ ଭିଜିଲାନ୍ସ ପକ୍ଷରୁ ଗିରଫକରାଯାଇ କୋର୍ଟ ଚାଲାଣ କରିଥିଲେ ପୂର୍ବତନ ଏମଡିଙ୍କୁ। ଜୁନମାସ ଠାରୁ ଲକର ଚାବି, ରେଜିଷ୍ଟ୍ରାର, ନଥିପତ୍ର, ଜମା ବହି ଭଳି ଅନେକ ଗୁରୁତ୍ୱପର୍ଣ କାଗଜପତ୍ର ଆଜିଯାଏ ସମବାୟ ବିଭାଗକୁ ହସ୍ତାନ୍ତର କରିନାହାନ୍ତି ପୂର୍ବତନ ଏମଡି। ଆଜିଯାଏ ତାଙ୍କୁ କେହି ମାଗି ନାହାନ୍ତି କି କମିଟି କାହିଁକି ମାଗିନି ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି କାଗଜ ପତ୍ର ଜବତ କରିଲେ ଉଭୟ ସମବାୟ ଓ ଭିଜିଲାନ୍ସ ବିଭାଗ।ସେହି ମାସଠାରୁ ଆଜିଯାଏ ଅନେକ ଗୁରୁତର ପୂର୍ଣ କେଶ ବହି, ଜମା ଖାତା ବହି ଓ ରେଜିଷ୍ଟର




ଆଜିଯାଏ ଲ୍ୟାମ୍ପକୁ ଫେରାଇ ନଥିବାରୁ ଅନେକ କାର୍ଯ୍ୟ ଚାଲୁନଥିବାରୁ ଅଚଳା ଅବସ୍ଥା ହୋଇ ପଡିଛି। ଏହି ସମବାୟ ବ୍ୟାଙ୍କ ଓ ସମିତି ଉପରେ ୮ ହଜାରରୁ ଅଧିକ ହିତାଧିକାରୀ, ଚାଷୀ, ସଦସ୍ୟ ଓ ମହିଳା ସ୍ୱୟଂ ଶାହାୟକ ଗୋଷ୍ଠୀ, ଗ୍ରାହକମାନେ ନିର୍ଭର କରୁଥିଲେ ମଧ ଏଭଳି କାର୍ଯ୍ୟ ଯୋଗୁ ଏହି ଲ୍ୟାମ୍ପ ଉପରେ ଭରସା ତୁଟାଇ ଦେଇଛନ୍ତି। ବିଶେଷକରି ଚଷୀଙ୍କ ପାଇଁ ଗଢି ଉଠିଥିବା ଏହି ଲ୍ୟାମ୍ପ ପୂର୍ବତନ ଏମଡିଙ୍କ କୋଟିଏ ଟଙ୍କରୁ ଅଧିକ ଦୁର୍ନୀତି କରି ବିପୁଳ ପରିମାଣରେ ସମ୍ପତ୍ତି କୋଠା ବାଡ଼ି ଓ ଡ଼ିହ ଭଳି ସମ୍ପତ୍ତି ଠୁଳ କରିଥିବାରୁ ଚଷୀଙ୍କ ମୁଣ୍ଡରେ ଚଡିକ ପଡି ଯାଇଛି। ଏଭଳିକି ଏମଡି ତ୍ରିପାଠୀ କୋଟିଏ ଟଙ୍କାରୁ ଅଧିକ ଆତ୍ମସାତ କରିଥିବା ଘଟଣାକୁ ନିର୍ଦ୍ଦୋଷ ଓ ଘଣ୍ଟ ଘୋଡାଇବା ପାଇଁ ଉଚ୍ଚ ନ୍ୟାୟାଳୟକୁ ଯାଇ ଏଆରସିଏସ ଜନ୍ମଜୟ ମହାପାତ୍ର, ପରିଚାଳନା କମିଟି ଉପରେ ଏକ ମାମଲା ରୁଜ କରି କୋର୍ଟକୁ ଟାଣିଥିଲେ। ଏମିତିକି ଏଆରସିଏସ ସମସ୍ତ ଖାତାପତ୍ର ଜବତ କରି ତଦନ୍ତ ଚାଲୁଥିବା ବେଳେ ଭିଜିଲାନ୍ସ କୋର୍ଟରୁ ଜାମିନ ଆସିଥିଲେ। ପୂର୍ବତନ ଏମଡି ତ୍ରିପାଠୀ ନିଜ ଘରେ ମିନି ବ୍ୟାଙ୍କ, ଖାତା, ଲକର ଚାବିକାଠି, କେଶ ବହି, ଋଣ ବହି ଭଳି ଗୁରୁତ୍ୱ ପୁର୍ଣ କାଗଜ ପତ୍ର ଲ୍ୟାମ୍ପକୁ ପ୍ରଦାନ କରିନଥିବାରୁ ଅଚଳା ଅବସ୍ଥା ସୃଷ୍ଟି ହୋଇଛି। କାଗଜ ପତ୍ର ପ୍ରଦାନ କଲେ ଅଧିକ ଦୁର୍ନୀତି ପଦାକୁ ଆସିବା ଭୟରେ ଡରୁନଥିବାରୁ ଚାଷୀ ଗ୍ରାହକଙ୍କ କାର୍ଯ୍ୟ ହୋଇ ପାରୁନି। ଏସମ୍ପର୍କରେ ନୂତନ ଏମଡି ସିଲା ନିରଞ୍ଜନଙ୍କୁ ପଚାଟିବାରୁ ନିଜର ବେଲ ବଣ୍ଡ ଦେଖାଇ ପୁଣି ନିଜର ପୂର୍ବ ପଦବିକୁ ଆସିବା ପାଇଁ ପରିଚାଳନା କମିଟି ଠାରୁ ଏକ ନିଯୁକ୍ତି ପତ୍ର ଆଣି ନୂତନ ଏମଡି ନିରଞ୍ଜନ ପ୍ରଦାନ କରିବା ପ୍ରକାଶ କରିଛନ୍ତି। ଏଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏମିତିକି ଋଣ ନେଇଥିବା ଚାଷୀ ଟଙ୍କା ଜମା କରି ପାରୁନଥିବାରୁ ସୁଧ ବଢ଼ି ଯାଇଥିବାରୁ ଆସନ୍ତୋଷ ପ୍ରକାଶ ପାଇଛି। ଏହି ଲ୍ୟାମ୍ପରେ କୋଟିରୁ ଅଧିକ ଟଙ୍କା ଦୁର୍ନୀତି କରିଥିବା ଘଟଣା ଚର୍ଚ୍ଚାରେ ଥିବା ବେଳେ ଏଆରସିଏସ ଜନ୍ମଜୟ ମହାପାତ୍ର ସମ୍ବଲପୁର ବଦଳି ହୋଇ ଯାଇଥିବା ବେଳେ ପୁଣି ନୂତନ ରୂପେ ନିଯୁକ୍ତି ପାଇଥିବା ଗୁଣପୁର ସମବାୟ ଉପନିବନ୍ଧକ ମିତ୍ରଭାନୁ ବିଶ୍ୱାଳ ଓ ପୁରୀରୁ ଆସିଥିବା ଜଣେ ସହକାରୀ ନିବନ୍ଧକ ଏସ୍ ବେହେରା ନିଯୁକ୍ତି ପାଇଛନ୍ତି। ଏଭଳି ଲ୍ୟାମ୍ପରେ ଦୁର୍ନୀତି ଘଟଣାକୁ କିଭଳି ତଦନ୍ତ କରୁଛନ୍ତି ଦେଖିବାକୁ ବାକି ରହିଲା ।ପୂର୍ବରୁ ଜନ୍ମେଜୟ ମହାପାତ୍ରଙ୍କ ତଦନ୍ତକୁ ରଫାଦଫା କରି ପୁଣି ଏମଡିଙ୍କୁ ଦାୟିତ୍ୱ ପ୍ରଦାନ କରନ୍ତି ତେବେ ଚାଷୀମାନେ ଆଗକୁ କାର୍ଯ୍ୟାଳୟରେ ତାଲା ପକାଇ ଦେବେ ବୋଲି ଆନ୍ଦୋଳନର ଦାନା ବାନ୍ଧୁଛି।

## ଭାରତର ଜିଡିପି ୭.୧ ପ୍ରତିଶତ ବଢ଼ିବ: ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୭।୧୦: ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ନେଇ ବିଶ୍ୱ ବ୍ୟାଙ୍କ ଆକଳନ ବଢ଼ାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୧% ହାରରେ ବଢ଼ିବ ବୋଲି ବିଶ୍ୱ ବ୍ୟାଙ୍କ ଏହାର ନୂଆ 'ଇଣ୍ଡିଆ ଡେଭଲପମେଣ୍ଟ ଅପଡେଟ୍'ରେ କହିଛି। ପୂର୍ବରୁ ଏପ୍ରିଲରେ ଏହା ୬.୬% ଅଭିବୃଦ୍ଧି ଆକଳନ କରିଥିଲା। ଅର୍ଥାତ୍ ଆକଳନକୁ ୦.୫ ପ୍ରତିଶତ ବଢ଼ାଯାଇଛି। ଦେଶରେ ଦୃଢ଼ ଘରୋଇ ଚାହିଦା ଓ ରପ୍ତାନିରେ ଭଲ ପ୍ରଦର୍ଶନ ଯୋଗୁ ଅର୍ଥନୀତିର ଅଭିବୃଦ୍ଧି ଗତିଶୀଳ ରହିଛି। ଶିଳ୍ପ ଓ ସେବା କ୍ଷେତ୍ରରେ ମଧ୍ୟ କାର୍ଯ୍ୟକଳାପ ଭଲ ରହିବା ଆଶା କରାଯାଉଛି। ବିଶ୍ୱବ୍ୟାଙ୍କ ଭାରତକୁ ବିଶ୍ୱର ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରେ ରଖିଛି। ୨୦୨୫-୨୬ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୭.୮% ରହିଥିଲା। ଦୃଢ଼ ନିବେଶ ଓ ଘରୋଇ ଉପଭୋଗ ଏହି ଅଭିବୃଦ୍ଧିକୁ ସମର୍ଥନ କରିଥିଲା। ଏବେ ମଧ୍ୟ ଘରୋଇ ଚାହିଦା ଅର୍ଥନୀତିର ମୁଖ୍ୟ ଚାଳକ ଭାବେ ରହିବ ବୋଲି ଆକଳନ କରାଯାଇଛି। ତେବେ ଅର୍ଥନୀତି ପାଇଁ କିଛି ଆହ୍ୱାନ ମଧ୍ୟ ରହିଛି। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ଦୀର୍ଘ ସମୟ ଉଚ୍ଚ ରହିଲେ ଭାରତ ଉପରେ ଚାପ ବଢ଼ିପାରେ। ଏହା ସହିତ ଏଲ୍ ନିନୋ ଯୋଗୁ ପାଣିପାଗରେ ପରିବର୍ତ୍ତନ ଓ କୃଷି ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେୟାର ବଜାରରେ ବଡ଼ ଧରଣର ସୁଧାର ହେଲେ ପୁଞ୍ଜି ପ୍ରବାହ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ବିଶ୍ୱବ୍ୟାଙ୍କ ରିପୋର୍ଟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଭାରତର ଭବିଷ୍ୟତ ଅଭିବୃଦ୍ଧି ଓ ନୂଆ ରୋଜଗାର ସୃଷ୍ଟିର ଏକ ବଡ଼ ସୁଯୋଗ ବୋଲି ଦର୍ଶାଯାଇଛି। ଭାରତର ବଡ଼ ପ୍ରଯୁକ୍ତିଭିତ୍ତିକ କର୍ମଶକ୍ତି, ଆଇଟି କ୍ଷେତ୍ର ଓ ଡିଜିଟାଲ୍ ଭିତ୍ତିଭୂମି ଏଆଇର ବ୍ୟବହାର ବଢ଼ାଇବାରେ ସହାୟକ ହେବ। ଦକ୍ଷିଣ ଏସିଆର ଅଭିବୃଦ୍ଧି ଆକଳନ ମଧ୍ୟ ବଢ଼ାଇ ୨୦୨୬ରେ ୬.୯% କରାଯାଇଛି। ଏହି ଅଭିବୃଦ୍ଧିରେ ଭାରତର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ।

## ୧୦ ସ୍କୁଲକୁ ବୋମା ଧମକ

ଗୁଜୁରାଟ, ୭।୧୦: ଗୁଜୁରାଟର ଅହମ୍ମଦାବାଦରୁ ଏକ ସମ୍ବେଦନଶୀଳ ଖବର ସାମ୍ନାକୁ ଆସିଛି। ଇମେଲ୍ ଜରିଆରେ ଅହମ୍ମଦାବାଦର ୧୦ଟି ପ୍ରମୁଖ ସ୍କୁଲକୁ ବୋମାରେ ଉଡ଼ାଇ ଦେବା ପାଇଁ ଧମକ ମିଳିଛି। ଏହି ଧମକପୂର୍ଣ୍ଣ ଇମେଲରେ କେବଳ ସ୍କୁଲ ନୁହେଁ, ବରଂ ଅହମ୍ମଦାବାଦରେ ହେବାକୁ ଥିବା ପ୍ରସିଦ୍ଧ ଗାୟକ ଦିଲଜିତ ଦୋସାଞ୍ଜଙ୍କ କନ୍ସର୍ଟକୁ ମଧ୍ୟ ଟାର୍ଗେଟ କରାଯାଇଛି । ଧମକ ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି ଏବଂ ତୁରନ୍ତ ଫାୟାର ବିଭାଗ, ବମ୍ ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ଟିମ୍ ବିଭିନ୍ନ ସ୍କୁଲରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି ।

## ଜେଲରୁ ବାହାରିବେ ଆଶାରାମ ବାପୁ

ଜୟପୁର,୭।୧୦: ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମଙ୍କୁ ପାରୋଲ୍ ପ୍ରଦାନ ସମ୍ବନ୍ଧରେ ରାଜସ୍ଥାନ ହାଇକୋର୍ଟ ଏକ ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ ତାଙ୍କୁ ୨୦ ଦିନ ପାଇଁ ପାରୋଲ୍ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ, କେବଳ ଅନ୍ୟ ଏକ ରାଜ୍ୟରେ ଦୋଷୀ ସାବ୍ୟସ୍ତ ହୋଇଥିବା କାରଣରୁ ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ପାରୋଲକୁ ଅଟକାଇ ରଖାଯାଇପାରିବ ନାହିଁ। ରାଜସ୍ଥାନ ହାଇକୋର୍ଟ ଆଶାରାମଙ୍କ ପାରୋଲ୍ ସମ୍ବନ୍ଧରେ ରାଜ୍ୟ ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି। ୩ ଅଗଷ୍ଟ ୨୦୨୬ରେ ଜାରି କରାଯାଇଥିବା ୨୦ ଦିନିଆ ପାରୋଲ୍ ଆଦେଶ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ, ସେ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଆଶାରାମଙ୍କୁ ପାଲୋର ପ୍ରଦାନ କରି ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରିବାକୁ ଏବଂ ଏ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଆଶାରାମଙ୍କୁ ଅଗଷ୍ଟ ୩, ୨୦୨୬ରେ ରାଜସ୍ଥାନ ହାଇକୋର୍ଟ ୨୦ ଦିନର ପ୍ରଥମ ପାରୋଲ ମଞ୍ଜୁର କରିଥିଲେ। ତେବେ ଆଦେଶ ସତ୍ତ୍ୱେ ତାଙ୍କୁ ଜେଲରୁ ମୁକ୍ତ କରାଯାଇନଥିବା ଅଭିଯୋଗ କରି ତାଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଜଷ୍ଟିସ୍ ନୂପୁର ଭାଟୀ ଓ ଜଷ୍ଟିସ୍ ସଞ୍ଜୀତ ପୁରୋହିତଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। କୋର୍ଟ ସରକାରଙ୍କୁ ପୂର୍ବ ଆଦେଶର ପାଳନ କରିବା ସହ ଆଶାରାମଙ୍କୁ ପାରୋଲ ପ୍ରଦାନ କରିବାକୁ କହିଛନ୍ତି।

## ଦୁର୍ଘଟଣାରେ ୩ ଯୁବ ଟେନିସ୍ ଖେଳାଳିଙ୍କ ମୃତ୍ୟୁ

ନୂଆଦିଲ୍ଲୀ ୭।୧୦: ଉତ୍ତରପ୍ରଦେଶରୁ ଅତ୍ୟନ୍ତ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହା ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ବୁଧବାର ଭୋର ସମୟରେ ଘଟିଥିବା ନେଇ ଖବର ମିଳିଛି। ଏକ ଦ୍ରୁତଗାମୀ କାର୍ ଟ୍ରକକୁ ପଛପଟୁ ଜୋରଦାର ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ଜଣ ଯୁବ ଟେନିସ୍ ଖେଳାଳିଙ୍କ ମୃତ୍ୟୁ ଘଟିଛି। ଏହି ଭୟଙ୍କର ଦୁର୍ଘଟଣାରେ ଅନ୍ୟ ୩ ଜଣ ଖେଳାଳି ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସକାଳ ପ୍ରାୟ ୫ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସ୍ପିଡ୍ ଥିବା କାରଟି ଆଗରେ ଯାଉଥିବା ଏକ ଟ୍ରକକୁ ପଛପଟୁ ପିଟିଥିଲା। ଧକ୍କାଟି ଏତେ ଜୋରଦାର ଥିଲା ଯେ କାରଟି ସମ୍ପୂର୍ଣ୍ଣ ଚେପା ହୋଇଯାଇଥିଲା । ସମସ୍ତ ୬ ଜଣ ଖେଳାଳି ଭିତରେ ଫସି ରହିଥିଲେ। ପରେ ପୋଲିସ ଓ ସୁରକ୍ଷାକର୍ମୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଆହତ ଖେଳାଳିଙ୍କ ସୂଚନା ଅନୁଯାୟୀ, ସେମାନେ ସମସ୍ତେ ବୃତ୍ତିଗତ ଟେନିସ୍ ଖେଳାଳି ଥିଲେ। ଲକ୍ଷ୍ନୌରେ ଏକ ମ୍ୟାଚ୍ ଖେଳି ସାରିବା ପରେ ସେମାନେ କାର୍ ଯୋଗେ ଦେଓରିଆ ଫେରୁଥିଲେ। ଦୁର୍ଘଟଣା କିପରି ଘଟିଲା ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିନାହିଁ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ତାଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଛି।

## ପାଣି ଟାଙ୍କି ସଫା କରୁଥିବାବେଳେ ୪ ଛାତ୍ରଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୭।୧୦; ଉତ୍ତର ପ୍ରଦେଶର ବୃନ୍ଦାବନରୁ ଆସିଛି ଅତ୍ୟନ୍ତ ହୃଦୟବିଦାରକ ଘଟଣା। ଚେତନ ବିହାର ସ୍ଥିତ 'ପାଣିନିମ୍ ସଂସ୍କୃତ ଗୁରୁକୁଳ'ରେ ଏକ ଅଣ୍ଡରଗ୍ରାଉଣ୍ଡ ପାଣି ଟାଙ୍କି ସଫା କରିବା ସମୟରେ ବିଷାକ୍ତ ଗ୍ୟାସ୍ କାରଣରୁ ଚାରିଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଏହି ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଗୁରୁକୁଳ ପରିସରରେ ପାଣି ସଂରକ୍ଷଣ ପାଇଁ ପ୍ରାୟ ୧୨ ଫୁଟ ଗଭୀର ଏକ ଭୂତଳ ଟାଙ୍କି ରହିଥିଲା। ଯାହା ଦୀର୍ଘ ଦିନ ହେବ ସଫା କରାଯାଇ ନଥିଲା। ମଙ୍ଗଳବାର ସନ୍ଧ୍ୟାରେ ଟାଙ୍କିରୁ ଦୁର୍ଗନ୍ଧ ବାହାରୁଥିବାରୁ ଗୁରୁକୁଳ ପ୍ରଶାସକ କିଛି ଛାତ୍ରଙ୍କୁ ଏହାକୁ ସଫା କରିବାକୁ କହିଥିଲେ। ପ୍ରଥମେ ବାଲଟି ସାହାଯ୍ୟରେ କିଛି ପାଣି ବାହାର କରାଯାଇଥିଲା। ଏହାପରେ ଜଣେ ଛାତ୍ର ଟାଙ୍କି ଭିତରକୁ ଓହ୍ଲାଇଥିଲେ, କିନ୍ତୁ ଭିତରେ ଜମି ରହିଥିବା ବିଷାକ୍ତ ଗ୍ୟାସ୍ ଯୋଗୁଁ ସେ ସଙ୍ଗେ ସଙ୍ଗେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ଗୋଟିଏ ପରେ ଗୋଟିଏ ଅନ୍ୟ ଛାତ୍ରମାନେ ଭିତରକୁ ଯାଇଥିଲେ ଏବଂ ଦୁର୍ଭାଗ୍ୟବଶତଃ ସେମାନେ ମଧ୍ୟ ସେହିପରି ଅଚେତ ହୋଇପଡ଼ିଥିଲେ। ସୂଚନାଯୋଗ୍ୟ ଯେ, ଏହି ଗୁରୁକୁଳରେ ବିଭିନ୍ନ ରାଜ୍ୟର ପ୍ରାୟ ୧୨୦ ଜଣ ଛାତ୍ର ରହି ସଂସ୍କୃତ ଭାଷା ଏବଂ ବୈଦିକ ରୀତିନୀତି ଅଧ୍ୟୟନ କରୁଥିଲେ।

### ସରକାର ମୁଖ୍ୟ ଭାବେ ୨୫ବର୍ଷ ପୂରଣ କଲେ ମୋଦି

# ଜନତା ମୋ ପାଇଁ ଭଗବାନ



ନୂଆଦିଲ୍ଲୀ,୭।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନିଜର ଶାସନ ସେବାରେ ମୁଖ୍ୟ ଭାବେ ୨୫ ବର୍ଷ ପୂରା କରିଛନ୍ତି। ୨୦୦୨ ଅକ୍ଟୋବର ୭ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସହିତ ପିଏମ ମୋଦିଙ୍କ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଦେଖୁ ଦେଖୁ ତାଙ୍କର ଏହି ଯାତ୍ରାକୁ ଆଜି ୨୫ ବର୍ଷ ପୂରିଛି। ଏହି ଉପଲକ୍ଷେ ନୂଆଦିଲ୍ଲୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ବୁଧବାର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି ଯେ, ୨୦୪୭ ପର୍ଯ୍ୟନ୍ତ ଭାରତକୁ ବିକଶିତ ଦେଶ ନିର୍ମାଣ କରିବା ଏବଂ ଆତ୍ମ ନିର୍ଭର ଭାରତ ଲକ୍ଷ୍ୟକୁ ପୂରା କରିବାର ଅଛି। ଏହି ଭରସା ସହିତ ପିଏମ 'ଆମେ କରି କି ଦେଖାଇଛୁ'ର ନାରା ଦେଇଛନ୍ତି। ପିଏମ ମୋଦି ଏହି ନାରା ନିଜର ଶାସନ ଜୀବନରେ ୨୫ ବର୍ଷ ପୂର୍ତ୍ତି ହେବା ଉପଲକ୍ଷେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା'ରେ ଦେଇଛନ୍ତି। ନିଜର ରାଜନୈତିକ ଯାତ୍ରା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ତାଙ୍କର ସାର୍ବଜନୀନ ଜୀବନରେ ଯେଉଁ ଲୋକେ ତାଙ୍କର ବିରୋଧ କରିଛନ୍ତି, ସେମାନଙ୍କଠୁ ବି ସେ ବହୁତ କିଛି ଶିଖିଛନ୍ତି। ବିରୋଧ କରୁଥିବା ଲୋକେ ତାଙ୍କୁ ଗଣତନ୍ତ୍ରର ଶକ୍ତିକୁ ବୁଝିବାରେ ସାହାଯ୍ୟ କରିଛନ୍ତି। ଏହି ସମୟରେ ପିଏମ ମୋଦି କହିଛନ୍ତି, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ କରିବାର ଅଛି, ଅଲିମ୍ପିକ୍ସର ଆୟୋଜନ କରିବାର ଅଛି ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ବଡ଼ ଉପଲବ୍ଧି ହାସଲ କରିବାର ଅଛି। ଆଗକୁ ଆହୁରି ଦେଶ ପାଇଁ ବହୁତ କିଛି କରିବାର ଅଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ଉପରେ ଯେଉଁ ଦାୟିତ୍ୱ ରହିଛି, ତାହା ଜନତାଙ୍କ ଭରସା କାରଣରୁ। ଦେଶବାସୀଙ୍କ ସେବା କରିବା ତାଙ୍କ ଜୀବନର ସବୁଠୁ ବଡ଼ ଲକ୍ଷ୍ୟ। ଭଗବାନଙ୍କୁ ପ୍ରାର୍ଥନା କରୁଛି ଯେ, ତାଙ୍କୁ ଦେଶ ପାଇଁ କାମ କରିବା ଏବଂ ଦିନ ରାତି ଜନତାଙ୍କ ସେବା କରିବାର ଶକ୍ତି ଦିଅନ୍ତୁ। ମୁଁ ଆଜି ଯାହା ବି କିଛି ହୋଇଛି ଏବଂ ଯେଉଁଠି ପହଞ୍ଚିଛି ତାହା ଜନତାଙ୍କ କାରଣରୁ। ଜନତା ମୋ ପାଇଁ ଭଗବାନ। ଦେଶ ମୋତେ ବହୁତ କିଛି ଦେଇଛି। ଏଥିପାଇଁ ଦେଶ ପ୍ରତି ତାଙ୍କର ଦାୟିତ୍ୱ ମଧ୍ୟ ବହୁତ ବଡ଼ ରହିଛି। ଜନତାଙ୍କ ସେବାକୁ ସେ ବଡ଼ ଦାୟିତ୍ୱ ମାନନ୍ତି।

### ଆଡଭାନୀଙ୍କୁ ଭେଟି ଆଶୀର୍ବାଦ ନେଲେ



ନୂଆଦିଲ୍ଲୀ,୭।୧୦: ସରକାରଙ୍କ ପ୍ରମୁଖ ଭାବେ ନିଜ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବିଜେପିର ବୟୋବୃଦ୍ଧ ନେତା ଲାଲକୃଷ୍ଣ ଆଡଭାନୀଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ପ୍ରଧାନମନ୍ତ୍ରୀ ଆଡଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ବୁଝିବା ସହ ତାଙ୍କର ଆଶୀର୍ବାଦ ଗ୍ରହଣ କରିଛନ୍ତି।

## ମୋଦିଙ୍କ ରାଜନୈତିକ ଯାତ୍ରାକୁ ବିଶ୍ୱନେତାଙ୍କ ପ୍ରଶଂସା

ନୂଆଦିଲ୍ଲୀ,୭।୧୦:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ପୂରଣ କରିବା ଅବସରରେ ବିଭିନ୍ନ ଦେଶର ନେତାମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ୨୦୦୧ରେ ଆରମ୍ଭ ହୋଇଥିବା ତାଙ୍କ ରାଜନୈତିକ ଯାତ୍ରା ୨୦୧୪ରେ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଜାରି ରହିଛି। ଅକ୍ଟୋବର ୭ରେ ଏହି ୨୫ ବର୍ଷର ମାଇଲଖୁଣ୍ଟ ପୂରଣ ହୋଇଛି। ଏହି ଅବସରରେ ଜାପାନ, ଭୁଟାନ, ନାଇଜେରିଆ, ବେଲଜିୟମ ଓ ଡୋମିନିକା ସମେତ ବିଭିନ୍ନ ଦେଶର ନେତା ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ତୋବଗେ ମୋଦିଙ୍କ ନେତୃତ୍ୱକୁ ବିଶେଷ ଭାବେ ପ୍ରଶଂସା କରିଛନ୍ତି। ସେ ମୋଦିଙ୍କୁ 'ବିଷ୍ଣୁଙ୍କ କଳ୍କି ଅବତାର' ବୋଲି କହିଥିଲେ। ୨୦୧୯ ଜୁଲାଇ ୨୭ରେ ନୂଆଦିଲ୍ଲୀରେ ମୋଦିଙ୍କ ସହ ତାଙ୍କ ପ୍ରଥମ ସାକ୍ଷାତକୁ ମନେ ପକାଇ ତୋବଗେ ତାଙ୍କୁ ବଡ଼ ଭାଇ ଭାବେ ଦେଖୁଥିବା କହିଛନ୍ତି। ମୋଦିଙ୍କ ନେତୃତ୍ୱରେ ଭାରତର ବିକାଶର ପ୍ରଭାବ ଭୁଟାନ ସମେତ ପଡ଼ୋଶୀ ଦେଶ ଓ ଦକ୍ଷିଣ ବିଶ୍ୱ ଉପରେ ମଧ୍ୟ ପଡୁଥିବା ସେ କହିଛନ୍ତି। ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମଦ ଟିନୁବୁ ମୋଦିଙ୍କ ୨୫ ବର୍ଷର ନେତୃତ୍ୱକୁ 'ବିରଳ ସଫଳତା' ବୋଲି ବର୍ଣ୍ଣନା କରିଛନ୍ତି। ମୋଦିଙ୍କ ବିକାଶମୂଳକ ଦୃଷ୍ଟିକୋଣ ସହ ଭାରତର ଅର୍ଥନୈତିକ ବିକାଶ, ଭିତ୍ତିଭୂମି, ଡିଜିଟାଲ୍ ବ୍ୟବସ୍ଥା ଓ ନବସୃଜନକୁ ସେ ପ୍ରଶଂସା କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ମୋଦିଙ୍କ ଦୀର୍ଘ ରାଜନୈତିକ ନେତୃତ୍ୱକୁ ପ୍ରଶଂସା କରି ଭାରତର ବିକାଶ ଓ ବିଶ୍ୱସ୍ତରରେ ଦେଶର ସ୍ଥିତି ମଜବୁତ କରିବାରେ ତାଙ୍କ ଅବଦାନକୁ ଉଲ୍ଲେଖ କରିଛନ୍ତି। ଭାରତ-ଜାପାନ 'ସ୍ପେସାଲ୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଗ୍ଲୋବାଲ୍ ପାର୍ଟନରସିପ୍'କୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭର ମଧ୍ୟ ମୋଦିଙ୍କୁ ୨୫ ବର୍ଷର ନିରନ୍ତର ସରକାରୀ ନେତୃତ୍ୱ ପାଇଁ ଅଭିନନ୍ଦନ ଜଣାଇ ଭାରତ-ବେଲଜିୟମ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ଆଶା ପ୍ରକାଶ କରିଛନ୍ତି। ଡୋମିନିକା ପ୍ରଧାନମନ୍ତ୍ରୀ ରୁଜଭେଲ୍ଟ ସ୍କେରିଟ୍ ମୋଦୀଙ୍କୁ 'ପ୍ରିୟ ବନ୍ଧୁ' ବୋଲି ସମ୍ବୋଧନ କରି ତାଙ୍କ ଦୀର୍ଘ ସେବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ମୋଦିଙ୍କୁ ଦୁର୍ବଳ କରିବାକୁ ଉଦ୍ୟମ ହେଉଛି: ବୁଚିଚ୍ଙ୍କ ଦାବି



ନୂଆଦିଲ୍ଲୀ,୭।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ବିଶ୍ୱ ମଞ୍ଚରେ ଏକ ପ୍ରମୁଖ ଶକ୍ତିରେ ପରିଣତ କରିଥିବା ବେଳେ ତାଙ୍କୁ ଦୁର୍ବଳ କରିବାକୁ ଉଦ୍ୟମ ହେଉଛି ବୋଲି କହିଛନ୍ତି ସର୍ବିଆର ପୂର୍ବତନ ରାଷ୍ଟ୍ରପତି ଆଲେକ୍ଜାଣ୍ଡର ବୁଚିଚ୍। ବୁଧବାର ମୋଦି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ସରକାରର ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କରିଥିବା ଅବସରରେ ବୁଚିଚ୍ଙ୍କ ଏକ ପଡକାଷ୍ଟ ମନ୍ତବ୍ୟର ଭିଡିଓ ବ୍ୟାପକ ଭାବେ ପ୍ରସାରିତ ହୋଇଛି। ବୁଚିଚ୍ କହିଛନ୍ତି, ମୋଦି ଭାରତକୁ ଏକ ବଡ଼ ବିଶ୍ୱ ଶକ୍ତିରେ ପରିଣତ କରିଛନ୍ତି ଏବଂ ଅନେକ ବଡ଼ ସଫଳତା ହାସଲ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଶିକ୍ଷାକୁ ଅନୁସରଣ କରିବାକୁ ମୋଦି ଉଦ୍ୟମ କରୁଥିବା ସେ କହିଛନ୍ତି। ମୋଦିର ଏତେ ଗୁରୁତ୍ୱ ହାସଲ କରିଛି ବୋଲି ବୁଚିଚ୍ ମତ ଦେଇଛନ୍ତି। ବିଶ୍ୱରେ ଲୋକପ୍ରିୟ ନେତାମାନଙ୍କୁ ଦୁର୍ବଳ କରିବାର ଉଦ୍ୟମ ଏକ ଧାରାରେ ପରିଣତ ହୋଇଥିବା ବୁଚିଚ୍ କହିଛନ୍ତି। ମୋଦିଙ୍କ ବିରୋଧରେ ମଧ୍ୟ ଏଭଳି ଉଦ୍ୟମ ହେଉଛି ବୋଲି ସେ ଦାବି କରିଥିଲେ। ତେବେ ମୋଦିଙ୍କୁ କିଏ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି କିମ୍ବା କେଉଁ ଉପାୟରେ ଏଭଳି ଉଦ୍ୟମ ହେଉଛି, ସେ ସମ୍ପର୍କରେ ସେ କୌଣସି ବିସ୍ତୃତ ସୂଚନା ଦେଇନାହାନ୍ତି। ମୋଦିଙ୍କ ନେତୃତ୍ୱ ଉପରେ ବିଶ୍ୱ ନେତାଙ୍କ ଏଭଳି ମତ ଭାରତର ବଢ଼ୁଥିବା ପ୍ରଭାବକୁ ଦର୍ଶାଉଛି ବୋଲି ବିଜେପି କହିଛି। ଦଳର ଜାତୀୟ ମୁଖପାତ୍ର ସଞ୍ଜୁ ବର୍ମା ମଧ୍ୟ ଏହାକୁ ମୋଦିଙ୍କ ପ୍ରତି ଭାରତୀୟ ଭୋଟରଙ୍କ ଜନାଦେଶକୁ ଦୁର୍ବଳ କରିବାର ଉଦ୍ୟମ ବୋଲି ଉଲ୍ଲେଖ କରିଛନ୍ତି।

## ବିଧାନସଭାର ବିଶେଷାଧିକାର ବନାମ ମୁକ୍ତ ଅଭିବ୍ୟକ୍ତି ସାମ୍ବିଧାନିକ ପୀଠରେ ମାମଲା ବନ୍ଦ



ନୂଆଦିଲ୍ଲୀ,୭।୧୦:ବିଧାନସଭାର ବିଶେଷାଧିକାର ଏବଂ ମୁକ୍ତ ଭାବେ କଥା କହିବାର ମୌଳିକ ଅଧିକାର ମଧ୍ୟରେ ବିବାଦକୁ ନେଇ ସୁପ୍ରିମକୋର୍ଟର ୭ ଜଣିଆ ସାମ୍ବିଧାନିକ ପୀଠରେ ଚାଲିଥିବା ମାମଲାକୁ ବନ୍ଦ କରିଦିଆଯାଇଛି। ୨୦୦୩ରେ ତାମିଲନାଡୁ ବିଧାନସଭା ପକ୍ଷରୁ ପାରିତ ହୋଇଥିବା ଏକ ପ୍ରସ୍ତାବକୁ ୨୦୦୪ରେ ପ୍ରତ୍ୟାହାର କରି ନିଆଯାଇଥିବାରୁ ଏହି ମାମଲା ଏବେ 'ଅର୍ଥହୀନ' ବୋଲି ପୀଠ କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ପୀଠରେ ବିଚାରପତି ଅରବିନ୍ଦ କୁମାର, ପିକେ ମିଶ୍ର, ଜୟମାଲ୍ୟ ବାଗଚୀ, ବିପୁଲ ପାଞ୍ଚୋଲି, ଶ୍ରୀ ଚନ୍ଦ୍ରଶେଖର ଓ ଭି ମୋହନା ସାମିଲ ଥିଲେ। ୨୦୦୩ର ପ୍ରସ୍ତାବ ପ୍ରତ୍ୟାହାର କରାଯାଇଥିବା ମାମଲାର ରେଫରେନ୍ସ ସମୟରେ କୋର୍ଟଙ୍କ ନଜରକୁ ଆସିନଥିଲା ବୋଲି ପୀଠ ଉଲ୍ଲେଖ କରିଛନ୍ତି। ତେବେ ବିଧାନସଭାର ବିଶେଷାଧିକାର ଓ ମୁକ୍ତ ଭାବେ କଥା କହିବାର ମୌଳିକ ଅଧିକାର ମଧ୍ୟରେ ଆଇନଗତ ପ୍ରଶ୍ନଗୁଡ଼ିକୁ କୋର୍ଟ ଶେଷ କରିନାହାନ୍ତି। ଭବିଷ୍ୟତରେ ଏଭଳି ବିବାଦ ପୁଣି ଉପୁଜିଲେ ଉପଯୁକ୍ତ ମାମଲାରେ ଏହି ପ୍ରଶ୍ନଗୁଡ଼ିକର ବିଚାର କରାଯିବ ବୋଲି ସ୍ପଷ୍ଟ କରାଯାଇଛି।

## ଇରାନ ଯୁଦ୍ଧରେ ୮୧ ବିମାନ ହରାଇଛି ଆମେରିକା

ୱାସିଂଟନ୍,୭।୧୦: ଆମେରିକା ଏହି ବର୍ଷ ଆରମ୍ଭରୁ ଇରାନ ଯୁଦ୍ଧରେ ଅତି କମରେ ୮୧ଟି ସାମରିକ ବିମାନ ଓ ଡ୍ରୋନ୍ ହରାଇଛି । ଏହି କ୍ଷତିର ମୋଟ ମୂଲ୍ୟ ପ୍ରାୟ ୩.୩ ବିଲିୟନ ଡଲାର ବୋଲି ଏକ ନୂଆ କଂଗ୍ରେସ ରିସର୍ଚ ସର୍ଭିସ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟର ନାମ 'ୟୁଏସ ଏୟାରକ୍ରାଫ୍ଟ କମ୍ବାଟ ଡ୍ୟାମେଜ ଇନ୍ ଅପରେସନ ଏପିକ ଫ୍ୟୁରି: କନସିଡରେସନସ ଫର କଂଗ୍ରେସ'। ଏଥିରେ ଆମେରିକାର କିଛି ଅତ୍ୟାଧୁନିକ ଯୁଦ୍ଧବିମାନ ଯଥା ଏଫ୍-୩୫ଏ ଲାଇଟନିଂ, ଏଫ୍-୧୫ ଓ ଏମକ୍ୟୁ-୯ ରିପର୍ ଡ୍ରୋନ୍ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଏଫ୍-୧୫ ବିମାନର ମୂଲ୍ୟ ୩୦ ନିୟୁତ ଡଲାରରୁ ଅଧିକ। ୪୫ଟି ଏମକ୍ୟୁ-୯ ରିପର ଡ୍ରୋନର ପ୍ରତ୍ୟେକର ମୂଲ୍ୟ ୩୦ରୁ ୫୦ ନିୟୁତ ଡଲାର ମଧ୍ୟରେ। ପଞ୍ଚମ ପିଢ଼ିର ଏଫ୍-୩୪ଏ ବିମାନର ମୂଲ୍ୟ ୯୨ ନିୟୁତ ଡଲାରରୁ ଅଧିକ। ରିପୋର୍ଟ ଅନୁଯାୟୀ ମଧ୍ୟପ୍ରାଚ୍ୟରେ ମିସନ ସମୟରେ ଆମେରିକୀୟ ବାହିନୀ ୧୨ଟି ଏଫ୍-୧୫ଇ ବିମାନ, ଗୋଟିଏ ଏଫ୍-୩୫ଏ ଲାଇଟନିଂ ଯୁଦ୍ଧବିମାନ, ଦୁଇଟି ଏ-୧୦ ଥଣ୍ଡରବୋଲ୍ଟ ଦ୍ୱିତୀୟ ଗ୍ରାଉଣ୍ଡ ଆଟାକ ବିମାନ ଓ ୭ଟି କେସି-୧୩୫ ଷ୍ଟ୍ରାଟୋଟ୍ୟାଙ୍କର ରିଫ୍ୟୁଏଲିଂ ବିମାନ ହରାଇଛି। ମାର୍ଚ୍ଚ ୨ରେ କୁଏତରେ ମିତ୍ରପକ୍ଷର ଭୁଲ୍ ଆକ୍ରମଣରେ ତିନୋଟି ଏଫ୍-୧୫ ବିମାନ ଧରାଶାୟୀ ହୋଇଥିଲା।

## କେପି, ବଲୁଚିସ୍ତାନରେ ୧୮ ବିଦ୍ରୋହୀଙ୍କୁ ନିପାତ କଲା ପାକ୍ ସେନା

ଇସଲାମାବାଦ,୭।୧୦: ଖୈବର ପଖତୁନଖ୍ୱା (କେପି) ଓ ବଲୁଚିସ୍ତାନରେ ଏକ ପୃଥକ୍ ଅପରେସନରେ ପାକିସ୍ତାନ ସୁରକ୍ଷାବାହିନୀ ଦ୍ୱାରା ୧୮ ବିଦ୍ରୋହୀ ନିପାତ ହୋଇଛନ୍ତି। ବିଦ୍ରୋହୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ପରେ ଉତ୍ତର ୱାଜିରିସ୍ତାନରେ ଏହି ଅପରେସନ୍ ଚଳାଯାଇଛି ଏବଂ ଏଥିରେ ୧୩ ଫିତନା ଅଲ ଖୱାରଜି ବିଦ୍ରୋହୀ ନିପାତ ହୋଇଛନ୍ତି। ପୃଥକ୍ ଭାବେ ବଲୁଚିସ୍ତାନର ମସତଙ୍ଗ ଜିଲ୍ଲାରେ ସୁରକ୍ଷାବାହିନୀ ଫିତନା ଅଲ୍ ହିନ୍ଦୁସ୍ତାନର ୫ ବିଦ୍ରୋହୀଙ୍କୁ ନିପାତ କରିଛନ୍ତି।

## ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ନିଯୁକ୍ତ ହେଲେ ମିଥୁନ ଚକ୍ରବର୍ତ୍ତୀ

କୋଲକାତା,୭।୧୦: ବରିଷ୍ଠ ଅଭିନେତା ଏବଂ ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାରର ଉପଦେଷ୍ଟା ନିଯୁକ୍ତ ହୋଇଛନ୍ତି। ମିଥୁନଙ୍କୁ ରାଜ୍ୟ ପ୍ରଶାସନର ସାଂସ୍କୃତିକ ବ୍ୟାପାର ବିଭାଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମିଳିବ। ତାଙ୍କୁ ସୂଚନା ଏବଂ ସାଂସ୍କୃତିକ ବ୍ୟାପାର ବିଭାଗରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ର୍ୟାଙ୍କ୍ ମିଳିବ ଯାହା କି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧୀନରେ ରହୁଛି। ବିଜେପି ସରକାର ପଶ୍ଚିମବଙ୍ଗର ସାଂସ୍କୃତିକ ଏବଂ ଫିଲ୍ମ ସେକ୍ଟରକୁ ଅଧିକ ସୁଦୃଢ଼ କରିବା ଉପରେ ଫୋକସ୍ କରୁଥିବାବେଳେ ଏହି ସମୟରେ ମିଥୁନଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ନିଯୁକ୍ତ କରାଯାଇଛି। କିମ୍ବଦନ୍ତୀ ବଙ୍ଗଳା ଅଭିନେତା ଉତ୍ତମ କୁମାରଙ୍କ ଶତବାର୍ଷିକୀ ଉତ୍ସବ ସହ ଜଡ଼ିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘୋଷଣା କରିଛନ୍ତି।

## ଦିଲ୍ଲୀରେ ଭୁଶୁଡ଼ିଲା ୫ ମହଲା ବିଲ୍ଡିଂ: ୨ମୃତ



ନୂଆଦିଲ୍ଲୀ,୭।୧୦: ଉତ୍ତର-ପୂର୍ବ ଦିଲ୍ଲୀର ସୀମାପୁରୀରେ ଏକ ୫ ମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିଛି । ତେବେ ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଏବେ ମଧ୍ୟ ଦବି ରହିଥିବା ଆଶଙ୍କା କରାଯାଉଛି । ମଙ୍ଗଳବାର ରାତିରେ ଉତ୍ତରାଖଣ୍ଡରେ ଭୂକମ୍ପ ପରେ ଦିଲ୍ଲୀ ଏନ୍‌ସିଆର୍‌ରେ କମ୍ପନ ଅନୁଭୂତ ହେବା ପରେ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଥିଲା । ଖବର ଅନୁସାରେ, ଅପରାହ୍ନ ପ୍ରାୟ ୩:୩୦ ସମୟରେ ଏହି ଅଘଟଣ ଘଟିଥିବା ବେଳେ ଘଟଣା ସମ୍ପର୍କରେ ଖବର ପାଇ ଦିଲ୍ଲୀ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ଦିଲ୍ଲୀ ପୋଲିସ, ନଗର ନିଗମ ଅଧିକାରୀ ଏବଂ ସିଭିଲ ଡିଫେନ୍ସ କର୍ମଚାରୀମାନେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଯୋଗଦେଇଥିଲେ। ବିଲ୍ଡିଂ ଭୁଶୁଡ଼ିବା ଫଳରେ ୨ରୁ ୩ଟି ପଡ଼ୋଶୀ ଘରର କିଛି ଅଂଶ ମଧ୍ୟ ପୋତି ହୋଇଯାଇଛି ।

# ୟୁକ୍ରେନ ଉପରେ ରୁଷର କ୍ଷେପଣାସ୍ତ୍ର-ଡ୍ରୋନ୍ ମାଡ଼; ୧୧ ମୃତ



ନୂଆଦିଲ୍ଲୀ,୭।୧୦: ୟୁକ୍ରେନ ଉପରେ ରୁଷ ପୁଣି ଥରେ ବଡ଼ ଧରଣର ଆକ୍ରମଣ କରିଛି । ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, କିଭ୍ ସମେତ ୟୁକ୍ରେନର ଅନେକ ଅଞ୍ଚଳରେ ସାମରିକ ଶିଳ୍ପ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ରଣନୈତିକ ଲକ୍ଷ୍ୟ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌ରେ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ସ୍ଥଳ, ସମୁଦ୍ର ଓ ଆକାଶପଥରୁ ନିକ୍ଷେପ କରାଯାଉଥିବା ଅସ୍ତ୍ର ବ୍ୟବହାର ହୋଇଥିବା ରୁଷ ପକ୍ଷରୁ କୁହାଯାଇଛି। ରୁଷର ଦାବି ଅନୁସାରେ, କିଭ୍‌ରେ ସେହି ସ୍ଥାନଗୁଡ଼ିକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ଫ୍ଲେମିଙ୍ଗୋ କ୍ରୁଜ୍ ମିସାଇଲ୍ ସହ ମଧ୍ୟମ ଓ ଦୂରଗାମୀ ଡ୍ରୋନ୍‌ର ନିର୍ମାଣ ଏବଂ ସଂରକ୍ଷଣ କରାଯାଉଥିବା କୁହାଯାଇଛି । କିଭ୍ ବ୍ୟତୀତ ଚେର୍ନିହିଭ୍, କିରୋଭୋହ୍ରାଦ୍, ଡ୍ନିପ୍ରୋପେଟ୍ରୋଭସ୍କ, ପୋଲ୍ଟାଭା ଓ ଖାରକିଭ୍ ଅଞ୍ଚଳରେ ମଧ୍ୟ ସାମରିକ-ଶିଳ୍ପ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରାଯାଇଥିବା ରିପୋର୍ଟ ରହିଛି। ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି କହିଛନ୍ତି ଯେ, ରୁଷ ପ୍ରାୟ ୭୦ଟି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବ୍ୟବହାର କରି ୟୁକ୍ରେନର ଶକ୍ତି ଭିତ୍ତିଭୂମିକୁ ମୁଖ୍ୟତଃ ଟାର୍ଗେଟ କରିଛି। ଏହି ଭୟଙ୍କର ଆକ୍ରମଣରେ ୧୧ ଜଣଙ୍କ ଜୀବନ ଯାଇଥିବା ସେ କହିଛନ୍ତି । ଜେଲେନସ୍କି ରୁଷକୁ କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ରୁଷର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ୟୁକ୍ରେନ ପାଇଁ ଏବେ ବି ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଏହାକୁ ମୁକାବିଲା କରିବା ପାଇଁ ୟୁକ୍ରେନକୁ ତୁରନ୍ତ ଅତିରିକ୍ତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇବାକୁ ସେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି ।

## ଗୋରୁ ବୋଝେଇ ଟ୍ରଲର ଜବତ: ଦୁଇ ଅଟକ



ଜଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଗୁଡିଖାଳ ନିକଟରୁ ୫୦ରୁ ଉର୍ଦ୍ଧ ଗୋରୁ ଭର୍ତ୍ତି ଟ୍ରଲର ଜବତ ହୋଇଥିବା ବେଳେ ଦୁଇ ଡ୍ରାଇଭରଙ୍କୁ ଅଟକ ରଖିଛି ବସ୍ତା ପୋଲିସ। ଅନୁଗୁଳରୁ କଲିକତା ଯାଉଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବୁଧବାର ସକାଳ ଦଶଟା ସମୟରେ ଗୋରୁ ବୋଝେଇ ଏକ ଟ୍ରଲର ଗାଡି (ଏଚଆର୫୮ଇ-୦୯୮୬) ଦ୍ରୁତ ଗତିରେ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବର ପାଇ ପୋଲିସ ଉକ୍ତ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲା। ତେବେ ଡ୍ରାଇଭର ପୋଲିସ ଗାଡିକୁ ଚକମା ଦେଇ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ଗାଡିଟିକୁ ଧରିବାରେ ପୋଲିସ ସଫଳ ହୋଇଥିଲା । ପୋଲିସ ଗାଡିକୁ ଜବତ କରିବା ସହିତ ସେଥିରେ ଥିବା ୫୦ରୁ ଉର୍ଦ୍ଧ ଗୋରୁଙ୍କୁ ଗୋଶାଳାକୁ ପଠାଇବା ସହିତ ଦୁଇ ଜଣ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି।

### ବନ୍ଧୁକ ମୁନରେ ଯୁବତୀଙ୍କୁ ଦୁଷ୍କର୍ମ ମାମଲା

## ଝାରପଡ଼ା ଜେଲରେ ଅଭିଯୁକ୍ତର ଟିଆଇ ପରେଡ୍

ଭୁବନେଶ୍ୱର(ନି.ପ୍ର): ନୟାପଲ୍ଲୀ ଥାନା ବେହେରାସାହିରେ ବନ୍ଧୁକ ମୁନରେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ କମିଶନରେଟ୍ ପୋଲିସ ଅଧିକ ତଦନ୍ତ ଚଳାଇଛି । ଏହି ଘଟଣାରେ ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ ଶ୍ରୀଧର ପଣ୍ଡା ଓରଫ ସନ୍ତୋଷର ଆଜି (ବୁଧବାର) ଟିଆଇ ପରେଡ୍ ହେଇଛି । ପୀଡିତା ଜେଲରେ ଉପସ୍ଥିତ ହୋଇ ଅଭିଯୁକ୍ତ ଶ୍ରୀଧରକୁ ଚିହ୍ନଟ କରିଥିଲେ। ଏନେଇ ଝାରପଡ଼ା ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଡିସିପି ସର୍ବଣା ବିବେକ୍ ଏମ୍. ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି, 'ଏହି ମାମଲାରେ ଜୋନ୍ ଏସିପି ତଦନ୍ତ କରୁଛନ୍ତି। ଘଟଣାରେ ସବୁ ଆଇନଗତ ପ୍ରକ୍ରିୟା ଶେଷ କରିବୁ। ୧୫ରୁ ୨୦ ଦିନ ଭିତରେ ଏହି ମାମଲାରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବୁ। ଶୀଘ୍ର ଶୁଣାଣି ପାଇଁ କୋର୍ଟକୁ ଅନୁରୋଧ କରିବୁ,' ବୋଲି ଡିସିପି କହିଛନ୍ତି । ଶ୍ରୀଧର ଦୁଷ୍କର୍ମ କରିବା ସମୟରେ ବ୍ୟବହାର କରିଥିବା ଖେଳନା ବନ୍ଧୁକ, ଗୋଟିଏ ଆକାଶୀ ନୀଳ ରଙ୍ଗର ହାଫ୍ ଟି-ଶାର୍ଟ, ଗୋଟିଏ ନାଲି ରଙ୍ଗର ତଉଲିଆ, ୬ଟି ମୋବାଇଲ୍ ପୋଲିସ ଜବତ କରିଛି । ଲୁଟ୍ ଆଳରେ ଦୁଷ୍କର୍ମ କରି ଫେରାର ଥିବା ସନ୍ତୋଷ ଓରଫ ଶ୍ରୀଧର ପଣ୍ଡାକୁ ଶନିବାର ପୋଲିସ ଏନକାଉଣ୍ଟର କରିଥିଲା । ଅଭିଯୁକ୍ତକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ଚିକିତ୍ସା କରାଯାଇଥିଲା । ରବିବାର କ୍ୟାପିଟାଲ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ସନ୍ତୋଷକୁ ନୟାପଲ୍ଲୀ ଥାନା ପକ୍ଷରୁ କୋର୍ଟରେ ହାଜର କରାଯାଇଥିଲା । ପରେ ତାକୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

## ଦମ୍ପତିଙ୍କ ୨୮ ଲକ୍ଷ ଟଙ୍କା ଠକେଇ, ପ୍ରତାରକ ଗିରଫ

ଭୁବନେଶ୍ୱର(ନି.ପ୍ର): ବ୍ୟାଙ୍କରୁ ବନ୍ଧକ ଥିବା ଘର ନିଲାମ ପ୍ରକ୍ରିୟାକୁ ଅଟକାଇଦେବା ନାଁରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଏକ ଦମ୍ପତିଙ୍କ ଠାରୁ ପ୍ରାୟ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ପ୍ରତାରକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରତ୍ୟୁଷ ସୂର୍ଯ୍ୟକାନ୍ତ ବେଉରା। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ସୁସ୍ମିତା ପଟ୍ଟନାୟକଙ୍କ ପୋଖରୀପୁଟ ସ୍ଥିତ ଏକ ଘର ବ୍ୟାଙ୍କ ଅଫ୍ ବରୋଦାରେ ବନ୍ଧକ ପଡ଼ିଥିଲା ଏବଂ ତାହା ନିଲାମ ହେବାର ଆଶଙ୍କା ଥିଲା। ଏହି ସମୟରେ ଅଭିଯୁକ୍ତ ପ୍ରତ୍ୟୁଷ ନିଜକୁ ଜଣେ ବ୍ୟାଙ୍କିଙ୍ଗ୍ ବିଶେଷଜ୍ଞ ଭାବେ ପରିଚୟ ଦେଇ ଘର ନିଲାମ ଅଟକାଇବା ଏବଂ କିସ୍ତିରେ ଋଣ ଶୁଝିବାର ବ୍ୟବସ୍ଥା କରିଦେବାକୁ ବିଶ୍ୱାସ ଦେଇଥିଲା। ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ତା' କଥା ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ଆରଟିଜିଏସ୍ ମାଧ୍ୟମରେ ୧୦ଲକ୍ଷ, ଫୋନ୍ ପେ ମାଧ୍ୟମରେ ୯,୫୬,୭୫୦/- ଟଙ୍କା ଏବଂ ନଗଦ ୮,୫୫,୦୦୦/- ଟଙ୍କା (ମୋଟ ୨୮,୧୧,୭୫୦/- ଟଙ୍କା) ସହ ଏକ ବ୍ଲାଙ୍କ୍ ଚେକ୍ ମଧ୍ୟ ପ୍ରଦାନ କରିଥିଲେ। ମାତ୍ର ଅଭିଯୁକ୍ତ ନିଲାମ ପ୍ରକ୍ରିୟା ଅଟକାଇ ନଥିଲା ଏବଂ ୨୦୨୩ ମସିହାରେ ବ୍ୟାଙ୍କ ଦ୍ୱାରା ଘରଟି ନିଲାମ ହୋଇଯାଇଥିଲା। ଏହାପରେ ଟଙ୍କା ଫେରାଇବାକୁ ଦାବି କରିବାରୁ ଅଭିଯୁକ୍ତ ସେମାନଙ୍କୁ ଆଳ ଦେଖାଇ ଠକି ଚାଲିଥିଲା ଏବଂ ଶେଷରେ ଫୋନ୍ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲା। ଅଭିଯୋଗକାରିଣୀଙ୍କ ଏତଲା କ୍ରମେ ଭରତପୁର ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ଗତକାଲି ତା ୦୬.୧୦.୨୦୨୬ ରାତି ପ୍ରାୟ ୮ ଟାରେ ସ୍ଥାନୀୟ ଢେଙ୍କାନାଳ ଟାଉନ୍ ପୋଲିସ ସହାୟତାରେ କୁଞ୍ଜକାନ୍ତ ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତକୁ କାବୁ କରିଥିଲା। ପଚରାଉଚରାରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲା। ତଦନ୍ତ ଶେଷରେ ତାଙ୍କୁ ଆଜି ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଚୌଦ୍ୱାର ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ



କଟକ(ନିପ୍ର): ଚୌଦ୍ୱାର ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ବୁଧବାର ହାଇକୋର୍ଟରେ ଜାମିନ ଆବେଦନ ଦାୟର କରିଛନ୍ତି। ପୂର୍ବରୁ ସେପ୍ଟେମ୍ବର ୩୦ରେ କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଦୁଇ ବିହାରୀ କଏଦୀ ଜେଲ୍‌ରୁ ଫେରାର ହେବା ଘଟଣା ପରେ ସୁଜିତଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଜେଲ୍‌ର ପୂର୍ବତନ ଜେଲର ଏତଲା ଦେଇଥିଲେ। ସରକାରୀ ରେକର୍ଡରେ ହେରଫେର କରିବା ଏବଂ ସରକାରୀ ଡ୍ୟୁଟିରେ ଥାଇ ଅପରାଧିକ ବ୍ୟବହାର କରିବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ରହିଛି। ଏଥିସହ ୨୦୨୫ ଅକ୍ଟୋବର ୨ରେ 'ସୁପରିନଟେଣ୍ଡେଣ୍ଟ ମିନିଟ୍ ବୁକ୍'ରେ ଜେଲରଙ୍କ ଦସ୍ତଖତ ଜାଲିଆତି କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ତଦନ୍ତ ଚାଲିଥିବା ବେଳେ ଜାମିନ ପାଇଁ ସୁଜିତ ହାଇକୋର୍ଟରେ ଆବେଦନ କରିଛନ୍ତି।

## ଧାମନଗର ବଜାରରେ ଡ୍ରଗ୍ସ ବିଭାଗର ଚଢ଼ାଉ



ଧାମନଗର(ନିପ୍ର): ଧାମନଗର ଅଞ୍ଚଳରେ ଥିବା ମେଡିସିନ ଦୋକାନ ଗୁଡ଼ିକ ଉପରେ ବୁଧବାର ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ାଉ ଓ ଯାଞ୍ଚ କରାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ଜେନାଙ୍କ ନେତୃତ୍ୱରେ ସହଯୋଗୀ ବୀରେନ୍ଦ୍ର ରାଉତଙ୍କ ସହ ବିଭାଗୀୟ ଅଧିକାରୀମାନେ ଧାମନଗର ବଜାରରେ ଥିବା ବିଭିନ୍ନ ଔଷଧ ଦୋକାନ ଯାଞ୍ଚ କରିଥିଲେ। ପ୍ରକାଶ ଥାଉକି ଧାମନଗର ବଜାରରେ ପ୍ରାୟ ୩୨ଟି ମେଡିସିନ ଦୋକାନ ରହିଛି। ତେବେ ଚଢ଼ାଉ ସମୟରେ ମାତ୍ର ୩ଟି ଦୋକାନ ଖୋଲା ଥିବା ଦେଖାଯାଇଥିଲା। ଏହି ୩ ଟି ଦୋକାନରେ ଯାଞ୍ଚ କରାଯିବା ସହ ବିଭିନ୍ନ ଔଷଧର ସାମ୍ପୁଲ ସଂଗ୍ରହ କରାଯାଇଛି। ସାମ୍ପୁଲ ଗୁଡ଼ିକର ପରୀକ୍ଷା ରିପୋର୍ଟ ଆସିବା ପରେ ଔଷଧର ମାନ ଓ ଗୁଣବତ୍ତା ସମ୍ପର୍କରେ ସ୍ୱଷ୍ଟ ଚିତ୍ର ମିଳିବ। ତେବେ ଡ୍ରଗ୍ସ ବିଭାଗର ଚଢ଼ାଉ ସମୟରେ ବଜାରର ଅଧିକାଂଶ ମେଡିସିନ ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଯାଞ୍ଚ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ଦୋକାନଗୁଡ଼ିକ ବନ୍ଦ କରି ଫେରାଇ ହୋଇଯାଇଥିଲେ। ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ଜେନାଙ୍କ ସୂଚନା ଅନୁଯାୟୀ, ନିଷିଦ୍ଧ କିମ୍ବା ବିକ୍ରି ଉପରେ ପ୍ରତିବନ୍ଧ ଥିବା ଔଷଧ, ନିମ୍ନମାନର ଔଷଧ, ନକଲି ଔଷଧ କିମ୍ବା ମିଆଦ ଶେଷ ହୋଇଥିବା ଔଷଧ ବିକ୍ରି ଭଳି ଔଷଧ ରଖିଥିବେ। ଏଣୁ ଚଢ଼ାଉରେ ଧରାପଡ଼ିବା ଭୟରେ କେତେକ ଦୋକାନ ବନ୍ଦ ରଖିଥିବା ସନ୍ଦେହ ରହିଛି। ଏଥିପାଇଁ ବିଭାଗ ପକ୍ଷରୁ ସମୟ ସମୟରେ ଔଷଧ ଦୋକାନଗୁଡ଼ିକରେ ଯାଞ୍ଚ କରାଯାଉଛି।

### ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲା

## ଶେଷ ଅଭିଯୁକ୍ତ ବୁଦ୍ଧଦେବକୁ ମିଳିଲା ଜାମିନ

ଭୁବନେଶ୍ୱର: ଓଡ଼ିଶା ଇତିହାସର ଚର୍ଚ୍ଚିତ ଗ୍ରାହାମ୍ ଷ୍ଟେନ୍ସ ହତ୍ୟାକାଣ୍ଡ ମାମଲା ଓ ଅଭିଯୁକ୍ତ ବୁଦ୍ଧଦେବ ନାୟକ ଓରଫ ବୁଦ୍ଧିଆକୁ ମିଳିଲା ଜାମିନ । ଏ ଥିଲା ହତ୍ୟାକାଣ୍ଡ ମାମଲାର ଶେଷ ଅଭିଯୁକ୍ତ । ସିବିଆଇ ବୁଦ୍ଧିଆକୁ ପଳାତକ ଘୋଷଣା କରିଥିଲା ଓ ପରେ ଅଭିଯୁକ୍ତ ୨୦୧୯ ମସିହାରେ ଗିରଫ ହୋଇଥିଲା । ଗିରଫର ୭ ବର୍ଷ ପରେ ମିଳିଲା ଜାମିନ। ଭୁବନେଶ୍ୱର ଏଡିଜେ ୪ କୋର୍ଟରୁ ମିଳିଲା ଜାମିନ। ସୂଚନାଯୋଗ୍ୟ ଯେ, ୧୯୯୯ ମସିହା ଜାନୁଆରୀ ୨୨ ତାରିଖରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମରେ ଘଟିଥିଲା ଗ୍ରାହାମ୍ ଷ୍ଟେନ୍ସ ହତ୍ୟାକାଣ୍ଡ। ଚର୍ଚ୍ଚ ସମ୍ମୁଖରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଗାଡ଼ି ଭିତରେ ଜୀବନ୍ତପୋଡ଼ି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ସେତେବେଳେ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା।

## ବ୍ୟବସାୟ ବଢାଇବାକୁ କହି ଠକେଇ, ଠକ ଗିରଫ

ଭୁବନେଶ୍ୱର(ନି.ପ୍ର): ସ୍କୁଲ ସାଙ୍ଗକୁ ଔଷଧ ଦୋକାନ ବ୍ୟବସାୟ ବଢ଼ାଇବା ବାହାନାରେ ପ୍ରାୟ ୩୧ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଥିବା ଜଣେ ଠକକୁ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ଗଞ୍ଜାମରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କେ. ଚନ୍ଦନ କୁମାର ପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ସୁବ୍ରତ କୁମାର ସାହୁ ଏବଂ ଅଭିଯୁକ୍ତ କେ. ଚନ୍ଦନ କୁମାର ପାତ୍ର ଉଭୟ ପିଲାଦିନର ସ୍କୁଲ ସାଙ୍ଗ। ଗତ ୨୦୨୫ ମସିହାରେ ଅଭିଯୁକ୍ତ ଚନ୍ଦନ ରବି ଟକିଜ୍ ଛକ ସ୍ଥିତ ନିଜର 'ସାଇ ଡ୍ରଗ୍ ହାଉସ୍' ର ଉନ୍ନତି ପାଇଁ ସୁବ୍ରତଙ୍କ ଠାରୁ ଆର୍ଥିକ ସାହାଯ୍ୟ ମାଗିଥିଲା ଏବଂ କିଛି ମାସ ପରେ ସବୁ ଟଙ୍କା ଫେରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସାଙ୍ଗକୁ ବିଶ୍ୱାସ କରି ସୁବ୍ରତ ଗତ ୦୪.୦୬.୨୦୨୫ ରୁ ୩୧.୧୦.୨୦୨୫ ମଧ୍ୟରେ ଅଭିଯୁକ୍ତ ଏବଂ ତାଙ୍କ' ପତ୍ନୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରାୟ ୩୦,୯୦,୦୦୦/- ଟଙ୍କା ପଠାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଟଙ୍କା ନଫେରାଇ ବିଭିନ୍ନ ଆଳ ଦେଖାଇ ଠକି ଚାଲିଥିଲା। ଗତ ୧୯.୦୬.୨୦୨୬ ତାରିଖରେ ସେ କାହାକୁ କିଛି ନଜଣାଇ ନିଜ ପରିବାର ସହ ଘର ଛାଡ଼ି ଫେରାର ହୋଇଯାଇଥିଲା ଏବଂ ମୋବାଇଲ୍ ସୁଇଚ୍ ଅଫ୍ କରିଦେଇଥିଲା। ଏନେଇ ଅଭିଯୋଗକାରୀ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ପୋଲିସ ବ୍ୟାଙ୍କ୍ ତଥ୍ୟ ଯାଞ୍ଚ କରିବା ସହ ଟ୍ରାକିଂ ମାଧ୍ୟମରେ ଖବର ପାଇ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ସତ୍ୟ ସାଇ ନଗର ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ଚନ୍ଦନକୁ କାବୁ କରିବାରେ ସଫଳ ହୋଇଛି।

## ମନ୍ଦିର ହୁଣ୍ଡି ଚୋରି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମଏଫସି-୫ ଅଦାଲତ ଆଜି ଧଉଳି ଥାନା ଅଞ୍ଚଳରେ ଘଟିଥିବା ଏକ ମନ୍ଦିର ହୁଣ୍ଡି ଚୋରି ମାମଲାର ବିଚାର କରି ପେସାଦାର ଅପରାଧୀ ସୁଧାଂଶୁ ନାୟକ ଓରଫ ଗଦାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ତାଙ୍କୁ ୬ ମାସର କାରାଦଣ୍ଡ ସଜା ଶୁଣାଇଛନ୍ତି। ଘଟଣାର ବିବରଣୀ, ଅଭିଯୋଗକାରୀ ବିକ୍ରମ କେଶରୀ ପ୍ରଧାନଙ୍କ ଲିଖିତ ଏତଲା ଆଧାରରେ ଧଉଳି ଥାନାରେ ଏହି ମାମଲା ରୁଜୁ କରାଯାଇଥିଲା। ଗତ ୦୩.୦୮.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୫ଟା ସମୟରେ ଶିଶୁପାଳଗଡ଼ସ୍ଥିତ ମା' ଯଦୁମଲ୍ଲୀ ମନ୍ଦିରର ହୁଣ୍ଡିରୁ ଟଙ୍କା ଚୋରି କରି ଉକ୍ତ ଯୁବକ ଖସି ପଳାଇବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ କାବୁ କରିନେଇଥିଲେ ଏବଂ ତାଙ୍କ ନିକଟରୁ ଏକ ଲୁହା ରଡ଼ ଉଦ୍ଧାର କରି ଧଉଳି ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଅଭିଯୁକ୍ତ ସୁଧାଂଶୁକୁ ପଚରାଉଚରା କରିବା ବେଳେ ସେ ନିଜର ଦୋଷ ସ୍ୱୀକାର କରିଥିଲା। ତା' ନିକଟରୁ ଚୋରି ହୋଇଥିବା ୧,୭୮୦ ନଗଦ ଟଙ୍କା ଏବଂ ଚୋରିରେ ବ୍ୟବହୃତ ଲୁହା ରଡ଼ ଜବତ କରାଯାଇଥିଲା।

### ରାଜ୍ୟରେ ବନ୍ଦ ପାଳନକୁ ନେଇ ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା

## ଶାନ୍ତି-ଶୃଙ୍ଖଳା ରକ୍ଷା ସହ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ




କଟକ(ନିପ୍ର): ଗୁରୁବାର ରାଜନୈତିକ ଦଳ ପକ୍ଷରୁ ଓଡିଶା ବନ୍ଦକୁ ନଜରରେ ରଖି ରାଜ୍ୟରେ ଶାନ୍ତି-ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ଭାବ୍ୟ ବନ୍ଦ ପରିସ୍ଥିତିରେ ଆଇନ-ଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥା ଓ ସରକାରୀ ତଥା ଜନସାଧାରଣଙ୍କ ସମ୍ପତ୍ତିର ସୁରକ୍ଷା ଉପରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମସ୍ତ ଥାନା ଅଞ୍ଚଳରୁ ସୂଚନା ସଂଗ୍ରହ କରି ସ୍ଥାନୀୟ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ସମସ୍ତ ଜିଲ୍ଲା ଏସ୍‌ପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ ସହ ପାଟ୍ରୋଲିଂ ଓ ନାକା ଚେକିଂ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ପ୍ରମୁଖ ସ୍ଥାନ ଚିହ୍ନଟ କରି ସେଠାରେ ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ଏବଂ ଗୁଇନ୍ଦା ସୂଚନାକୁ ସୁଦୃଢ଼ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ବନ୍ଦ ସମୟରେ କୌଣସି ପ୍ରକାର ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଯେପରି ନହୁଏ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ଜିଲ୍ଲା ଏସ୍‌ପି ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଇନ ହାତକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଓ ଦୃଢ଼ ଆଇନଗତ ପଦକ୍ଷେପ ନେବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୋଲିସ ଅଧିକାରୀମାନେ ସମ୍ବେଦନଶୀଳ ଅଞ୍ଚଳରେ ନିରନ୍ତର ନଜର ରଖିବା ସହ ଜନସାଧାରଣଙ୍କ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଥିଲା। ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ବଜାୟ ରଖିବା ପାଇଁ ସମସ୍ତ ସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଡିଆଇଜିପି ଯୁଗଳ କିଶୋର କୁମାର ବନୋଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ମଡ଼କର ସନ୍ଦୀପ ସମ୍ପଦ, ଏସପି (କ୍ରାଇମବ୍ରାଞ୍ଚ) ବିବେକାନନ୍ଦ ଶର୍ମା, ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ସମସ୍ତ ରେଞ୍ଜର ଆଇଜି/ଡିଆଇଜି, ସମସ୍ତ ଜିଲ୍ଲାର ଏସ୍‌ପି, ଡିସିପି ଭୁବନେଶ୍ୱର, ଡିସିପି କଟକ ଏବଂ ଏସ୍‌ଆରପି କଟକ ଓ ରାଉରକେଲା ପ୍ରମୁଖ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ।

## ବୋଲଗଡ଼ରେ ଓଲଟିଲା ସାର ବୋଝେଇ ଟ୍ରକ୍



ବୋଲଗଡ଼(ନିପ୍ର): ଚାଷ ଓ ଚାଷୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ଏଣ୍ଡିଆନ ଫାର୍ମରସ୍ସ ଫର୍ଟିଲାଇଜର୍ସ ବିଭାଗ ସଦାସର୍ବଦା ବ୍ୟସ୍ତତା ରହିଥାନ୍ତି। ଅଳ୍ପ ଜମିରୁ ଅଧିକ ଫସଲ ଆମଦାନୀ ପାଇଁ ଚାଷୀ ତାର ନିଜସ୍ୱ ଜମିରେ ବିଭିନ୍ନ କିସମର ଜୈବିକ ସାର ବ୍ୟବହାର କରୁଅଛି। ଚାଷୀ ମାନଙ୍କ ନିମନ୍ତେ ଏକ ସାର ବୋଝେଇ ଟ୍ରକ୍ ଜଟଣୀ ମାଲ ଗୋଦାମରୁ ଇଫକୋ କମ୍ପାନୀର ୫୦୦ ଟନ ସାର ବୋଝେଇ କରି ନୟାଗଡ଼ ଅଭିମୁଖେ ଯାଉଥିଲା। ଗାଡ଼ିର ଡ୍ରାଇଭର ଭାରସାମ୍ୟ ହରାଇ ବୋଲଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ୫୭ ନମ୍ବର ଖୋର୍ଦ୍ଧା -ବଲାଙ୍ଗୀର ଜାତୀୟ ରାଜପଥର ବାମ ପାର୍ଶ୍ୱରେ ସାର ବୋଝେଇ ଟ୍ରକଟି ଓଲଟି ପଡ଼ିଛି। ଫଳରେ ଟ୍ରକରେ ଥିବା ୫୦୦ଟନର ପଟାସ ସାର ଚାଷ ଜମି ଭିତରେ ଗଳି ପଡିଥିଲା। ସଙ୍ଗେ ସଙ୍ଗେ ସାର ନେଉଥିବା ବ୍ୟବସାୟୀ ଜଣଙ୍କ ସ୍ଥାନୀୟ ଦିନମଜୁରିଆ ଲୋକମାନଙ୍କ ସହାୟତାରେ ଚାଷ ଜମି ମଧ୍ୟରୁ ପଟାସ ସାର ବସ୍ତାଗୁଡିକ ସଂଗ୍ରହ କରି ଜାତୀୟ ରାଜପଥ ଉପରେ ଗଦା କରିଥିଲେ। ପରେ ଅନ୍ୟ ଏକ ଟ୍ରକ ସାହାଯ୍ୟରେ ସାର ବସ୍ତାଗୁଡିକୁ ନୟାଗଡ଼ ପଠାଯାଇଥଲା।

## ମୃତଦେହ ଛୁଇଁବା ପାଇଁ ବାରଣ କଲା ସମାଜ

### ଗୋଣ୍ଡ ସମାଜ ଗୋଷ୍ଠୀ ବିବାଦର କରୁଣ ପରିଣତି: ଥାନାରେ ହେଲା ସମାଧାନ

କୁଚିଣ୍ଡା(ନିପ୍ର): ମା'ଙ୍କ ମୃତ୍ୟୁ ପରେ ତାଙ୍କ ଶେଷ ଦର୍ଶନ ଓ ମୃତଦେହ ଛୁଇଁ ଶେଷ ସମ୍ମାନ ଜଣାଇବାକୁ ଯାଇଥିବା ଝିଅଙ୍କୁ ବାରଣ କରାଯାଇଥିବା ଭଳି କୁସଂସ୍କାର ପ୍ରଥା ଏବେବି ଗ୍ରାମାଞ୍ଚଳରେ ଉଜ୍ଜୀବିତ ରହିଛି। ଗୋଣ୍ଡ ସମାଜର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦରୁ ଝିଅଙ୍କ ଉପରେ ସାମାଜିକ ବାସନ୍ଦ ଭଳି କାର୍ଯ୍ୟାନୁଷ୍ଠାନରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ମହୁଲପାଲି ଥାନା ଜରାବଗା ପଞ୍ଚାୟତ ଡଙ୍ଗାଖୁଣ୍ଟି ଗ୍ରାମର ୩୦ ତାରିଖର ଏହି ଘଟଣା ଲୋକଲୋଚନକୁ ଆସିଛି। ଡଙ୍ଗାଖୁଣ୍ଟି ଗ୍ରାମର ମନ୍ଦାକିନୀ କେଶାଇବାହାଲ ଗ୍ରାମରେ ବିବାହ କରିଛନ୍ତି। ମା'ଙ୍କ ମୃତ୍ୟୁ ଖବର ପାଇ ମନ୍ଦାକିନୀ ସ୍ୱାମୀ ଶେଷଦେବ ନାଏକଙ୍କ ସହ ଡଙ୍ଗାଖୁଣ୍ଟି ଗ୍ରାମକୁ ପହଞ୍ଚିଥିଲେ। ତେବେ ସେଠାରେ ଗୋଣ୍ଡ ସମାଜର କିଛି ବ୍ୟକ୍ତି ମନ୍ଦାକିନୀଙ୍କୁ ମା'ଙ୍କ ମୃତଦେହ ଛୁଇଁବାକୁ ବାରଣ କରିଥିଲେ। ଫଳରେ ମନ୍ଦାକିନୀ ଜନ୍ମଦାତ୍ରୀ ମା'ଙ୍କ ଶେଷ ଦର୍ଶନ ସହ ମୃତଦେହ ମଧ୍ୟ ଛୁଇଁପାରି ନଥିଲେ। ଏହାକୁ ନେଇ ମନ୍ଦାକିନୀ ଓ ତାଙ୍କ ସ୍ୱାମୀ ଶେଷଦେବ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ଜାତି ସମାଜ କଟକଣା ଯୋଗୁଁ ମନ୍ଦାକିନୀଙ୍କୁ ପ୍ରଥାନୁଯାୟୀ ତିନିଦିନିଆ ତେଲ କର୍ମକୁ ମଧ୍ୟ ଡକାଯାଇନଥିଲା। ଘଟଣାକୁ ନେଇ ମଙ୍ଗଳବାର ମହୁଲପାଲି ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ହୋଇଛଥିବା ସୂଚନା ମିଳିଛି। ଥାନାରେ ଡଙ୍ଗାଖୁଣ୍ଟି ଗୋଣ୍ଡ ସମାଜ ପକ୍ଷରୁ ଲିଖିତ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ମୁତାବକ ଏଣିକି ମନ୍ଦାକିନୀ ଓ ତାଙ୍କ ସ୍ୱାମୀ ଶେଷଦେବଙ୍କୁ ତାଙ୍କ ବାପା, କାକା ଓ ଅନ୍ୟ ସମ୍ପର୍କୀୟଙ୍କ ଘରକୁ ଯିବାଆସିବା କରିବାରେ କୌଣସି ପ୍ରକାର ବାରଣ କିମ୍ବା ବାଧା ଦିଆଯିବ ନାହିଁ। ଚୁକ୍ତିର ଅବମାନନା କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ପଡ଼ିବ ବୋଲି ଏଥିରେ ଉଲ୍ଲେଖ ରହିଛି।

## ଡିଗି ପାର୍କ ସାଜିଛି ଅପରାଧର ଆଡ୍ଡା !

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ କୋର୍ଟ ଚାଲାଣ



ଧାମନଗର(ନିପ୍ର): ଧାମନଗର ଥାନା ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀ ସ୍ଥିତ ଡିଗି ପାର୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଧାମନଗର ଥାନାରେ କେସ ନଂ. ୪୪୦/୨୬ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଥାଉକି ଭଦ୍ରକ କୁଆଁସ ଅଞ୍ଚଳର ଜଣେ ନାବାଳିକାଙ୍କୁ ପୁରୁଣା ବଜାର ଅଞ୍ଚଳର ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ଧାମନଗର ଆଣିଥିଲେ। ପରେ ଡିଗି ପାର୍କ ବୁଲାଇବା ବାହାନାରେ ତାଙ୍କୁ ପାର୍କର ଏକ ନିକାଞ୍ଚ ଓ ଅନ୍ଧାରିଆ ବୁଦା ନିକଟକୁ ନେଇ ବଳାତ୍କାର ଉଦ୍ୟମ କରାଯାଇଥିବା ଏତଲାରେ ଦର୍ଶାଯାଇଛି। ନାବାଳିକାଙ୍କ ଚିତ୍କାର ଶୁଣି ପାର୍କ କର୍ମଚାରୀ ପହଞ୍ଚିବାରୁ ଯୁବକ ଜଣକ ସେଠାରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ବେଳେ କିଛି ଯୁବକ ତାଂକୁ ଅଟକ ରଖି ଧାମନଗର ପୋଲିସକୁ ଖବର ଦେଇଥିଲେ । ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଟିମ ପାର୍କରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଥିଲେ। ତେବେ ଡିଗି ପାର୍କରେ ଏଭଳି ଘଟଣାକୁ ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ଉଠିଥିବା ସ୍ଥାନୀୟ ମହଲର ଦାବି କରୁଥିଲେ। ତେବେ ଘଟଣା ତଦନ୍ତ ସହ ଥାନାରେ କେସ ନମ୍ବର ୪୪୦/୨୬ରେ ଏକ ମାମଲା ରୁଜୁ କରାଯିବା ସହ ଏହାର ତଦନ୍ତ ଦାୟିତ୍ୱ ଏସଆଇ ରଶ୍ମିତା ମଲିକ ନେଇ ଘଟଣା ତଦନ୍ତ କରୁଛନ୍ତି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୀଡ଼ିତାକୁ ଭଦ୍ରକସ୍ଥିତ ଆସିଆନାରେ ରଖାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ତେବେ ଘଟଣାର କିଛି ସାମ୍ପ୍ରଦାୟିକ ଘଟଣା ଜଡ଼ିତ ଥିବାରୁ ଘଟଣାକୁ ଅଧିକ ସୂଚନା ତଦନ୍ତକାରି ଅଧିକାରି ଦେଇନଥିଲେ। ତେବେ ଉକ୍ତ ପାର୍କରେ ଏପରି ଘଟଣା ଯଦି ଘଟେ ତେବେ ଯେଉଁମାନେ ସେଠାକୁ ବୁଲିବାକୁ ଆସିବେ ସେମାନେ କେତେ ସୁରକ୍ଷିତ ରହିବେ ତାହା ତଦନ୍ତ ସାପେକ୍ଷ। ସୂଚନା ଥାଉକି ଉକ୍ତ ପାର୍କରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଡିଗି ପାର୍କର ନିର୍ମାଣ ୨୦୧୮ରୁ ଆରମ୍ଭ ହୋଇ ୨୦୨୨ରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ବୋଟିଂ, ଲେକ୍‌ଭ୍ୟୁ ଓ ମନୋରମ ପରିବେଶ ପାଇଁ ଏହା ଅଞ୍ଚଳର ଏକ ପ୍ରମୁଖ ଆକର୍ଷଣ ପାଲଟିଥିଲା। ଏହାର ମଡେଲ ଅଧ୍ୟୟନ ପାଇଁ ମହାରାଷ୍ଟ୍ରରୁ ପ୍ରତିନିଧି ଦଳ ଆସିଥିଲେ। ହେଲେ ଏବେ ପାର୍କର ବିଭିନ୍ନ ସ୍ଥାନ ବୁଦା, ଅନାବନା ଘାସ ଓ ଅପରିଷ୍କାର ପରିବେଶରେ ଭରିଯାଇଥିବା ଅଭିଯୋଗ ହେଉଛି। ଫଳରେ ଅନ୍ଧାରିଆ ଓ ନିକାଞ୍ଚ ସ୍ଥାନଗୁଡ଼ିକ ଅପରାଧୀଙ୍କ ପାଇଁ ସୁବିଧାଜନକ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ୪ କୋଟି ଟଙ୍କାର ସରକାରୀ ସମ୍ପତ୍ତିର ସୁରକ୍ଷା ସହ ପର୍ଯ୍ୟଟକଙ୍କ ନିରାପତ୍ତା ପାଇଁ ତୁରନ୍ତ ବୁଦା ସଫା, ପର୍ଯ୍ୟାପ୍ତ ଆଲୋକୀକରଣ, ସିସିଟିଭି ସକ୍ରିୟକରଣ ଓ ପୋଲିସ ପେଟ୍ରୋଲିଂ ବୃଦ୍ଧି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କାଠଯୋଡ଼ି ନଦୀପଠାରେ ମହିଳାଙ୍କୁ ଛେଚିଛେଚି ହତ୍ୟା

କଟକ(ନିପ୍ର): କଟକ ସିଟି କଲେଜ୍ ସାମନା କାଠଯୋଡ଼ୀ ନଦୀପଠାରେ ଜଣେ ମହିଳାଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତମାନେ ମହିଳାଙ୍କ ମୁହଁ ଓ ମୁଣ୍ଡକୁ ଇଟାରେ ଛେଚିଛେଚି ହତ୍ୟା କରିଛନ୍ତି। ଏହା ସହିତ ମହିଳାଙ୍କ ମୁଣ୍ଡରେ ଥିବା ଚୁଟିକୁ ଧାରୁଆ ଅସ୍ତ୍ରରେ ରାମ୍ପି ଦେଇଛନ୍ତି। ମହିଳାଙ୍କ ପରିଚୟ ଓ ହତ୍ୟାକାଣ୍ଡର କାରଣ ସ୍ୱଷ୍ଟ ହେଉନଥିବା ବେଳେ ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ବୁଧବାର ରାତି ପ୍ରାୟ ୮ଟା ବେଳେ ସିଟି କଲେଜ ସାମନା କାଠଯୋଡ଼ି ନଦୀ ପଠାରେ ଜଣେ ମହିଳାଙ୍କ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ବାଦାମବାଡ଼ି ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହିଳା ଜଣକ ସାଲଓ୍ୱାର ପଞ୍ଜାବୀ ପିନ୍ଧିଥିବା ବେଳେ ତାଙ୍କ ମୁଣ୍ଡ ନିକଟରେ ଏକ ଇଟା ପଡ଼ିଥିଲା। ମୁଣ୍ଡକୁ ଛେଚାଯାଇଥିବା ଦେଖିବାକୁ ମିଳିଥିଲା। ପାଖରେ ରକ୍ତ ବି ବୋହିଥିବା ଦେଖିବାକୁ ମିଳିଥିଲା। ଶବ ନିକଟରୁ ୧୦ ଫୁଟ ଦୂରରେ ଏକ ରଙ୍ଗିନ୍ ଉଲ୍ କମ୍ବଳ ପଡ଼ିଥିବା ବେଳେ ଆଉ ୨୦ ଫୁଟ ଦୂରରେ ଏକ ପ୍ଲାଷ୍ଟିକ ମଶିଣା ପଡ଼ିଥିଲା। ଏହି ମଶିଣା ଉପରେ ରକ୍ତ ପଡ଼ିଥିବା ବେଳେ ଗୋଟିଏ ପଲିଥିନରେ ସିଲଭର୍ କଡ଼େଇ ପଶିଥିବା ବେଳେ ଦୁଇଟି ଷ୍ଟିଲ୍ ପ୍ଲେଟ୍, ମଶିଣା ନିକଟରେ କିଛି ଡିସପୋଜେବଲ ପ୍ଲେଟ, ଏକ ଧଳା ରଙ୍ଗର ପ୍ଲାଷ୍ଟିକ୍ ବ୍ୟାଗ୍, ମହିଳାଙ୍କ ହଳେ ଚପଲ ଓ ମହିଳାଙ୍କ ମୁଣ୍ଡ ଲଣ୍ଡା କରିବା ପରେ ପାଖରେ ଚୁଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ଯେଉଁ ସ୍ଥାନରେ ମହିଳାଙ୍କ ଶବ ପଡ଼ିଥିଲା, ମଶିଣା ନିକଟରୁ ସେହି ସ୍ଥାନକୁ ତାଙ୍କୁ ଘୋଷାରି ନିଆଯାଇଥିବା ଦେଖିବାକୁ ମିଳିଛି। ବାଲିରେ ଘୋଷରା ଚିହ୍ନ ଥିବା ବେଳେ ମହିଳାଙ୍କ ପାଦରେ ବି ବାଲି ଲାଗିଛି। ଘଟଣାସ୍ଥଳରେ ଏସିପି ଅଶୋକ କୁମାର ଗିରି, ବାଦାମବାଡ଼ି ଥାନା ଆଇଆଇସି ଅଜୟ କୁମାର ରାଉଳ ପହଞ୍ଚି ତଦନ୍ତ କରୁଛନ୍ତି।

# ଏସ୍ଆଇଆର: ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ



**ଭୁବନେଶ୍ୱର, ୭।୧୦(ନିପ୍ର):** ଏସଆଇଆର ଭୋଟର ତାଲିକାରେ ନାମ ସାମିଲ କରିବାକୁ ଯୋଗ୍ୟ ଥିବା ନାଗରିକମାନଙ୍କୁ ଆବେଦନ ଓ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ବୁଧବାରଠାରୁ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଅକ୍ଟୋବର ୯ ପର୍ଯ୍ୟନ୍ତ ଚାଲିବ। ଏସଆଇଆର ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କିନ୍ତୁ ବାସ୍ତବରେ ଭୋଟଦାନ ପାଇଁ ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ପ୍ରକ୍ରିୟା ମାଧ୍ୟମରେ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏଥିସହିତ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଏବଂ ଅନ୍ୟାନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରୁଥିବା ଯୁବକ-ଯୁବତୀମାନେ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। କୌଣସି କାରଣରୁ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିବା, କିନ୍ତୁ ବାସ୍ତବରେ ଭୋଟଦାନ ପାଇଁ ଯୋଗ୍ୟ ଥିବା ନାଗରିକମାନେ ମଧ୍ୟ ଏହି ଅଭିଯାନର ସୁଯୋଗ ନେଇପାରିବେ। ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ବିଏଲଓମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସଂଗୃହୀତ ତଥ୍ୟକୁ ଜିଲ୍ଲାସ୍ତରରେ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟ ପକ୍ଷରୁ ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ନାଗରିକ ନିଜ ନାମ ଭୋଟର ତାଲିକାରେ ରହିଛି କି ନାହିଁ ଯାଞ୍ଚ କରିବା ସହ ନାମ ନଥିଲେ, କିମ୍ବା ନାମ ସାମିଲ କରିବା ପାଇଁ ଯୋଗ୍ୟ ଥିଲେ, ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବେଦନ କରିବାକୁ କୁହାଯାଇଛି।

## ଦିନଲିପି ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ...

# ୧୫୦ ରୋଗୀଙ୍କ ମାଗଣା ଚକ୍ଷୁ ପରୀକ୍ଷା, ମିଳିଲା ଚଷମା

## ସମାଜସେବା କ୍ଷେତ୍ରରେ ଆଉ ଏକ ପ୍ରଶଂସନୀୟ ପଦକ୍ଷେପ




**ଭୁବନେଶ୍ୱର, ୭/୧୦(ନିପ୍ର):** ଦିନଲିପି ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନେତ୍ରମ ଗୁଡ୍ ଭିଜନ ମେଡିକାଲ୍ ଟିମ୍‌ର ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ପ୍ରାୟ ୧୫୦ ଜଣ ରୋଗୀଙ୍କ ଆଖି ପରୀକ୍ଷା କରାଯାଇଥିଲା। ଚକ୍ଷୁ ସମସ୍ୟା ସମ୍ପର୍କରେ ରୋଗୀମାନଙ୍କୁ ଆବଶ୍ୟକ ପରାମର୍ଶ ଦିଆଯିବା ସହିତ, ଆବଶ୍ୟକତା ଅନୁଯାୟୀ ମାଗଣା ଚଷମା ମଧ୍ୟ ପ୍ରଦାନ କରାଯାଇଥିଲା। ଶିବିରରେ ଚକ୍ଷୁ ବିଶେଷଜ୍ଞ ଓ ମେଡିକାଲ୍ ଟିମ୍ ରୋଗୀମାନଙ୍କ ଆଖି ପରୀକ୍ଷା କରିଥିଲେ। ବୟସ୍କଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସର ଲୋକେ ଏହି ମାଗଣା ଚକ୍ଷୁ ଚିକିତ୍ସା ସେବାର ସୁଯୋଗ ନେଇଥିଲେ। ଚକ୍ଷୁ ପରୀକ୍ଷା ପରେ ଯେଉଁ ରୋଗୀମାନଙ୍କ ପାଇଁ ଚଷମା ଆବଶ୍ୟକ ଥିଲା, ସେମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ସାଧାରଣ ଲୋକଙ୍କ ନିକଟରେ ଚକ୍ଷୁ ଚିକିତ୍ସା ସେବା ପହଞ୍ଚାଇବା ଏବଂ ଆବଶ୍ୟକତା ଥିବା ଲୋକଙ୍କୁ ସହାୟତା କରିବାର ଏଭଳି ପ୍ରୟାସକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ମଧ୍ୟ ସନ୍ତୋଷ ପ୍ରକାଶ ପାଇଛି। ଦିନଲିପି ପବ୍ଲିକ ଚାରିଟେବଲ ଟ୍ରଷ୍ଟ ଏବଂ ନେତ୍ରମ ଗୁଡ୍ ଭିଜନ ମେଡିକାଲ୍ ଟିମ୍‌ର ଏହି ପ୍ରୟାସ ମାଧ୍ୟମରେ ୧୫୦ ଜଣ ରୋଗୀ ଚକ୍ଷୁ ପରୀକ୍ଷା ସହ ଆବଶ୍ୟକ ଚଷମା ପାଇପାରିଛନ୍ତି।

## ବିଦ୍ୟାଳୟ ଛୁଟି ପରେ ରାତ୍ରିରେ ରହୁଛି ଖୋଲା !

**ପିପିଲି, ୭/୧୦(ନିପ୍ର):** ବଳଙ୍ଗା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଦିନରେ ପାଠ ପଢ଼ାଯାଉଥିବା ବେଳେ କିଛି ଅସାମାଜିକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମୁଖ୍ୟ ଫାଟକ ଖୋଲି ମଉଜ ମଜଲିସ କରୁଥିବା ଭଳି ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲି ଥିବା ବେଳେ ମୁଖ୍ୟ ଫାଟକ ଖୋଲାର କାରଣ ଜଣାପଡୁନାହିଁ। ଏଭଳି ସମସ୍ୟା ନେଇ ଜନସାଧାରଣ ଏହି ପ୍ରତିନିଧିଙ୍କୁ ନିକଟରେ ସୂଚନା ଦେବାପରେ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ଖୋଲା ଦେଖି ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ପ୍ରଧାନ ଶିକ୍ଷକ କହିଛନ୍ତି ବିଦ୍ୟାଳୟ ସମୟ ସୀମା ମଧ୍ୟରେ କାର୍ଯ୍ୟ କରି ମୁଖ୍ୟ ଫାଟକ ତାଲା ପଡିବା କଥା। ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାସ୍ତବରେ ବିଦ୍ୟାଳୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କେଉଁମାନେ ଉପସ୍ଥିତ ରହୁଛନ୍ତି ବା ଆସର ଜମାଉଛନ୍ତି ସେସଂପର୍କରେ ତଦନ୍ତ ହେଲେ ଜଣାପଡ଼ିବ ବୋଲି ବୋଲି ସ୍ଥାନୀୟ ଲୋକେ ଚର୍ଚ୍ଚା କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଅନୁସନ୍ଧାନ କରାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ରାସାୟନିକ ଦୁର୍ଘଟଣା ମୁକାବିଲା ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ୭।୧୦(ନିପ୍ର)** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାସାୟନିକ ଦୁର୍ଘଟଣାର ପ୍ରତିରୋଧ, ପ୍ରସ୍ତୁତି, ତ୍ୱରିତ ମୁକାବିଲା ଓ ଦୁର୍ଘଟଣା ପରବର୍ତ୍ତୀ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ନେଇ ଲୋକସେବା ଭବନଠାରେ ରାଜ୍ୟ ସଙ୍କଟ ଗୋଷ୍ଠୀ (ଷ୍ଟେଟ କ୍ରାଇସେସ ଗ୍ରୁପ୍)ର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାସାୟନିକ ଦୁର୍ଘଟଣା ସମୟରେ ଜନଜୀବନ ଓ ସମ୍ପତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବ ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ ଶିଳ୍ପ ବିକାଶ ସହିତ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମାନ ଗୁରୁତ୍ୱ ରହିଛି । ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ଜିଲ୍ଲା ଓ ସ୍ଥାନୀୟସ୍ତରର ଜରୁରୀକାଳୀନ ଯୋଜନା, ନିୟମିତ ମକ୍ ଡ୍ରିଲ୍, ସୁରକ୍ଷା ଅଡିଟ୍ ଓ ତଥ୍ୟଭିତ୍ତିକ ଆକଳନକୁ ଅଧିକ ପ୍ରଭାବଶାଳୀ କରାଯିବା ଆବଶ୍ୟକ । ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ରଖି ଜରୁରୀ ପରିସ୍ଥିତିରେ ତ୍ୱରିତ ଓ ସଫଳ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ ।ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକୁ ଏକ ସମନ୍ୱିତ ବ୍ୟବସ୍ଥା ଅଧୀନରେ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ ।

## ପୂଜା ଆୟୋଜନ: ଗ୍ରାଉଣ୍ଡ ରେଣ୍ଟ ଛାଡ଼

**ଭୁବନେଶ୍ୱର , ୭।୧୦ :** ଚଳିତ ପାର୍ବଣ ଋତୁରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ପୂଜା ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରାଉଣ୍ଡ ରେଣ୍ଟ ଛାଡ କରିଛନ୍ତି। ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ରାବଣପୋଡି, ଭସାଣି ଉତ୍ସବ ଓ ଏଥି ସମ୍ପୃକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂଜା କମିଟି ଗୁଡିକର ଗ୍ରାଉଣ୍ଡ ରେଣ୍ଟ ଛାଡ଼ କରିଛନ୍ତି ।ପାର୍ବଣ ଋତୁରେ ଏହି ପର୍ବ ଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଏହି ଅବଧି ଚଳିତ ଅକ୍ଟୋବର ୧୭ ତାରିଖରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଏଥିସହିତ ପୂଜା କମିଟି ଗୁଡିକୁ ଶାନ୍ତି ଶୃଙ୍ଖଳା ଓ ପରିବେଶ ଅନୁକୂଳ ଭାବେ ପୂଜା ଆୟୋଜନ କରିବାପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

## ଜନସେବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୫ ବର୍ଷ ପୂର୍ତ୍ତି

# ଭାରତ ବିଶ୍ୱ ମଞ୍ଚରେ ବିକଶିତ ରାଷ୍ଟ୍ର



**ଭୁବନେଶ୍ୱର, ୭/୧୦(ନିପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ମୁଖିଆ ଭାବେ ୨୫ ବର୍ଷର ନିରବଚ୍ଛିନ୍ନ ଜନସେବା ପୂର୍ତ୍ତି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ୭ ଅକ୍ଟୋବର ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଆରମ୍ଭ ହୋଇଥିବା ତାଙ୍କର ଏହି ସେବା ଯାତ୍ରା ଆଜି ଭାରତକୁ ବିଶ୍ୱମଞ୍ଚରେ ଏକ ଶକ୍ତିଶାଳୀ, ଆତ୍ମନିର୍ଭର ଓ ବିକଶିତ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। 'ରାଷ୍ଟ୍ର ପ୍ରଥମ' ଏବଂ 'ସବକା ସାଥ, ସବକା ବିକାଶ' ମୂଳମନ୍ତ୍ରକୁ ଆଧାର କରି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ ବୋଲି ସମସ୍ତ ନେତୃବୃନ୍ଦ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

## ପୁରୀରେ ଖୋଲାଯାଉ ଅତ୍ୟାଧୁନିକ ପ୍ରେକ୍ଷାଳୟ

**ପୁରୀ, ୭/୧୦(ନିପ୍ର):** ଶ୍ରୀକ୍ଷେତ୍ର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ଓ ପ୍ରମୁଖ ତୀର୍ଥ ସ୍ଥଳ ହେଉଥିବା ଯୋଗୁଁ ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନନ୍ଦିନ ଲକ୍ଷାଧିକ ପର୍ଯ୍ୟଟକ ଶ୍ରୀକ୍ଷେତ୍ରକୁ ଟ୍ରେନ, ବସ୍,କାର ଓ ବାଇକ୍ ଯୋଗେ ଏଠାକୁ ଆସିଥାନ୍ତି । ପର୍ଯ୍ୟଟକମାନଙ୍କ ପାଇଁ କେବଳ ଶ୍ରୀକ୍ଷେତ୍ର ବେଳାଭୂମିରେ ବୁଲି ସମୟ କାଟିବା ସହ ଅନ୍ୟ କୌଣସି ମନୋରଞ୍ଜନ ବ୍ୟବସ୍ଥା ନ ଥିବା ଦେଖାଯାଉଛି। ଅତୀତରେ ଚାରୋଟି ସିନେମା ହଲ୍ ଓ ଗୋଟିଏ ତେଲୁଗୁ ଚଳଚିତ୍ର ପ୍ରଦର୍ଶିତ ହେବା ପାଇଁ ପ୍ରେକ୍ଷାଳୟ ଥିଲେ ମଧ୍ୟ ଆଜି ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେହିପରି ବଡଦାଣ୍ଡର ଛାତି ଉପରେ ଅନ୍ନପୂର୍ଣ୍ଣା ଥିଏଟର ଏ ଗ୍ରୁପର ଏକ ସ୍ଥାୟୀ ମଞ୍ଚ ରହିଥିଲା ଯେଉଁଥିରେ କି ରାଜ୍ୟର ଖ୍ୟାତନାମା କଳାକାରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ କରାଯାଉଥିଲା । କିନ୍ତୁ ଆଜି ଆଉ ତାହା ଦେଖାଯାଉନାହିଁ ସହରରେ ଥିବା ପୌରସଂସ୍ଥାର ପୌରସଦନ ଯାହା ସଭା ସମିତି ପାଇଁ ଉଦ୍ଦିଷ୍ଟ । ବେଳେ ବେଳେ ଏହି ପୌର ସଦନ ଗୃହରେ ଓଡ଼ିଆ , ହିନ୍ଦୀ,ତେଲଗୁ, ବଙ୍ଗାଳୀ ଚଳଚିତ୍ର ପ୍ରଦର୍ଶିତ ହେଉଛି । ଯାହାଦ୍ୱାରା ସେହି ଦିନ ଗୁଡ଼ିକରେ ସଭା ସମିତି କରିବା ପାଇଁ ପ୍ରତିବନ୍ଧକ ସୃଷ୍ଟି ହେଉଛି । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ନିମନ୍ତେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ କରାଗଲେ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ହୋଇପାରିବ ବୋଲି ବିଭିନ୍ନମହଲରେ ଦାବି କରାଯାଇଛି ।

## ୧୩ ବିଶ୍ୱବିଦ୍ୟାଳୟରେ ହେବ ଛାତ୍ର ସଂସଦ ନିର୍ବାଚନ

**ଭୁବନେଶ୍ୱର, ୭/୧୦(ନିପ୍ର):** ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ ଏଥର ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏହା ସହ ଆଉ ୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ନକରି ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ନେତା ବଛାଯିବେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ବିଭାଗର ସୂଚନା ଅନୁସାରେ, ନିର୍ଦ୍ଦିଷ୍ଟ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଭୋଟ୍ ଦେଇ ସେମାନଙ୍କ ପ୍ରତିନିଧି ଚୟନ କରିବେ। ଫଳରେ ଦୀର୍ଘ ସମୟ ପରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ରାଜନୀତି ଓ ନିର୍ବାଚନୀ ପ୍ରକ୍ରିୟା ପୁଣି ସକ୍ରିୟ ହେବାର ବାଟ ଖୋଲିଛି। ଅନ୍ୟପକ୍ଷରେ, ୩ଟି ବିଶ୍ୱବିଦ୍ୟାଳୟରେ ସିଧାସଳଖ ନିର୍ବାଚନ ହେବ ନାହିଁ। ସେଠାରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ନେତା ଚୟନ କରାଯିବ। ଏହି ତାଲିକାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ରହିଛି। ଏହା ସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମଧ୍ୟ ଚୟନ ମାଧ୍ୟମରେ ଛାତ୍ର ନେତା ବଛାଯିବେ। ଉଚ୍ଚ ଶିକ୍ଷା ବିଭାଗର ଏହି ନିଷ୍ପତ୍ତି ପରେ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ର ନିର୍ବାଚନକୁ ନେଇ ଉତ୍ସାହ ବଢ଼ିଛି।

## ଓଡ଼ିଶା ବନ୍ଦରେ ସାମିଲ ହେବନି କଟକ ମାଲଗୋଦାମ; ଜାରି ରହିବ କାରବାର

**କଟକ, ୭/୧୦(ନିପ୍ର):** କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡି' ମେଣ୍ଟ ପକ୍ଷରୁ ଆସନ୍ତାକାଲି 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଥିବା ବେଳେ ଏଥିରେ ସାମିଲ ହେବ ନାହିଁ କଟକ ମାଲଗୋଦାମ ବ୍ୟବସାୟୀ ସଂଘ। ସଂଘ ପକ୍ଷରୁ କୁହାଯାଇଛି ଯେ ସେମାନେ ହଠାତ୍ ଏହି ବନ୍ଦ ଡାକରାକୁ ସମର୍ଥନ କରିବା ସ୍ଥିତିରେ ନାହାନ୍ତି। ଯେକୌଣସି ରାଜନୀତିକ ଦଳ କିମ୍ବା ସଂଗଠନ ଓଡ଼ିଶା ବନ୍ଦ କିମ୍ବା ଭାରତ ବନ୍ଦ ଡାକରା ଦେଲେ, ସେମାନେ ପ୍ରଥମେ ଲିଖିତ ଭାବେ ଅନୁରୋଧ ପତ୍ର ଦିଅନ୍ତି। ତା' ପରେ ସଂଘ ଏହି ବିଷୟରେ ଆଲୋଚନା କରେ। କେବଳ କଟକ ଚାମ୍ବର ଅଫ୍ କମର୍ସ ନୁହେଁ, ଏହା ସହିତ ରାଇସ୍ ମର୍ଚ୍ଚାଣ୍ଟ ଆସୋସିଏସନ୍, ରିଟେଲ୍ ଡିଲର୍ ଆସୋସିଏସନ୍, ଲେବର ଆସୋସିଏସନ୍ ଏବଂ ଟ୍ରକ୍-ଲରୀ ଆସୋସିଏସନ୍ ଭଳି ଆଉ ୫ଟି ସଂସ୍ଥା ଜଡ଼ିତ ଅଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ମିଳିତ ଭାବେ ନିଷ୍ପତ୍ତି ନିଆଯାଏ। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ସ୍ପଷ୍ଟ କରିଛନ୍ତି ଯେ ମାଲଗୋଦାମରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ହୋଇଥାଏ। ଏହା ଉପରେ ରାଜ୍ୟର ୬ରୁ ୭ଟି ଜିଲ୍ଲା ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ବ୍ୟବସାୟୀମାନେ ଅତ୍ୟାବଶ୍ୟକ ସାମଗ୍ରୀ କାରବାର କରୁଥିବାରୁ ସେମାନେ ଚାହିଁଲେ ବି ହଠାତ୍ ବନ୍ଦ କରିପାରିବେ ନାହିଁ। ଓଡ଼ିଶାର ଗଣତାନ୍ତ୍ରିକ ଅଧିକାର ଓ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡି' ମେଣ୍ଟ ଆସନ୍ତାକାଲି ବନ୍ଦ ଡାକରା ଦେଇଛି।

## 'ଦିଲ୍ଲୀରୁ ଫୋନ୍ ଆସିଲା ବୋଲି ବିଜେଡି ଡରିଗଲା'

**ଭୁବନେଶ୍ୱର, ୭/୧୦(ନିପ୍ର):** ଓଡ଼ିଶା ବନ୍ଦକୁ ସମର୍ଥନ କରିବା ନେଇ ବିଜେଡିର ୟୁଟର୍ଣ୍ଣ ପ୍ରସଙ୍ଗରେ ବିଜେଡିକୁ କଟାକ୍ଷ କରିଛି କଂଗ୍ରେସ। ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ବିଜେଡି ହେଉଛି ଦିଗହରା ପାର୍ଟି, ବିଜେପି ସହ ରହିବାର ଅଭ୍ୟାସ ଅଛି । କାଲି ବିଜେଡି ସାଂସଦ ଦିଲ୍ଲୀରେ ଇଣ୍ଡି ମେଣ୍ଟକୁ ସମର୍ଥନ କଲେ। ଆଜି ସକାଳେ କହିଲେ ଇଣ୍ଡି ମେଣ୍ଟର କାଲି ଓଡିଶା ବନ୍ଦକୁ ସମର୍ଥନ କରିବୁ। ଏବେ ପୁଣି କହିଲେ କରିବୁନି। ବିଜେଡି ଉପରେ ବିଜେପିର ଚାପ ରହୁଛି। ଦିଲ୍ଲୀରୁ ଫୋନ୍ ଆସିଲା ଡରିଗଲେ, ବିଜେଡି ଦୋମୁହାଁ ନୀତି ଆପଣାଉଛି ବୋଲି କହିଛନ୍ତି ସନ୍ତୋଷ ସିଂ ସାଲୁଜା ।

## 'ସୁପ୍ରିମକୋର୍ଟ ଖୁବ୍‌ଶୀଘ୍ର ବିଚାର କରିବ'

**ନୂଆଦିଲ୍ଲୀ,୭।୧୦:** ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ବୁଧବାର କହିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କ ନିଯୁକ୍ତି ସମ୍ବନ୍ଧୀୟ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରୁଥିବା ମାମଲାକୁ ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ ନିକଟକୁ ପଠାଇବା ସମ୍ପର୍କିତ ନିକଟସ୍ଥ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଦାଖଲ ହୋଇଥିବା ଆବେଦନକୁ ତାଲିକାଭୁକ୍ତ କରିବା ବିଷୟରେ ସୁପ୍ରିମକୋର୍ଟ ଖୁବ୍ ଶୀଘ୍ର ବିଚାର କରି ନିଷ୍ପତ୍ତି ନେବେ ।ସିଜେଆଇ ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ବେଞ୍ଚ ସମ୍ମୁଖରେ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ୍ (ଆଇନଜୀବୀ ବିଶାଳ ସିହ୍ନାଙ୍କ ସହ) ଏହି ଆବେଦନର ଜରୁରୀ ଶୁଣାଣି ପାଇଁ ପ୍ରସ୍ତାବ ରଖିବା ପରେ ଏହି ମନ୍ତବ୍ୟ ଆସିଥିଲା।

## ଚାଲିବ ପୂଜା ସ୍ପେଶାଲ୍ ଟ୍ରେନ

**ଭୁବନେଶ୍ୱର, ୭/୧୦(ନିପ୍ର):** ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ପାର୍ବଣ ଋତୁରେ ଯାତ୍ରୀ ଭିଡ଼ ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ସହ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଗୁଡ଼ିକରେ ଅତିରିକ୍ତ ପୂଜା ସ୍ପେଶାଲ୍ ଟ୍ରେନ ଚଳାଚଳ କରାଯିବ। ଟ୍ରେନ ନମ୍ବର ୦୩୧୦୧ ସିଆଲଦାହ–ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ପ୍ରତ୍ୟେକ ଶନିବାର ଅକ୍ଟୋବର ୧୭, ୨୪ ଓ ୩୧ ଏବଂ ନଭେମ୍ବର ୦୭, ୧୪, ୨୧ ଓ ୨୮ରେ ଚଳାଚଳ କରିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍–ସିଆଲଦାହ ସ୍ପେଶାଲ୍ ପ୍ରତ୍ୟେକ ରବିବାର ଅକ୍ଟୋବର ୧୮ ଓ ୨୫, ଏବଂ ନଭେମ୍ବର ୦୧, ୦୮, ୧୫, ୨୨ ଓ ୨୯ରେ ଚଳାଚଳ କରିବ।

# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା

**ଭୁବନେଶ୍ୱର, ୭/୧୦(ନିପ୍ର):** ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଏମଏମଡିଆର ଆଇନ-୨୦୨୬ର ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ପ୍ରଭୃତି ଦାବି ନେଇ ବୁଧବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଏବଂ ଇଣ୍ଡିଆ ବ୍ଲକର ରାଜନୈତି ଦଳ ମାନଙ୍କ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରତିବାଦ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଡିସିସି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଇନ୍ଦିରା ଗାନ୍ଧୀ ପାର୍କ ଠାରୁ ବାହାରି ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚିଥିଲା। ସେଠାରେ ଉପସ୍ଥିତ ନେତୃବୃନ୍ଦ ରାଷ୍ଟ୍ରୀୟ ସଂଗୀତ ଗାନ କରିଥିଲେ। ପରେ ସମ୍ବିଧାନର ୩୨୬ ଧାରା ପାଠ କରାଯାଇଥିଲା ଏବଂ ଭୋଟ ଚୋରି ଘଟଣାରେ କମିଶନର ଜ୍ଞାନେଶ କୁମାରଙ୍କ କୁଶପୁତଳିକ ଦାହ କରାଯାଇଥିଲା। ଇଣ୍ଡିଆ ବ୍ଲକ ରାଜନୈତିକ ଦଳର ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ମହେନ୍ଦ୍ର ପରିଡ଼ା, ସୁରେଶ ପାଣିଗ୍ରାହୀ, ପ୍ରଦୀପ ପ୍ରଧାନ, ସୁର ଜେନା, ଜୟନ୍ତ ଦାସ, ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଦୋରା, ଶିବ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ।





'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ଜନସଭା(ବାମ) ମଶାଲ ଶୋଭାଯାତ୍ରା (ଡାହାଣ) (ଫଟୋ-ଦିନଲିପି)

## ଭାପୁର ଚାଷୀକୁଳର ଦାବି

# କଣ୍ଟେଇମୁଣ୍ଡି ବାଇଗଣକୁ ଆଦୃତ କରିବାକୁ ହେଉ ସ୍ୱତନ୍ତ୍ର ଯୋଜନା

## ପ୍ରଚାର ଓ ପ୍ରସାର , ବିକ୍ରୀବଟା ପାଇଁ କରାଯାଉ ବ୍ୟବସ୍ଥା

**ଭାପୁର, ୭/୧୦(ନିପ୍ର):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ମହାନଦୀ ଅବବାହିକା ର ପଥରଚକଡା, ମାଧପୁର ଏବଂ ଫତେଗଡ଼ ପଞ୍ଚାୟତରେ ବହୁଳ ପରିମାଣରେ ଚାଷ କରାଯାଉଥିବା କଣ୍ଟେଇମୁଣ୍ଡି ବାଇଗଣକୁ ରାଜ୍ୟ ସରକାର ଗତ ଦୁଇ ବର୍ଷ ହେଲା ଜି.ଆଇ.ଟ୍ୟାଗ ଦେଇଛନ୍ତି। ଜିଲ୍ଲାରେ କୌଣସି କୃଷିଜାତ ଦ୍ରବ୍ୟକୁ ଜିଆଇ ଟ୍ୟାଗ ମିଳି ନ ଥିବାବେଳେ ପ୍ରଥମ କରି କଣ୍ଟେଇମୁଣ୍ଡି ବାଇଗଣକୁ ଭୌଗୋଳିକ ପରିଚିତ ମିଳିଥିବାରୁ ଚାଷୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା କାରଣ ଏହି ବାଇଗଣ ସାରା ବିଶ୍ୱରେ ପରିଚିତ ଲାଭ କରିବ ଆଶାରେ ଚାଷୀଙ୍କ ଛାତି କୁଣ୍ଢେମୋଟ ହୋଇଯାଇଥିଲା। ସରକାର ଏହି ଚାଷକୁ ଅଧିକ ଗୁରୁତ୍ୱ ଦେଇ ପ୍ରୋତ୍ସାହନ ଦେବା ଆଶାରେ ଚାଷୀମାନେ ଖୁସି ହୋଇଯାଇ ଥିଲେ। କିନ୍ତୁ,ସରକାରଙ୍କ ସେମିତି କୌଣସି ଆଖିଦୃଶିଆ ଉଦ୍ୟମ ନ ଥିବାରୁ କଣ୍ଟେଇମୁଣ୍ଡି ବାଇଗଣ ଚାଷ ପ୍ରତି ଚାଷୀ ବୀତସ୍ପୃହ ହୋଇପଡିଲେଣି। ଉଲ୍ଲେଖଯୋଗ୍ୟ, ଏହି କଣ୍ଟାଯୁକ୍ତ



ବାଇଗଣ ତଳି ଲଗେଇବା ଠାରୁ ଫଳ ଧରିବା ପର୍ଯ୍ୟନ୍ତ ପ୍ରାୟ ଦୁଇ ମାସ ସମୟ ଲାଗିଥାଏ। ସେହି ଦୁଇ ମାସ ପର୍ଯ୍ୟନ୍ତ ଚାଷୀ ବାଇଗଣ ଗଛର ଅଧିକ ସେବା ଯତ୍ନ ନେଇଥାଏ ।ସରକାର କେବଳ କଣ୍ଟେଇମୁଣ୍ଡିକୁ ଜିଆଇ ଟ୍ୟାଗ୍‌ରେ ସୀମିତ ନ ରଖି ଏହି ଚାଷକୁ ଲୋକାଭିମୁଖୀ କରିବାକୁ ସ୍ୱତନ୍ତ୍ର ଯୋଜନା ସହିତ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା କରିବାକୁ ପଡିବ ବୋଲି ଚାଷୀମାନେ କହିଛନ୍ତି ।ଏହାକୁ କିପରି ବ୍ୟାପକ ଭାବେ ଚାଷ କରାଯିବ ସେଥିପାଇଁ ସରକାର ଆନୁସଙ୍ଗିକ ସୁବିଧା ଯୋଗେଇଦେବା ସହିତ ପ୍ରଚାର ଓ ପ୍ରସାର , ବିକ୍ରୀବଟା ପାଇଁ ବ୍ୟାପକ ବ୍ୟବସ୍ଥା କରିବା ଉଚିତ। ଏହି ବାଇଗଣକୁ ସର୍ବତ୍ର ଆଦୃତ କରିବା ନିମନ୍ତେ କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗେଇ ଦେବା ପାଇଁ ଭାପୁର ବ୍ଲକର ଚାଷୀମାନେ ଦାବି କରିଛନ୍ତି ।

34001/969/2627

OFFICE OF THE SUPERINTENDING ENGINEER
KENDRAPARA (R&B) DIVISION No.II, KENDRAPARA
E-mail eerandbdivn2kpd@gmail.com, Tel No.06727-220408

GOVERNMENT OF ODISHA "e" procurement Notice

E-procurement Notice for Civil work

Bid Identification No – S.E. (RnB) KPD-II- 03/2026-27

| | |
|---|---|
| 1. No of works | :- 6 Nos of Road Work |
| 2. Estimated Cost | :- Rs. 3.79Lakhs to 5.31 Lakhs |
| 3. Period of Completion | :-01 (One) Calendar Month |
| 4. Date& time of sale & receipt of bid Document | :-From 10.00 A.M of 09.10.2026 to 5.00 P.M of 14/10/2026 |
| 5. Last Date/ time of receipt of bids | :-5.00 P.M of 14/10/2026 |
| 6. Date& time of opening of Bids | :-11.00 A.M of 15/10/2026 |
| 7. Name and Address of the Inviting Bid | :- Superintending Engineer, Kendrapara (R&B) Division-II, Kendrapara |

Further details with any addendum, corrigendum, cancellation can be seen from the state Govt. Portal"https://tendersorissa.gov.in"

OIPR-34001/34158/1/26-27/0004

Superintending Engineer
Kendrapada (R&B) Division-II

LOST

By virtue of an affidavit sworn before the Notary Public , Tangi affidavit No-2045 dtd. 05.10.2026. I Santilata Rautaray, W/o-Sadananda Jena, At-Nirakarpur, Nanapada, Po/Ps-Nirakarpur, Dist-Khordha sold Mouza-Nanapada, Khata No-745/693, Plot No-848/3087, ARea-0.100 dc to me vide. R.S.D. NO-1668 of 2009. But unfortunately that document R. S. D has been Lost somewhere in my house. Despite my best effort. I could not trace it out. Anyone who finds that document please inform Nirakarpur Police Station. Khordha.

Sd/-Santilata Routray

AFFIDAVIT

By virtue of an affidavit sworn before The Notary Public, Bhubaneswar, Khordha dtd.06.10.2026, I, Kanak Lata Sahoo W/o-Bansidhar Sahoo, At-Dewanpatna, Banamalipur, Ps-Balipatna, Dist-Khordha, Odisha, Pin-752103 do hereby declare that in Aadhar Card No.971349197249, my name is wrongly recorded as Kanakalam Sahu. Henceforth, I shall be known as Kanak Lata Sahoo for all purposes.

Sd/-Kanak Lata Sahoo

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ